R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୬୧
ତିଥି : ଏକାଦଶୀ
୨୬ ଜୁନ୍ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 261
26 June 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଭୂକମ୍ପରେ ଭେନେଜୁଏଲା ଧ୍ୱସ୍ତବିଧ୍ୱସ୍ତ

# ୧୦ ହଜାର ମୃତ!

ନୂଆଦିଲ୍ଲୀ, ୨୫।୬ : ଭେନେଜୁଏଲାରେ ମାତ୍ର ୩୯ ସେକେଣ୍ଡ ବ୍ୟବଧାନରେ ଦୁଇ ଦୁଇଟି ବଡ଼ ଭୂ-କମ୍ପ ହେବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି । ୧୦,୦୦୦ରୁ ଊର୍ଦ୍ଧ୍ୱ ମୃତ୍ୟୁ ହୋଇଥିବା ଆଶଙ୍କା ପ୍ରକାଶ ପାଇଛି । ତେବେ ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ଡେଲସି ରୋଡାରିଗେଜ କହିଛନ୍ତି ୧୬୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୯୭୧ ଜଣ ଆହତ ହୋଇଛନ୍ତି । ସେଠାରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜୋରଦାର କରାଯାଇଛି । ଲଗାତାର ଭାବେ ଆସିଥିବା ଦୁଇଟି (୯ ପୃଷ୍ଠାରେ)



## ପାସ୍‌ପୋର୍ଟ ଫି ବଢ଼ିଲା

ନୂଆଦିଲ୍ଲୀ,୨୫।୬: କେନ୍ଦ୍ର ସରକାର ପାସପୋର୍ଟ ଫି ବୃଦ୍ଧି କରିଛନ୍ତି । ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ବର୍ତ୍ତମାନ ହେବାକୁଥିବା ୩୬ ପୃଷ୍ଠାର ପାସପୋର୍ଟର ମୂଲ୍ୟ ଦେଢ଼ ହଜାରରୁ ଅଢ଼େଇ ହଜାରକୁ ବୃଦ୍ଧି କରାଯାଉଛି । ସେହିଭଳି ତତ୍କାଳ ପାସପୋର୍ଟ ଲାଗି ଦେୟ ୩,୫୦୦ରୁ ୫୦୦୦ ଟଙ୍କାକୁ ବୃଦ୍ଧି କରାଯାଉଛି । ୧୪ ବର୍ଷ ପରେ ସରକାର ପାସପୋର୍ଟ ଦେୟ ବଢ଼ାଇଛନ୍ତି । ଜୁଲାଇ ପହିଲାରୁ ଏହା ଲାଗୁ କରାଯିବ ।

ଗତକାଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ପାସପୋର୍ଟକୁ ଏକ ପରିଭ୍ରମଣର ଏକ ଦସ୍ତାବିଜ ବୋଲି କୁହାଯାଇଥିଲା । ଏହା ଭାରତୀୟ (୯ ପୃଷ୍ଠାରେ)

# ବିଜେଡ଼ିରେ ସାମିଲ ହେଲେ ସୁଜାତା

ଭୁବନେଶ୍ୱର,୨୫।୬(ସବ୍ୟୁ) : ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରୁ ଅବସର ନେଇଥିବା ୨୦୦୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ସୁଜାତା ରାଉତ ବିଧିବଦ୍ଧ ଭାବେ ଆଜି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି ।

### ୨୦୨୯ ନିର୍ବାଚନ ମୋ ନେତୃତ୍ୱରେ ଲଢ଼ାଯିବ : ନବୀନ

ତାଙ୍କ ସରକାରୀ ଚାକରିକାଳର ୨୪ ବର୍ଷ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ସମୟରେ ହୋଇଥିଲା । ଏବେ ସେ ବିଜେଡିରେ (୯ ପୃଷ୍ଠାରେ)



## ଆଶ୍ରମ, ପୁଷ୍କରା, ମାଇଁ ସୁଇଟ୍ ହାଉସ୍ ୱାଇଫ୍ ଶ୍ରେଷ୍ଠ ଚଳଚ୍ଚିତ୍ର

### ୨୦୨୩, ୨୦୨୪ ଲାଗି ଚଳଚ୍ଚିତ୍ର ପୁରସ୍କାର ଘୋଷଣା

ଭୁବନେଶ୍ୱର,୨୫।୬(ସବ୍ୟୁ): ରାଜ୍ୟ ସରକାର ୨୦୨୩ ଓ ୨୪ ଲାଗି ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରିଛନ୍ତି । ୨୦୨୩ ପାଇଁ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ 'ପୁଷ୍କରା, ମାଇଁ ସୁଇଟ ହାଉସ ହ୍ୱାଇଫ' ମିଳିତ ଭାବେ ମନୋନୀତ ହୋଇଥିବା ବେଳେ ୨୦୨୪ ଲାଗି 'ଆଶ୍ରମ' ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ମନୋନୀତ ହୋଇଛି । ୨୦୨୩ ପାଇଁ ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଓ ୨୦୨୪ ପାଇଁ ନମ୍ରତା ଦାସଙ୍କୁ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ ପ୍ରଦାନ କରାଯିବ । ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଜୁରି ଅଧ୍ୟକ୍ଷ ପ୍ରଣବ ଦାସ ଓ ସଂସ୍କୃତି ବିଭାଗ ସଚିବ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।

ସୂଚନା ଅନୁଯାୟୀ ୨୦୨୪ ଲାଗି ତନ୍ମୟ ମହାନ୍ତି (ବାବୁ ସାନ)ଙ୍କୁ ଶ୍ରେଷ୍ଠ ଅଭିନେତା ଓ ୨୦୨୩ ଲାଗି ହରିହର ମହାପାତ୍ରଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ଚୟନ କରାଯାଇଛି । ୨୦୨୩ ଲାଗି ପିନାକୀ ସିଂଙ୍କୁ ଶ୍ରେଷ୍ଠ (୯ ପୃଷ୍ଠାରେ)

# ସାଇକେଲରେ ଶ୍ମଶାନ ଗଲା ଶବ

ପଦ୍ମପୁର, ୨୫।୬ (ସବ୍ୟୁ): ମୃତ୍ୟୁ ପରେ ମଧ୍ୟ ଜଣେ ମଣିଷଙ୍କୁ ସମ୍ମାନର ସହ ଶେଷ ବିଦାୟ ମିଳିବା ତାଙ୍କର ଅଧିକାର । କିନ୍ତୁ ଆଧୁନିକ ସମାଜରେ ମଧ୍ୟ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି, ଯାହା ମାନବିକତାକୁ ନେଇ ଗଭୀର

### ହଜିଗଲା ମାନବିକତା

ପ୍ରଶ୍ନ ଉଠାଇଛି । କୋକେଇ କିମ୍ବା ଅନ୍ୟ କୌଣସି ଯାନ ନୁହେଁ, ଏକ ସାଇକେଲରେ ବୁହା ହୋଇ ଶ୍ମଶାନକୁ ଗଲା ଜଣେ ୮୦ ବର୍ଷୀୟା ବୃଦ୍ଧାଙ୍କ ମର ଶରୀର । ଏଭଳି ଏକ ହୃଦୟ ବିଦାରକ (୯ ପୃଷ୍ଠାରେ)



## ଯୁବ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

ବାଲେଶ୍ୱର, ୨୫।୬ (ସବ୍ୟୁ) : କିଛିମାସ ହେବ ବାଲେଶ୍ୱର ସହର ଅପରାଧ ପ୍ରବଣ ହୋଇପଡ଼ିଥିବା ବେଳେ ବିଶେଷ କରି ସହଦେବଖୁଣ୍ଟା ଥାନା ଅଂଚଳରେ କ୍ରମାଗତ ଅପରାଧ ପୁଲିସ ପାଇଁ ଚିନ୍ତାର କାରଣ ହୋଇଛି । ଗତ ୨୪ ତାରିଖ ବୁଧବାର ଦିନ ଅରଡବଜାର ଅଞ୍ଚଳରୁ ୫ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ବନ୍ଧୁକ, ଗୁଳି ଏବଂ ବିଭିନ୍ନ ମାରଣାସ୍ତ୍ର ଜବଦ କରାଯାଇଥିଲା ବୋଲି ପୋଲିସ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲା ।

ଏହି ଘଟଣାର ୨୪ ଘଣ୍ଟା ପରେ ଗୁରୁବାର ଅପରାହ୍ନରେ ସେହି ଅରଡବଜାର ଅଞ୍ଚଳରେ ସେକ୍ ହମିଦ୍ (୪୮) ନାମକ ଜଣେ ବ୍ୟବସାୟୀଙ୍କୁ ସ୍ପଷ୍ଟ ଦିବାଲୋକରେ ଗୁଳିକରି ହତ୍ୟାକରିବା ଘଟଣା ସମଗ୍ର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ଘଟଣାରୁ ପ୍ରକାଶ ରେମୁଣାର ଫ୍ରିଡମ କାର ଫେସନର ମାଲିକ ତଥା ଯୁବ ବ୍ୟବସାୟୀ ହମିଦ ବାଲେଶ୍ୱର ଅରଡବଜାର ଅଞ୍ଚଳକୁ ନିଜ କାରରେ ଆସିଥିଲେ । କାରରୁ ଓହ୍ଲାଇବା ମାତ୍ରେ ଏକ ବାଇକରେ ୨ଜଣ ଯୁବକ ତାଙ୍କ ନିକଟରେ ପହଞ୍ଚି ତାଙ୍କ ଉପରକୁ ଅତର୍କିତ ଗୁଳି ଚାଳନା (୯ ପୃଷ୍ଠାରେ)



## ସୋସିଆଲ କୋଟ୍ସ



ଆମେ ନିଷ୍ପତ୍ତି ନେଇଥିଲୁ କି ଆମେ କେବଳ କଣ୍ଟେଣ୍ଟ୍ ଉପରେ ଧ୍ୟାନ ଦେବୁ । ତେଣୁ ପ୍ରଥମରୁ ମାର୍କେଟିଂ ଇଭେଣ୍ଟ୍ କରିଥିଲୁ । ତାପରେ ପ୍ରମୋସନ ଉପରେ ବିଶେଷ ଧ୍ୟାନ ଦେଇଥିଲୁ ।

କାର୍ତ୍ତିକ ଆରିୟନ, ଅଭିନେତା



ସତ୍ୟ ପ୍ରେମ କି କଥାର ପ୍ରମୋସନ ପାଇଁ ଟିମ୍ ଯେଉଁ ନିଷ୍ପତ୍ତି ନେଇଥିଲେ ତାହା ବେଶ ଭଲଥିଲା । ଲାଗିଥିଲା ତାଙ୍କର ଏହି ଟ୍ରିକ କାମ କରିଥିଲା, ଯାହା ଫିଲ୍ମକୁ ମିଳିଥିଲା ।

କିଆରା ଆଡଭାନି, ଅଭିନେତ୍ରୀ



ମୁଁ ୩୩ ବର୍ଷରେ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲି । ପ୍ରଥମରୁ ମୋତେ ବହୁତ ସଂଘର୍ଷ କରିବାକୁ ପଡିଛି । ମୁଁ ପ୍ରଥମେ ମୋର ହାଇଟ୍‌କୁ ନେଇ କନଫିଡେଣ୍ଟ ନଥିଲି । ହେଲେ ପରେ ଧୀରେଧୀରେ ସବୁ ଠିକ୍ ହେଲା ।

ସରିବ ହାସମି, ଅଭିନେତା

## ପୋଷଣରେ ଭରପୂର ପଣସ



ଖରା ଓ ବର୍ଷା ଦିନେ ମିଳୁଥିବା ପୁଷ୍ଟିକର ଫଳ ପଣସକୁ ଏହାର ସ୍ୱାଦ ଏବଂ ଗୁଣ ପାଇଁ 'ପୋଷକ ତତ୍ତ୍ୱର ଗନ୍ତାଘର' ବୋଲି କୁହାଯାଏ । ଏଥିରେ ଥିବା ଫାଇବର, ଭିଟାମିନ୍ ସି, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଓ ଆଣ୍ଟି-ଅକ୍ସିଡାଣ୍ଟ ଆଦି ପାଚନ କ୍ରିୟା, ରୋଗ ପ୍ରତିରୋଧକ ଶକ୍ତି ଏବଂ ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । 'ଇଣ୍ଟରନ୍ୟାସନାଲ୍ ଜର୍ଣ୍ଣାଲ୍ ଅଫ୍ ଫୁଡ୍ ସାଇନ୍ସ'ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ପଣସରେ ପ୍ରୋଟିନ୍, ଭିଟାମିନ୍, ମିନେରାଲ୍ସ ଓ ଫାଇଟୋକେମିକାଲ୍ସ ଭଳି ଉପାଦାନ ରହିଛି, ଯାହା ଶରୀରର ଇନଫ୍ଲାମେସନ କମାଇବା, ବ୍ୟାକ୍ଟେରିଆ ବିରୋଧରେ ଲଢ଼ିବା ଏବଂ କ୍ୟାନ୍ସର ଆଶଙ୍କା ହ୍ରାସ କରିବାରେ ସହାୟକ ହୋଇଥାଏ । ବିଶେଷଜ୍ଞଙ୍କ ଅନୁସାରେ, ପ୍ରତିଟି ପୁଷ୍ଟିକର ଜିନିଷ ସମସ୍ତଙ୍କ ପାଇଁ ଲାଭଦାୟକ ହେବା ଜରୁରୀ ନୁହେଁ, କାରଣ କିଛି ଲୋକଙ୍କ କ୍ଷେତ୍ରରେ ପଣସ ଯୋଗୁଁ ଆଲର୍ଜି ବା ପାଚନ ଜନିତ ସମସ୍ୟା ଦେଖାଦେଇପାରେ । ସେହିଭଳି କଞ୍ଚା ଓ ପାଚିଲା ପଣସର ପୋଷକ ମୂଲ୍ୟ ସମାନ ନଥାଏ । କଞ୍ଚା ପଣସରେ ଷ୍ଟାର୍ଚ ଓ ଫାଇବରର ମାତ୍ରା ଅଧିକ ଥିବାରୁ ଏହାର ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥାଏ ଏବଂ ଏହା ରକ୍ତରେ ଶର୍କରା ବା ବ୍ଲଡ୍ ସୁଗାର୍‌କୁ ଶୀଘ୍ର ବଢ଼ିବାକୁ ଦିଏନାହିଁ । ସେହିପରି ପଣସ ପାଚିବା ପରେ ଏହାର ଷ୍ଟାର୍ଚ ପ୍ରାକୃତିକ ସୁଗାର୍‌ରେ ପରିଣତ ହୋଇଯାଇଥାଏ । ତେଣୁ ଏହାକୁ ଖାଇବା ପୂର୍ବରୁ ନିଜ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ଡାକ୍ତରଙ୍କ ପାଖରୁ ନିଅନ୍ତୁ, ଯେ ଆପଣ ଏହାକୁ କେଉଁ ପ୍ରକାରରେ ଖାଇପାରିବେ ପାଚିଲା ନା କଞ୍ଚା ।

## ବିରଳ ରେକର୍ଡ଼



ଅଷ୍ଟ୍ରେଲିଆର କ୍ୟାନବେରାରେ ରହୁଥିବା ୫୮ ବର୍ଷୀୟ ଜୋସେଫ୍ ମୈକଗ୍ରେଲ୍-ବେଟଅପ୍ ଏକ ଜେଟ୍ ବିମାନର ଉଡ଼ାଣର ଗର୍ଜନ ସଦୃଶ ଅତ୍ୟନ୍ତ କ୍ଷୀପ୍ର ପାଟିରେ ଚିତ୍କାର କରି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ନିଜ ନାମ ସାମିଲ କରିଛନ୍ତି । ଯେଉଁଠି ସେ ଏକ ରେଡିଓ ଷ୍ଟୁଡିଓରେ "ନାଓ" ଶବ୍ଦ ଚିଲ୍ଲାଇଥିଲେ ଯାହା ୧୨୨.୪ ଡେସିବଲ୍‌ର ଥିଲା । ପୂର୍ବରୁ ୧୨୧.୭ ଡେସିବଲ୍‌ର ପୁରୁଣା ରେକର୍ଡକୁ ଉକ୍ତ ବ୍ୟକ୍ତି ଭାଙ୍ଗିବାରେ ସଫଳ ହୋଇଛନ୍ତି । ଏହି ବିଶ୍ୱ ରେକର୍ଡ ସୃଷ୍ଟି କରିବା ପାଇଁ ଜୋସେଫଙ୍କୁ ୭ ଥର ଚେଷ୍ଟା କରିବାକୁ ପଡ଼ିଥିଲା । ମେ' ୨ ତାରିଖରେ ହୋଇଥିବା ଏହି ରେକର୍ଡିଂ ପାଇଁ କ୍ରମାଗତ ପ୍ରୟାସ ଯୋଗୁଁ ଅନେକ ଦିନ ଧରି ତାଙ୍କ ଗଳା ବସିଯାଇଥିଲା । ଏହି ରେକର୍ଡ ପାଇଁ ଅଭ୍ୟାସ କରିବା ତାଙ୍କ ପାଇଁ ଆଦୌ ସହଜ ନଥିଲା । ପେଶାରେ ଜଣେ ଏସି ସଫା କରୁଥିବା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଜୋସେଫ୍ ପୂର୍ବରୁ ଧନୁର୍ବିଦ୍ୟାରେ ମଧ୍ୟ ଏକ ବିଶ୍ୱ ରେକର୍ଡ ନିଜ ନାମରେ କରିସାରିଛନ୍ତି । ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ପକ୍ଷରୁ ନିକଟରେ ତାଙ୍କର ଏହି ନୂତନ ସଫଳତାକୁ ଆଧିକାରିକ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି ।

## ଭାଲୁ ହେବାପାଇଁ ୧୪ ଲକ୍ଷ ଦରମା



ଚୀନ୍‌ର ହେନାନ ପ୍ରଦେଶରେ ଥିବା ଲୁଓହେ ୱାଇଲ୍ଡଲାଇଫ୍ ଜୁ'ରେ ଭାଲୁ ସାଜିବା ପାଇଁ ଏକ ଅଜବ ଚାକିରି ବାହାରିଛି । ଯେଉଁଥିରେ ମନୋନୀତ ବ୍ୟକ୍ତିଙ୍କୁ କଳା ଭାଲୁର କଷ୍ଟ୍ୟୁମ୍ ପିନ୍ଧି ଚିଡ଼ିଆଖାନାରେ ବୁଲିବା ସହ ପର୍ଯ୍ୟଟକମାନଙ୍କ ସହ କଥାହେବାକୁ ପଡ଼ିବ । ତେବେ ଏଥିପାଇଁ ବାର୍ଷିକ ୧ ଲକ୍ଷ ୟୁଆନ୍ ବା ପ୍ରାୟ ୧୪ ଲକ୍ଷ ଟଙ୍କାର ଦରମା ପ୍ୟାକେଜ୍ ମିଳିବ । ଏହି ଚାକିରିର ସର୍ତ୍ତ ମୁତାବକ ଡ୍ୟୁଟି ସମୟରେ କଥାବାର୍ତ୍ତା କରିବା ସମ୍ପୂର୍ଣ୍ଣ ମନା ହୋଇଥିବାବେଳେ ଆବଶ୍ୟକ ପଡ଼ିଲେ କର୍ମଚାରୀମାନେ କେବଳ ଭାଲୁ ଭଳି ଶବ୍ଦ କରିପାରିବେ । ଏଥିରେ ଦୈନିକ ୬ ଘଣ୍ଟାର ସିଫ୍ଟ ସହ ମାସକୁ ୪ ଦିନ ଛୁଟି ମିଳିବା ସହ ଥକିଗଲେ ଆରାମ କରିବାର ସୁବିଧା ମଧ୍ୟ ରହିଛି । ସବୁଠାରୁ ମଜାଦାର କଥା ହେଉଛି, ପର୍ଯ୍ୟଟକମାନଙ୍କ ସାମ୍ନାରେ ବିଭିନ୍ନ ପ୍ରକାରର ଅଜବ ହରକତ ବା ଅଙ୍ଗଭଙ୍ଗୀ କରିବା ମଧ୍ୟ ଏହି କାମର ଏକ ଅଂଶ ବିଶେଷ । ତେବେ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଏହି ଚାକିରିର ବିଜ୍ଞାପନ ଭାଇରାଲ୍ ହେବା ମାତ୍ରେ ୧୦୦ରୁ ଅଧିକ ଲୋକ ଏଥିପାଇଁ ଆବେଦନ କରିଥିଲେ ଏବଂ ମାତ୍ର କିଛି ଦିନ ମଧ୍ୟରେ ସମସ୍ତ ପଦବୀ ପୂରଣ ହୋଇଯାଇଛି ।

## ଇତିହାସ

୧୮୩୮ - ବଙ୍ଗାଳୀ ଔପନ୍ୟାସିକ ଏବଂ ବନ୍ଦେ ମାତରମର ରଚୟିତା ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ଜନ୍ମ ।

୧୯୧୮- ପରମବୀର ଚକ୍ରରେ ସମ୍ମାନିତ ଭାରତୀୟ ସୈନିକ ସେକେଣ୍ଡ୍ ଲେଫ୍ଟନାଣ୍ଟ ରାମା ରାଘୋବା ରାଣେଙ୍କ ଜନ୍ମ ।

୧୯୪୫- ସାନ୍ ଫ୍ରାନ୍‌ସିସ୍କୋରେ ୫୦ଟି ଦେଶ ସଂଯୁକ୍ତ ରାଷ୍ଟ୍ର ଘୋଷଣା ପତ୍ରରେ ସ୍ୱାକ୍ଷର କଲେ ।

୧୯୪୯- ବେଲଜିୟମ୍‌ର ସଂସଦୀୟ ନିର୍ବାଚନରେ ପ୍ରଥମଥର ମହିଳାମାନଙ୍କୁ ମତଦାନର ଅଧିକାର ମିଳିଲା ।

୧୯୭୬- କାନାଡାର ଟୋରାଣ୍ଟୋସ୍ଥିତ ସିଏନ୍ ଟାୱାରକୁ ଜନତାଙ୍କ ପାଇଁ ଖୋଲାଗଲା । ୧୮୧୫ ଫୁଟ ଏହି କୋଠା ସେତେବେଳେ ବିଶ୍ୱର ସର୍ବୋଚ୍ଚ କୋଠା ରୂପେ ପରିଚିତ ହେଉଥିଲା ।

## ବିବାଦଭରା ଥିଲା ବ୍ୟକ୍ତିଗତ ଜୀବନ



୯୦ ଦଶକରେ ବଲିଉଡ୍‌ରେ ରାଜ୍ କରୁଥିବା କରିଶ୍ମା କପୁର ୬୫ରୁ ଅଧିକ ଚଳଚ୍ଚିତ୍ର ଓ ଅଗଣିତ ସୁପରହିଟ୍ ସିନେମାଦେଇଥିବା କରିଶ୍ମାଙ୍କ ବ୍ୟକ୍ତିଗତ ଜୀବନ ଖୁବ ଚର୍ଚ୍ଚିତ ଥିଲା । କରିଶ୍ମାଙ୍କ ଜୀବନ କାହାଣୀ କେବଳ ଷ୍ଟାରଡମ୍ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଅଧୁରା ସମ୍ପର୍କ ଓ ଅନେକ ବିବାଦରେ ଭରା । ତାଙ୍କ ନାଁକୁ ଅନେକ ଅଭିନେତାଙ୍କ ସହ ଯୋଡାଯାଏ, ଯେଉଁମାନଙ୍କ ସହ ବିବାହ ପର୍ଯ୍ୟନ୍ତ କଥା ଯାଇଥିଲେ ବି ଅଧାରେ ରହିଯାଇଥିଲା । ଏହି କ୍ରମରେ ଆଗ ନାଁ ଆସିଥାଏ ଅକ୍ଷୟ ଖାନ୍ନାଙ୍କର । ଅକ୍ଷୟ ଖାନ୍ନାଙ୍କ ପିତା ବିନୋଦ ଖାନ୍ନା ବିବାହ ପ୍ରସ୍ତାବ ପଠାଇଥିଲେ, କିନ୍ତୁ କରିଶ୍ମାଙ୍କ ମା' ବବିତା ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ, ଯାହାଫଳରେ ଅକ୍ଷୟ ଆଜି ପର୍ଯ୍ୟନ୍ତ ଅବିବାହିତ ରହିଥିବା କୁହାଯାଏ । ପରବର୍ତ୍ତୀ ସମୟରେ ଅଭିଷେକ ବଚ୍ଚନଙ୍କ ସହ ତାଙ୍କର ବିବାହ ସ୍ଥିର ହୋଇଥିଲା ଏବଂ ଜୟା ବଚ୍ଚନ ଏକ ସାର୍ବଜନୀନ ମଞ୍ଚରେ ଗଣମାଧ୍ୟମ ସମ୍ମୁଖରେ ତାଙ୍କୁ ନିଜର ବୋହୂ ବୋଲି ପରିଚୟ କରାଇଥିଲେ ମଧ୍ୟ । ହେଲେ ଚର୍ଚ୍ଚାରେ ଥିବା ଏହି ସମ୍ପର୍କ ପରବର୍ତ୍ତୀ ସମୟରେ ଭାଙ୍ଗିଯାଇଥିଲା । ଏହାପରେ ୨୦୦୩ ମସିହାରେ କରିଶ୍ମା ତାଙ୍କ ପିଲାଦିନର ବନ୍ଧୁ ସଞ୍ଜୟ କପୁରଙ୍କୁ ବିବାହ କରିଥିଲେ ବି ଏହି ବିବାହ ପରେ ବିବାଦ ରହିଥିଲା । ଯେଉଁଠି ହନିମୁନ୍ ସମୟରେ ସ୍ୱାମୀ ସଞ୍ଜୟ ନିଜ ବନ୍ଧୁମାନଙ୍କ ସହ ତାଙ୍କର ବୋଲି ଲଗାଇଥିବା ଭଳି ସାଙ୍ଘାତିକ ଅଭିଯୋଗ ଆଣିବା ସହ ଶାରୀରିକ ନିର୍ଯାତନା, ଯୌତୁକ ପ୍ରତାରଣା ଓ ମାନସିକ ଅତ୍ୟାଚାରର ଆରୋପ ଲଗାଇ ସେ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ନେଇଥିଲେ । ତେବେ ବର୍ତ୍ତମାନ ପୂର୍ବତନ ସ୍ୱାମୀ ସଞ୍ଜୟଙ୍କ ମୃତ୍ୟୁ ପରେ ଏହି ସମ୍ପର୍କ ପୁଣି ଥରେ ଚର୍ଚ୍ଚାର ପରିସରକୁ ଆସିଛି । ବର୍ତ୍ତମାନ ସଞ୍ଜୟଙ୍କର ୩୨,୦୦୦ କୋଟି ଟଙ୍କାର ସମ୍ପତ୍ତିକୁ ନେଇ ଆଇନଗତ ବିବାଦ ଜାରି ରହିଛି ।

## ଦାଢ଼ି କାଟିବାରୁ ଦଣ୍ଡ

ଆଫଗାନିସ୍ତାନ ଏବଂ ଇରାନ ସୀମାରେ ଅବସ୍ଥିତ ଇସଲାମ କାଲା ବର୍ଡର ନିକଟରୁ କେବଳ ଛୋଟ ଦାଢ଼ି ରଖିବା କାରଣରୁ ମୋରାଲିଟି ପୋଲିସ ଦ୍ୱାରା ୨୦ ଜଣ ଲୋକଙ୍କୁ ଜେଲ ହାଜତକୁ ନିଆଯିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ବ୍ୟକ୍ତିମାନଙ୍କ ଉପରେ ଅଭିଯୋଗ ଥିଲା ଯେ, ସେମାନଙ୍କ ଦାଢ଼ି ତାଲିବାନ ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଲମ୍ବା ନଥିଲା । ଯେଉଁଠି କିଛି ଲୋକ ନିଜ ଦାଢ଼ିକୁ ଟ୍ରିମ୍ କରିଥିବାବେଳେ ଅନ୍ୟ କେତେକ ସମ୍ପୂର୍ଣ୍ଣ ସେଭ୍ କରିଦେଇଥିଲେ । ତାଲିବାନର ନିୟମ ଅନୁସାରେ ପୁରୁଷମାନଙ୍କ ପାଇଁ ଦାଢ଼ିର ଏକ ସର୍ବନିମ୍ନ ଲମ୍ବ ସ୍ଥିର କରାଯାଇଛି, ଯାହାକି ଗୋଟିଏ ମୁଠାଠାରୁ ଛୋଟ ହେବା ଅନୁଚିତ । ଏହି ନିୟମ ଭାଙ୍ଗିଲେ ହେପାଜତକୁ ନିଆଯିବାର ପ୍ରାବଧାନ ରହିଛି । ବିଭିନ୍ନ ରିପୋର୍ଟ ମୁତାବକ, ଏହି ଘଟଣାରେ କିଛି ଲୋକଙ୍କୁ ସେହି ଦିନ ହିଁ ଛାଡ଼ି ଦିଆଯାଇଥିବା ବେଳେ ବାକି ଲୋକଙ୍କୁ ପରଦିନ ମୁକ୍ତ କରାଯାଇଥିଲା । ଯଦିଓ ତାଲିବାନ ପକ୍ଷରୁ ଏହି ୨୦ ଜଣଙ୍କୁ ଗିରଫ କରାଯିବା ନେଇ କୌଣସି ଆଧିକାରିକ ସ୍ପଷ୍ଟୀକରଣ ମିଳିନାହିଁ । ତଥାପି ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଦାଢ଼ି ସମ୍ପର୍କିତ ନିୟମ ପାଳନ ନକରିବା ଯୋଗୁଁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କଥାକୁ ସ୍ୱୀକାର କରିଛନ୍ତି ।





**ମେଷ:** ସୁସମାଚାର, ନୂତନ କାର୍ଯ୍ୟରେ ଆନନ୍ଦ, ପନ୍ଥୁଲାଭ, ବ୍ୟବସାୟରେ ଲାଭ, ସୁମିଷ୍ଟ ଭୋଜନ, ଦେବଦର୍ଶନ, ସମ୍ମାନଲାଭ, ଶତ୍ରୁସମସ୍ୟା, ଦାମ୍ପତ୍ୟ କଳହ, ସନ୍ତାନଲାଭ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ବୃଷ:** କର୍ମକ୍ଷେତ୍ରେ ପରିଶ୍ରମି, ବ୍ୟବସାୟରେ ସ୍ୱଳ୍ପଲାଭ, ଦାମ୍ପତ୍ୟସୁଖ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁସମସ୍ୟା, ଦୂରଯାତ୍ରାରେ ସତର୍କ, ହେବାକାର୍ଯ୍ୟ ବିଳମ୍ବ, ମାନସିକ ଅବସାଦ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**ମିଥୁନ:** ରାଜଦଣ୍ଡ, ସମ୍ମାନହାନି, ଅର୍ଥସଙ୍କଟ, ବ୍ୟବସାୟରେ ଶତ୍ରୁତା, ଶରୀର ସୁସ୍ଥ, ଶତ୍ରୁସମସ୍ୟା, ସନ୍ତାନସ୍ନେହ, ସମ୍ପତ୍ତିବିବାଦ, କିଛି କାର୍ଯ୍ୟରେ ସହାୟତା, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମହାଲକ୍ଷ୍ମୀ ।

**କର୍କଟ:** ପରାକ୍ରମ ବୃଦ୍ଧି, ସମ୍ପତ୍ତିଲାଭ, ସମ୍ମାନପ୍ରାପ୍ତି, ଦୂରଯାତ୍ରାସଫଳ, ଗାଡ଼ିଚାଳନାରେ ସତର୍କ, ବନ୍ଧୁଲାଭ, ସନ୍ତାନସୁଖ, ବ୍ୟବସାୟରେ ଉନ୍ନତି, ଅଳ୍ପ ଶରୀରକଷ୍ଟ, ଲୋକସମ୍ପର୍କରେ ଉନ୍ନତି, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା-କୁବେର ଭଗବାନ ।

**ସିଂହ:** କାର୍ଯ୍ୟରେ ବିଳମ୍ବ, ଶତ୍ରୁସମସ୍ୟା, ଅର୍ଥଲାଭ, ଅନୁଷ୍ଠାନରୁଲାଭ, ସମ୍ମାନଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ଶରୀର କଷ୍ଟ, ବିଦ୍ୟାରେ ସଫଳତା, ସମ୍ପତ୍ତିବିବାଦ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**କନ୍ୟା:** 'ସ୍ମାନଲାଭ, ବ୍ୟବସାୟରେ ଲାଭ, ନୂତନ ନିଯୁକ୍ତି, ଉଚ୍ଚପଦବୀ ପ୍ରାପ୍ତି, ଶତ୍ରୁ ପରାଜିତ, ନୂତନ ବନ୍ଧୁଲାଭ, ଶୁଭଖବର, ଅନୁଷ୍ଠାନରୁ ଲାଭ, ଲୋକସମ୍ପର୍କରେ ଉନ୍ନତି, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମା' ଗ୍ରାମଦେବତୀ ।

**ତୁଳା:** ମନସ୍ତାପ: ବ୍ୟବସାୟରେ ବାଧା, ଶତ୍ରୁବୃଦ୍ଧି, ପାରିବାରିକ ଖୁସି, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ଭୂସମ୍ପତ୍ତିଲାଭ, ଯାତ୍ରାରେ ସତର୍କ, ସନ୍ତାନଚିନ୍ତା, ଗୃହେ ଅଶାନ୍ତି, ଦ୍ରବ୍ୟଲାଭ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ବିଛା:** କର୍ମକ୍ଷେତ୍ରେ ସଫଳ, ଆଶାପୂର୍ତ୍ତି, ଲୋକସମ୍ପର୍କରେ ଉନ୍ନତି, ଦୂରଯାତ୍ରା, ସମ୍ପତ୍ତିଲାଭ, ଅର୍ଥଲାଭ, ପାରିବାରିକ ସମସ୍ୟା, ଶତ୍ରୁ ପରାଜିତ, ନୂତନ ନିଯୁକ୍ତି, ବନ୍ଧୁଲାଭ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ବିଷ୍ଣୁଭଗବାନ ।

**ଧନୁ:** ଖୁସିଖବର, ବ୍ୟବସାୟରେ ଲାଭ, ଅର୍ଥପ୍ରାପ୍ତି, ଦୂରଯାତ୍ରା, ଆଶା ସଫଳ, ବିଦ୍ୟାରେ ସଫଳତା, ବିଶିଷ୍ଟ ବ୍ୟକ୍ତିଙ୍କ ସହ ଶତ୍ରୁତା, ପୁରାତନ ମାମଲା ସମାଧାନ, ଶରୀର ସୁସ୍ଥ, ଈଶ୍ୱରଭକ୍ତି, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ମା' ଭୁବନେଶ୍ୱରୀ ।

**ମକର:** ସମ୍ପର୍କହାନି, ବ୍ୟବସାୟରେ ସ୍ୱଳ୍ପଲାଭ, ଦୂରଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁସମସ୍ୟା, ଅର୍ଥସମସ୍ୟା, ପାରିବାରିକ ଶତ୍ରୁତା, କିଛି ମାମଲାରେ ଫସି ପାରନ୍ତି, ବନ୍ଧୁସାହାଯ୍ୟ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୮, ଆରାଧନା-ମା' କୋଚିଲାଇ ।

**କୁମ୍ଭ:** ଶରୀର ଅସୁସ୍ଥ, ଦ୍ରବ୍ୟଲାଭ, ଅତିଥିଚର୍ଚ୍ଚା, ମାନସିକ ଶାନ୍ତି, ଶତ୍ରୁସମସ୍ୟା, ବିଦ୍ୟାରେ ସଫଳ, ପାରିବାରିକ ଖୁସି, ବ୍ୟବସାୟରେ ସ୍ୱଳ୍ପଲାଭ, ପଦବୀପ୍ରାପ୍ତ, ଦାମ୍ପତ୍ୟସୁଖ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା-ମା' ଦକ୍ଷିଣକାଳୀ ।

**ମୀନ:** ବନ୍ଧୁଲାଭ, ବିଶିଷ୍ଟ କାର୍ଯ୍ୟରେ ଧନବ୍ୟୟ, ବିବାଦ ସମାଧାନ, ଦୂରଯାତ୍ରା ସଫଳ, ଅର୍ଥଲାଭ, କ୍ରୟବିକ୍ରୟ, ନୂତନ କାର୍ଯ୍ୟରେ ସନ୍ତୁଷ୍ଟ, ବାଣିଜ୍ୟରେ ଲାଭ, ଉଚ୍ଚଆଶା ସଫଳ, ଦାମ୍ପତ୍ୟସୁଖ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଗୌରୀ ।

**ଜ୍ୟେଷ୍ଠ ଶୁକ୍ଳପକ୍ଷ ଦ୍ୱାଦଶୀ**
**୨୬.୬.୨୦୨୬, ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ମହାପ୍ରଭୁ ଶ୍ରୀଜଗନ୍ନାଥ ଶୀର୍ଷକ ଆନିମେସନ ଚଳଚ୍ଚିତ୍ରକୁ ନେଇ ଗଜପତିଙ୍କ କ୍ଷୋଭ

## ପ୍ରସାରଣ ସ୍ଥଗିତ ରଖନ୍ତୁ ପ୍ରଯୋଜକ

ଭୁବନେଶ୍ୱର(ସବ୍ୟ): ମେସର୍ସ ଏଲି ଆନିମେସନ ପ୍ରାଇଭେଟ ଲିମିଟେଡ, ଭୁବନେଶ୍ୱର ପକ୍ଷରୁ ଆସନ୍ତା ଜୁଲାଇ ମାସ ୧୦ ତାରିଖରେ ସିନେମା ହଲଗୁଡ଼ିକରେ ମହାପ୍ରଭୁ ଜଗନ୍ନାଥ ଶୀର୍ଷକ ଏକ ଆନିମେସନ ଚଳଚ୍ଚିତ୍ର ମୁକ୍ତିଲାଭ କରିବାକୁ ଯାଉଛି ।ତେବେ ଏହା ପର୍ବରୁ ଏହି ଚଳଚ୍ଚିତ୍ରର ଅଫିସିଆଲ୍ ଟ୍ରେଲର ମୁକ୍ତିଲାଭ କରି ସାରିଛି । ଏପରିକି ସୋସିଆଲ ମିଡିଆରେ ମଧ୍ୟ ଏହା ପ୍ରସାରିତ ହେଉଛି । ଏଥିରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଏକ ସମ୍ପୂର୍ଣ୍ଣ କାଳ୍ପନିକ କାହାଣୀ ଦର୍ଶାଯାଇଛି ଯାହା ଆମ ଶାସ୍ତ୍ରରେ ଥିବା ପବିତ୍ର ବର୍ଣ୍ଣନାର ବିପରୀତ । ଏଭଳି କାଳ୍ପନିକ ଚଳଚ୍ଚିତ୍ରର ପ୍ରସାରଣ ଦୃଷ୍ଟିକୁ ଆସିବା ପରେ ପୁରୀ ଗଜପତି ମହାରାଜ ଦିବ୍ୟ ସିଂହ ଦେବ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମାର ଯେକୌଣସି ପ୍ରଚାର ଶାସ୍ତ୍ରରେ ଥିବା ବର୍ଣ୍ଣନା ସହିତ ସମାନ ହେବା ଉଚିତ । ବିଶେଷକରି ମହର୍ଷି ବେଦବ୍ୟାସଙ୍କ ଦ୍ୱାରା ରଚିତ ମହାପ୍ରଭୁଙ୍କ ମହିମାର ଏକ ବିକୃତ ଏବଂ କାଳ୍ପନିକ ଉପସ୍ଥାପନା ବିଶ୍ୱର ଅଗଣିତ ଭକ୍ତଙ୍କ ଧାର୍ମିକ ଭାବନାକୁ ଆଘାତ ଦେବ । ତେଣୁ ସେ ଏହି ଚଳଚ୍ଚିତ୍ରର ପ୍ରଯୋଜକ, ମେସର୍ସ ଏଲି ଆନିମେସନ ପ୍ରାଇଭେଟ ଲିମିଟେଡ, ଭୁବନେଶ୍ୱରଙ୍କୁ ଆହ୍ୱାନ କରିଛନ୍ତି ଯେ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଦ୍ୱାରା ନିଯୁକ୍ତ ବିଶେଷଜ୍ଞଙ୍କ ଦ୍ୱାରା ଚଳଚ୍ଚିତ୍ରର ବିଷୟବସ୍ତୁ ପ୍ରମାଣିତ ନହେବା ପର୍ଯ୍ୟନ୍ତ ସିନେମା ହଲ କିମ୍ବା ଯେକୌଣସି ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହି ଚଳଚ୍ଚିତ୍ରର ମୁକ୍ତିଲାଭ ସ୍ଥଗିତ ରଖାଯାଉ ।

# ଡାଇରିଆର ନିରାକରଣ ଅଭିଯାନ ଜୁନ ୧୬ ରୁ ଜୁଲାଇ ୩୧

କଟକ, (ସବ୍ୟ) : ବର୍ଷା ଋତୁରେ ଡାଇରିଆ ଆଦି ଜଳବାହିତ ରୋଗକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ସ୍ୱାସ୍ଥ୍ୟ ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି ।ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ପୁଷ୍ପିତା ମହାନ୍ତି ସୂଚନା ଦେଇଛନ୍ତି ଯେ ,ଡାଇରିଆର ସମ୍ଭାବ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସତର୍କ କରାଯାଇଛି ।ଜିଲ୍ଲାର ସମସ୍ତ ଅଞ୍ଚଳରେ ଏହି ଅଭିଯାନ ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଆଶାକର୍ମୀମାନେ ଘରକୁ ଘର ବୁଲି ପ୍ରତ୍ୟେକ ଘରେ ୨ଟି ଓଆରଏସ ପାଉଡର ପ୍ରଦାନ କରିବେ ଓ ଯେଉଁ ଘରେ ୫ବର୍ଷ ବୟସର ପିଲା ଥିବେ ତାଙ୍କୁ ଆଉ



ଗୋଟିଏ ଓଆରଏସ ପ୍ୟାକେଟ ଓ ୨ଟି ଜିଙ୍କ ବଟିକା ବଣ୍ଟନ କରିବେ । ଏଥି ସହ ବିଦ୍ୟାଳୟରେ ଓ ପରିବାର ସଦସ୍ୟ ମାନଙ୍କୁ ହାତ ଧୋଇବାର ଶୈଳୀ ଓ ଓଆରଏସର ପ୍ରସ୍ତୁତି ସହ ବୟସ ଅନୁସାରେ ସେବନ ଓ କେତେ ସମୟ ରହିବ ସେ ସମ୍ପର୍କରେ ବୁଝାଇବେ । ଜିଲ୍ଲାରେ ୫ବର୍ଷର ପିଲା ସଂଖ୍ୟା ୧,୫୩,୯୭୭ ଜଣଙ୍କୁ ଏହି ଡାଇରିଆ ନିରାକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର,ମେଡିକାଲ ମାନଙ୍କରେ ଓଆରଏସ କର୍ଣ୍ଣର କରାଯାଇ ଲୋକମାନଙ୍କୁ ସଚେତନ କରାଯାଉଛି । ଏହା ବ୍ୟତିତ ଜୁନ ୨୮ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଜନ୍ମରୁ ୫ବର୍ଷର ପିଲାମାନଙ୍କୁ ପଲସ୍ ପୋଲିଓ ବୁନ୍ଦା ଦିଆଯିବ । ପ୍ରଥମ ଦିନ ୧୧୫୬ଟି ବୁଥ ଓ ପରଦିନ ଘର ଘର ବୁଲି କାର୍ଯ୍ୟକ୍ରମ କରାଯିବ । ଡାଇରିଆର କୌଣସି ଲକ୍ଷଣ ଦେଖାଦେଲେ ତୁରନ୍ତ ଓଆରଏସ୍ ସେବନ କରିବା ସହ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିବାକୁ ପରାମର୍ଶ ଦିଆଯାଇଛି । ଏହି ଅବସରରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଗଗନ ବିହାରୀ ପତି , ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଚିନ୍ତାମଣି ମିଶ୍ର ,ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଲେପ୍ରୋସୀ ଡଃ ଦୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଘରେ ପଶି ଆକ୍ରମଣ କରିଥିବା ଦୁଇ ଅପରାଧୀ ଗିରଫ

ଜଟଣୀ, (ସବ୍ୟ) : ଜଟଣୀ ଥାନା ଅନ୍ତର୍ଗତ ରଥିପୁର ଗ୍ରାମଠାରେ ଦୁଇ ନମ୍ବରୀ କାର୍ଯ୍ୟରେ ଲିପ୍ତ ଦୁଇଜଣ ଅପରାଧୀଙ୍କୁ ବିରୋଧ କରିଥିବା ଜଣେ ବ୍ୟକ୍ତିଓ ତାଙ୍କ ଭାଉଜଙ୍କ ଉପରେ କରାଯାଇଥିବା ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୁଲିସ ଅଭିଯୋଗକାରୀ ଶେଖ୍ ସୁକାରୁ (୩୫)ଙ୍କ ଲିଖିତ ରିପୋର୍ଟ ଆଧାରରେ ଫାୟାଜ୍ ମହମ୍ମଦ (୩୩) ଓରଫ ଶେକ ଫାୟାଜ ଓ ଦୀପକ ଭୋଇ (୨୭) ନାମକ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ୧୮ ତାରିଖ ରିଖ ସନ୍ଧ୍ୟା ୬ଟା ସମୟରେ ଅଭିଯୁକ୍ତମାନେ ସେମାନଙ୍କ ସହଯୋଗୀ ମାନଙ୍କ ସହ ମିଶି ଅଭିଯୋଗକାରୀଙ୍କ ଘର ନିକଟରେ ରେଳବାଇର ଇନସୁଲେଟେଡ୍ ତାର ପୋଡୁଥିଲେ, ଯାହାଫଳରେ ପ୍ରବଳ ଧୂଆଁ ଓ ଦୁର୍ଗନ୍ଧ ସୃଷ୍ଟି ହେଉଥିଲା। ଅଭିଯୋଗକାରୀ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ଉତ୍ତ୍ୟକ୍ତ ହୋଇ ତାଙ୍କ ଘର ଭିତରକୁ ଜବରଦସ୍ତ ପ୍ରବେଶ କରିଥିଲେ ଏବଂ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ତଳେ ପକାଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଅଭିଯୋଗକାରୀଙ୍କ ଭାଉଜ ତାଙ୍କୁ ବଞ୍ଚାଇବାକୁ ଆସିବାରୁ ତାଙ୍କୁ ମଧ୍ୟ ଦୁର୍ବ୍ୟବହାର କରାଯାଇଥିଲା। ଅଭିଯୁକ୍ତମାନେ ତାଙ୍କ ଘରର ଝରକା ଭାଙ୍ଗିବା ସହ ପଥର ଫିଙ୍ଗି ତାଙ୍କ ଅଟୋ ରିକ୍ସାକୁ କ୍ଷତିଗ୍ରସ୍ତ କରିଥିଲେ। ଏହି ଆକ୍ରମଣରେ ଅଭିଯୋଗକାରୀଙ୍କ ଆଖି ନିକଟରେ ଗୁରୁତର ଆଘାତ ସହ ଶରୀରରେ ଅନେକ ଆଘାତ ଲାଗିଥିଲା।







# ଯୁବପିଢ଼ିଙ୍କ ଭବିଷ୍ୟତ ଉପରେ ସମସ୍ତ ରାଜନୈତିକ ଦଳ ଏକଜୁଟ ହେବା ଜରୁରୀ: ଖେରା

## କଂଗ୍ରେସର 'ଛାତ୍ରୋଂକି ଗୁଞ୍ଜ' ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର,(ସବ୍ୟୁ) : ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗ ପକ୍ଷରୁ ଏକ ହୋଟେଲରେ 'ଛାତ୍ରୋଂକି ଗୁଞ୍ଜ' ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ନିଟ ପ୍ରଶ୍ନପତ୍ର ପ୍ରଘଟ, ସିବିଏସସି ମୂଲ୍ୟାୟନ ବିଭ୍ରାଟ ତଥା ବାରମ୍ବାର ବିଭିନ୍ନ ପରୀକ୍ଷାରେ ଅନିୟମିତତା, ଲିକ ପାଇଁ ଦେଶରେ ଛାତ୍ରଙ୍କ ଆକ୍ରୋଶ ଦେଖାଯାଉଛି । ଏହି ପରିପେକ୍ଷୀରେ କଂଗ୍ରେସ ତଥା ବିପକ୍ଷ ନେତା ରାହୁଲ ଗାନ୍ଧୀଙ୍କ ଛାତ୍ରୋଂକି ଗୁଞ୍ଜ ଅଭିଯାନ ଆରମ୍ଭ ହୋଇ ଦେଶ ସାରା କଂଗ୍ରେସ ଛାତ୍ରଙ୍କ ପାଖକୁ ଯାଇ ସମସ୍ୟା ବୁଝୁଛି । ଛାତ୍ରୋଂ କି ଗୁଞ୍ଜ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ଏଆଇସିସି ମିଡ଼ିଆ ବିଭାଗ ଅଧ୍ୟକ୍ଷ ପଓ୍ୱନ ଖେରା ଗଣମାଧ୍ୟମ ଓ ଉପସ୍ଥିତ ଛାତ୍ରଛାତ୍ରୀ ଓ ଯୁବକ ଯୁବତୀଙ୍କୁ ସମ୍ବୋଧିତ କରିଛନ୍ତ । ଶ୍ରୀ ଖେରା କହିଛନ୍ତି ଯେ, ଏ ସରକାରରେ ବିଗତ ୧୦ ବର୍ଷରେ ୯୦ ଥର ପ୍ରଶ୍ନପତ୍ର ଲିକ ହୋଇ ୭ କୋଟି ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦିଆଯାଇଛି । ପ୍ରଧାନମନ୍ତ୍ରୀ ପରୀକ୍ଷା ଚର୍ଚ୍ଚା କରୁଛନ୍ତି



। ପରୀକ୍ଷା କିଭଳି କରାଯାଏ ଜଣା ନାହିଁ, ପରୀକ୍ଷା କେମିତି ଦେବେ ଜ୍ଞାନ ଦେଉଛନ୍ତି । ରାହୁଲ ଗାନ୍ଧୀ କେତେ ବର୍ଷ ଆଗରୁ କହି ଆସୁଛନ୍ତି ଯେ ଛୁଆପିଲାଙ୍କ ଭବିଷ୍ୟତ ଉପରେ ଖେଳିବା ବନ୍ଦ କରନ୍ତୁ । ବର୍ତ୍ତମାନ ନିଟ-ଲିକ-ରିପିଟ ଏକ ପରମ୍ପରା ହୋଇ ଗଲାଣି । ଯେଉଁ ପିଲାମାନେ ନିଟ ଦେଉଛନ୍ତି ସେମାନଙ୍କ ପରିବାର ଉପରେ କଣ ବିତୁଥିବ ଟିକିଏ ଚିନ୍ତା କରନ୍ତୁ । ଯୁବପିଢ଼ିଙ୍କ ଭବିଷ୍ୟତ ଉପରେ ସମସ୍ତ ରାଜନୈତିକ ଦଳ ଏକଜୁଟ ହେବାର ଆବଶ୍ୟକତା ଅଛି ।

କୋଟାରେ ଆମେ ଛାତ୍ରଙ୍କ ଆକ୍ରୋଶ ଦେଖିବାକୁ ପାଇଲୁ । ସାରା ଦେଶରେ ଛାତ୍ର ସମାଜରେ ଗଭୀର ଆକ୍ରୋଶ ଦେଖାଯାଇଛି । ଯଦି ଠିକଣା ସମୟରେ ପଦକ୍ଷେପ ନିଆ ନ' ଯାଏ ତେବେ ଦେଶର ପ୍ରଭୂତ କ୍ଷତି ଘଟିବ ବୋଲି ଶ୍ରୀ ଖେଡା ସରକାରଙ୍କୁ ଚେତାଇ ଦେଇଛନ୍ତି । ଭାରତର ୨୮ ଗୋଟି ସହରରେ ଆଜି ଏକା ସାଥିରେ ସାମ୍ବାଦିକ ସମ୍ମିଳନୀ ହେଉଛି । ସମସ୍ତ ବରିଷ୍ଠ ନେତା ଯୋଗ ଦେଇଛନ୍ତି ପ୍ରଶ୍ନପତ୍ର ଛପାଠୁ ଆରମ୍ଭ କରି ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରକୁ ପହଞ୍ଚିବା ପର୍ଯ୍ୟନ୍ତ ଯାହା କିଛି ବ୍ୟବସ୍ଥା ତାହା ଉପରେ ଅଡିଟ ହେବା ଆବଶ୍ୟକ। ବାର୍ଷିକ ପରୀକ୍ଷା, ଫଳାଫଳ ଘୋଷଣା ଆଦିର ବର୍ଷର ନିର୍ଦ୍ଦିଷ୍ଟ ଦିନ କରିବା ଉଚିତ । ଓଡ଼ିଶାର ସାମ୍ବାଦିକ ସାହସୀ, ମିଡ଼ିଆ ଭାଇଙ୍କୁ ଅନୁରୋଧ ସ୍ୱର ଉତ୍ତୋଳନ କରନ୍ତୁ । ଏହି ସରକାର ଅତ୍ୟନ୍ତ ଭୟାଳୁ ସରକାର ଅଟନ୍ତି, ସବୁଠାରୁ ବେଶୀ ମିଡ଼ିଆକୁ ଡରନ୍ତି । ତେଣୁ ସ୍ୱର ଶାଣିତ କରି ଏମାନଙ୍କୁ ଟିକିଏ ଡରାନ୍ତୁ ଓ ଦେଶର ଆଗାମୀ ପିଢ଼ିଙ୍କ ଭବିଷ୍ୟତ ପାଇଁ ସ୍ୱର ଉଠାନ୍ତୁ ବୋଲି ଶ୍ରୀ ଖେଡା ଅନୁରୋଧ କରିଥିଲେ । ସାମ୍ବାଦିକ ସମ୍ମିଳନୀ କାର୍ଯ୍ୟକ୍ରମରେ ଛାତ୍ରୋଂ କି ଗୁଞ୍ଜ ଅଭିଯାନ ପୋଷ୍ଟର ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ମଞ୍ଚାସିନ ପୂର୍ଣ୍ଣଚନ୍ଦ୍ର ପାଢ଼ୀ (କୋକୋ) କହିଥିଲେ, ଆଜିଠାରୁ ଦୀର୍ଘ ୪୦ ଦିନ ଧରି କଂଗ୍ରେସ ଭୁବନେଶ୍ୱରର ପ୍ରତ୍ୟେକ କୋଚିଂ ସେଣ୍ଟର, ଶିକ୍ଷାନୁଷ୍ଠାନ ଆଦିକୁ ଯାଇ ଛାତ୍ରଙ୍କ ଅସୁବିଧା ଓ ସମସ୍ୟା ଆଦି ବୁଝିବ ଓ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ ବୋଲି ସୂଚନା ଦେଇଥିଲେ । ଛାତ୍ରୋଂ କି ଗୁଞ୍ଜ କାର୍ଯ୍ୟକ୍ରମକୁ ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ ସଂଚାଳନ କରି ଥିବାବେଳେ ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, କୋକୋ ପାଢ଼ୀ, ପୂର୍ବତନ ଯୁବ କଂଗ୍ରେସ ସ୍ମୃତି ରଞ୍ଜନ ଲେଙ୍କା ମଞ୍ଚାସିନ ଥିଲେ ।

# ପରକୀୟା ପ୍ରୀତି ତଥ୍ୟ ଥିବାରୁ ସ୍ୱାମୀଙ୍କ ମୋବାଇଲ ଲୁଟ୍ ପାଇଁ ସୁପାରି, ଲୁଟେରା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପରକୀୟା ପ୍ରୀତି ତଥ୍ୟ ଥିବା ସ୍ୱାମୀଙ୍କ ମୋବାଇଲ ଲୁଟ୍ ପାଇଁ ସ୍ତ୍ରୀ ଦେଇଥିଲେ ସୁପାରୀ । ସୁପାରୀ ନେଇ ଲୁଟ୍ କରିଥିବା ଲୁଟେରା ଲିପୁନ ବେହେରାକୁ ଗିରଫ କରିଛି ତମାଣ୍ଡୋ ଥାନା ପୋଲିସ । ୧୦ ହଜାର ଟଙ୍କା ସୁପାରୀ ପାଇଁ କଥାବାର୍ତ୍ତା ହୋଇଥିବା ବେଳେ ଅଗ୍ରୀମ ୫ ହଜାର ଟଙ୍କା ନେଇଥିଲା ଲୁଟେରା ଲିପୁନ । କାମ ପରେ ଆଉ ୫ ହଜାର ଟଙ୍କା ନେଇଛି । ଏ ସମ୍ପର୍କରେ ତମାଣ୍ଡୋ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଛାନ୍‌ଭିନ୍ କରି ଲିପୁନକୁ ଗିରଫ କରିବା ସହ ମୋବାଇଲ ଜବତ କରିଥିଲେ ମଧ୍ୟ ତଦନ୍ତ ଜାରି ରହିଛି । ଅଭିଯୋଗକାରୀ ଆଲୋକ ଜେନା ଗତ ୨୬ ତାରିଖରେ ଛତାବର ଛକ ନିକଟରେ ତାଙ୍କ ବନ୍ଧୁ ଲିପୁନ ବେହେରାଙ୍କ ସହ ସାକ୍ଷାତ କରିଥିଲେ । ରାତି ହୋଇଯିବାରୁ ଲିପୁନ ତାଙ୍କୁ ଏକ ହୋଟେଲରେ ରହିବାକୁ ପରାମର୍ଶ ଦେଇଥିଲେ । ସେହି ଅନୁସାରେ ସେ ଲୁପୁନ ବେହେରା ଓ ଅନ୍ୟ ଜଣେ ବନ୍ଧୁ ବଳରାମ ଦାସ ପାତ୍ରପଡାସ୍ଥିତ ହୋଟେଲ ତାଜ୍ ଇନ୍‌ରେ ରହିଥିଲେ । ପରଦିନ ସକାଳେ ଅଭିଯୋଗକାରୀ ଦେଖିଥିଲେ ଯେ, ତାଙ୍କ ମୋବାଇଲ ଫୋନ୍ ନାହିଁ । ଲିପୁନ ବେହେରା, ଅଭିଯୋଗକାରୀଙ୍କ ସ୍ତ୍ରୀ ସନ୍ଧ୍ୟା ଜେନା ଓ ରମେଶ ନାୟକଙ୍କ ଷଡଯନ୍ତ୍ରରେ ମୋବାଇଲ ଚୋରି ହୋଇଥିବା ଅଭିଯୋଗ କରିଥିଲେ । ଅଭିଯୁକ୍ତ ଲିପୁନ କୁମାର ବେହେରା ଭୋର୍ ସମୟରେ ଅଭିଯୋଗକାରୀଙ୍କୁ ନଜଣାଇ ହୋଟେଲ ଛାଡି ଚାଲିଯାଇଥିଲେ । ଯଦ୍ୱାରା ଅଭିଯୋଗକାରୀଙ୍କର ତାହା ଉପରେ ସନ୍ଦେହ ହୋଇଥିଲା । ଏତଲା ଅନୁଯାୟୀ ପୋଲିସ ତଦନ୍ତ କରି ଲିପୁନକୁ ଗିରଫ କରିବା ପରେ ଜାଣିବାକୁ ପାଇଥିଲା ଯେ, ରମେଶ ନାୟକ ଓ ସନ୍ଧ୍ୟା ଜେନାଙ୍କ ପ୍ରରୋଚନାରେ ସୁପାରୀ ନେଇ ମୋବାଇଲ ଫୋନ୍‌କୁ ଚୋରି କରିଥିଲା । ମୋବାଇଲ ଲୁଟ୍ ପାଇଁ ସୁପାରୀ ଦିଆଯିବାର କାରଣ ସନ୍ଧ୍ୟା ଜେନା ଓ ରମେଶ ଜେନାଙ୍କ ପରକୀୟା ପ୍ରୀତି ସମ୍ବନ୍ଧୀୟ ଫଟୋ ଓ ଅଡିଓ ରେକର୍ଡିଂ ସେହି ମୋବାଇଲରେ ଥିଲା । ଅଭିଯୋଗକାରୀ ଜଣେ ଫାୟାର ଇକ୍ୟୁମେଣ୍ଟ କଣ୍ଟ୍ରାକ୍ଟର ହୋଇଥିଲେ ମଧ୍ୟ ସ୍ୱାମୀ-ସ୍ତ୍ରୀଙ୍କ ବିବାଦରୁ ଅଲଗା ଅଲଗା ରହୁଛନ୍ତି । ଚୋରି ପରେ ମୋବାଇଲ ଫୋନ୍‌କୁ ଡିଟିଡିସି କୋରିଅର ସେବା ମାଧ୍ୟମରେ ଉତ୍ତରପ୍ରଦେଶର ଆଗ୍ରାସ୍ଥିତ ଲିପୁନ ସହଯୋଗୀ ମାନସ ନାୟକଙ୍କ ନିକଟକୁ ପଠାଇ ଦେଇଥିଲେ । ଯାହାଦ୍ୱାରା ପ୍ରମାଣ ନଷ୍ଟ କରିବା ଏବଂ ମୋବାଇଲକୁ ଅଭିଯୋଗକାରୀଙ୍କ ଠାରୁ ଦୂରେଇ ରଖିବା ଉଦ୍ଦେଶ୍ୟ ଥିଲା । ପୋଲିସ ଲୁଟ୍ ମୋବାଇଲ, କୋରିଅର ରସିଦ, ବୁକିଂ ବିବରଣୀ ଓ ଅନ୍ୟାନ୍ୟ ଦସ୍ତାବିଜ୍‌କୁ ଜବତ କରିବା ପରେ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଜିଲ୍ଲାରେ କୃଷି କର୍ମଚାରୀ ମରୁଡ଼ି : ୧୯୦ ପଞ୍ଚାୟତକୁ ମାତ୍ର ୩୬ ଭିଏଡବ୍ଲୁ

ଖୋର୍ଦ୍ଧା, (ସବ୍ୟୁ) : କ୍ଷେତ ସେମିତି ଆଁ କରି ରହିଛି। ହଳ ବୁଲୁନି କି ଚାଷ ହେଉନି। ମୌସୁମୀ ଆସିବ ଆସିବ ବୋଲି ହେଲା। ପ୍ରାକ୍ ମୌସୁମୀ ବର୍ଷା ବି କାଁ ଭାଁ ବର୍ଷିଲା। ଯାହା ଚାଷ ପାଇଁ କ୍ଷେତକୁ ନିଅଁଟ। ମାତ୍ର ୧୦ଦିନ ହେବ ରଜ ସରିଲାଣି, କିନ୍ତୁ ବିଲ ଠିକ୍ ରେ ହଳ ହୋଇନି। ଯାରି ମଧ୍ୟରେ ଜିଲ୍ଲାରେ କୃଷି ବିଭାଗର ଅବ୍ୟବସ୍ଥା ଏବଂ କର୍ମଚାରୀ ଅଭାବ ଚିନ୍ତାର ବିଷୟ ପାଲଟିଛି। ତୃଣମୂଳସ୍ତରରେ ଚାଷୀଙ୍କ ସହ ସିଧାସଳଖ ଯୋଗାଯୋଗ ରଖୁଥିବା କୃଷି କର୍ମଚାରୀଙ୍କ ଅଧିକାଂଶ ପଦବୀ ବର୍ଷ ବର୍ଷ ଧରି ଖାଲି ପଡ଼ିଥିବାରୁ ଚାଷୀମାନେ ଆବଶ୍ୟକ ପରାମର୍ଶ, ପ୍ରଯୁକ୍ତିଗତ ସହାୟତା ଓ ରୋଗପୋକ ନିୟନ୍ତ୍ରଣ ସମ୍ପର୍କିତ ସେବାରୁ ବଂଚିତ ହେଉଛନ୍ତି। ଫଳରେ ଜିଲ୍ଲାରେ ହେକ୍ଟର ହେକ୍ଟର ଚାଷ ଜମି ପଡ଼ିଆ ପଡୁଥିବା ଅଭିଯୋଗ ହେଉଛି।

ଅକ୍ଷୟ ତୃତୀୟାଠାରୁ ଖରିଫ ଚାଷ ପ୍ରସ୍ତୁତି ଆରମ୍ଭ ହୋଇଥିଲେ ମଧ୍ୟ ଚାଷୀମାନଙ୍କ ନିକଟକୁ କୃଷି ବିଭାଗର ସେବା ଠିକ୍ ଭାବେ ପହଁଚି ପାରୁନାହିଁ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଫସଲରେ ନୂଆ ନୂଆ ରୋଗପୋକ ଦେଖାଦେଉଥିବା ବେଳେ ଏହାର ମୁକାବିଲା ପାଇଁ କ୍ଷେତ୍ରସ୍ତରରେ ପରାମର୍ଶ ଦେବାକୁ ଆବଶ୍ୟକ କର୍ମଚାରୀ ନାହାନ୍ତି। ପାରମ୍ପରିକ ଚାଷ ପ୍ରଣାଳୀ ଛାଡ଼ି ଅଧିକ ଅମଳକ୍ଷମ ବିହନ ଓ ଆଧୁନିକ ପଦ୍ଧତି ଆପଣାଇଥିବା ଚାଷୀମାନଙ୍କୁ ସଠିକ୍ ମାର୍ଗଦର୍ଶନର ଅଭାବ ସାଜିଛି। ଖୋର୍ଦ୍ଧା ଜିଲ୍ଲାକୁ ଟାଙ୍ଗୀ, ଖୋର୍ଦ୍ଧା ଓ ଭୁବନେଶ୍ୱର ନାମରେ ତିନୋଟି କୃଷି ଜିଲ୍ଲାରେ ବିଭକ୍ତ କରାଯାଇଛି। ତେବେ ଗତ ଫେବୃଆରୀ ମାସଠାରୁ ଜିଲ୍ଲାର ମୁଖ୍ୟ କୃଷି ଅଧିକାରୀ ପଦବୀ ମଧ୍ୟ ଖାଲି ପଡ଼ିଛି। ଜିଲାର ୧୦ଟି ବ୍ଲକ ଅଧୀନରେ ଥିବା ୧୯୦ଟି ଗ୍ରାମ ପଂଚାୟତ ପାଇଁ ୯୨ଟି ଭିଏଡବ୍ଲୁ (ଗ୍ରାମ କୃଷି କର୍ମଚାରୀ) ପଦବୀ ଅନୁମୋଦିତ ରହିଥିବାବେଳେ ୫୬ଟି ପଦବୀ ଖାଲି ରହିଛି। ମାତ୍ର ୩୬ ଜଣ ଭିଏଡବ୍ଲୁ ୧୯୦ଟି ପଂଚାୟତର ଦାୟିତ୍ୱ ସମ୍ଭାଳୁଛନ୍ତି। ଫଳରେ ଜଣେ ଜଣେ କର୍ମଚାରୀଙ୍କୁ ୪ରୁ ୬ଟି ପଂଚାୟତର ଦାୟିତ୍ୱ ନେବାକୁ ପଡୁଛି।

ସହକାରୀ କୃଷି ଅଧିକାରୀ ସ୍ତରରେ ମଧ୍ୟ ଅବସ୍ଥା ଉଦବେଗ ଜନକ। ୩ଟି କୃଷି ଜିଲ୍ଲା ପାଇଁ ମୋଟ ୧୫ଟି ସହକାରୀ କୃଷି ଅଧିକାରୀ ପଦବୀ ଥିବାବେଳେ ୧୦ଟି ପଦବୀ ଖାଲି ପଡ଼ିଛି। ଟାଙ୍ଗୀ କୃଷି ଜିଲ୍ଲା ରେ ୫ଟି ପଦବୀ ମଧ୍ୟରୁ ମାତ୍ର ଜଣେ ଅଧିକାରୀ କାର୍ଯ୍ୟରତ ଅଛନ୍ତି। ଖୋର୍ଦ୍ଧା ଓ ଭୁବନେଶ୍ୱର କୃଷି ଜିଲ୍ଲାରେ ମଧ୍ୟ ୫ଟି ଲେଖାଏଁ ପଦବୀ ମଧ୍ୟରୁ କେବଳ ୨ଜଣ ଲେଖାଏଁ ଅଧିକାରୀ କାମ କରୁଛନ୍ତି। ଏହା ବ୍ୟତୀତ ଦୁଇଟି ଓଭରସିୟର ପଦବୀ ସହ ଅନେକ କିରାଣୀ ଓ ଚତୁର୍ଥ ଶ୍ରେଣୀ ପଦବୀ ମଧ୍ୟ ଖାଲି ରହିଛି। ଖୋର୍ଦ୍ଧା, ବୋଲଗଡ଼ ଓ ବେଗୁନିଆ ବ୍ଲକକୁ ନେଇ ଖୋର୍ଦ୍ଧା କୃଷି ଜିଲ୍ଲା, ବାଣପୁର, ଟାଙ୍ଗୀ ଓ ଚିଲିକା ବ୍ଲକକୁ ନେଇ ଟାଙ୍ଗୀ କୃଷି ଜିଲ୍ଲା ଏବଂ ଭୁବନେଶ୍ୱର, ବାଲିଅନ୍ତା, ଜଟଣୀ ଓ ବାଲିପାଟଣା ବ୍ଲକକୁ ନେଇ ଭୁବନେଶ୍ୱର କୃଷି ଜିଲ୍ଲା ଗଠିତ ହୋଇଛି। କିନ୍ତୁ କର୍ମଚାରୀ ଅଭାବ ଯୋଗୁଁ ତିନୋଟି ଯାକ କୃଷି ଜିଲ୍ଲାରେ ସେବା ପ୍ରଦାନ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ତେଣୁ କୃଷି ଉତ୍ପାଦନ ବୃଦ୍ଧି ଓ ପଡ଼ିଆ ଜମିକୁ ଚାଷ ଅଧୀନକୁ ଆଣିବା ପାଇଁ ତୁରନ୍ତ ଖାଲି ପଦବୀ ପୂରଣ କରିବାକୁ ଚାଷୀ ମହଲରେ ଦାବି ଜୋର ଧରିଛି।

## ଚଣ୍ଡୀଗଡ଼ରେ 'ସମ୍ବିଧାନ ହତ୍ୟା ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ

# 'ଏମରଜେନ୍ସି ଥିଲା ସମ୍ବିଧାନକୁ କ୍ଷୁଣ୍ଣ କରିବାର କଳା ଅଧ୍ୟାୟ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : 'ଏମରଜେନ୍ସି ଥିଲା ସମ୍ବିଧାନକୁ କ୍ଷୁର୍ଣ୍ଣ କରିବାର କଳା ଅଧ୍ୟାୟ । କେବଳ କ୍ଷମତା ଏବଂ ପରିବାର ମୋହରେ ଅନ୍ଧ ହୋଇ କଂଗ୍ରେସ ସମ୍ବିଧାନକୁ କ୍ଷତିଗ୍ରସ୍ତ କରିବା ସହ ଏବଂ ସମଗ୍ର ଦେଶକୁ ଏକ କାରାଗାରରେ ପରିଣତ କରିଥିଲେ। ବୋଲି ଗୁରୁବାର ଚଣ୍ଡୀଗଡ଼ ଠାରେ ଆୟୋଜିତ 'ସମ୍ବିଧାନ ହତ୍ୟା ଦିବସ କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ୧୯୭୫ ମସିହା ଜରୁରୀକାଳୀନ ସ୍ଥିତିର ସେହି ଅନ୍ଧକାରମୟ କାଳଖଣ୍ଡକୁ ମନେ ପକାଇବା ସହ କଂଗ୍ରେସର ଏକଛତ୍ରବାଦୀ ମାନସିକତା ଉପରେ ସମାଲୋଚନା କରିଛନ୍ତି ଶ୍ରୀ ପ୍ରଧାନ । ଜରୁରୀକାଳୀନ ପରିସ୍ଥିତିର ୫୧ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜରୁରୀକାଳୀନ ସମୟରେ ଅମାନୁଷିକ ନିର୍ଯ୍ୟାତନା ସହି ମଧ୍ୟ



ଦେଶର ଗଣତନ୍ତ୍ରକୁ ଜୀବିତ ରଖିବା ପାଇଁ ସଂଗ୍ରାମ କରିଥିବା ଗଣତନ୍ତ୍ରର ପ୍ରହରୀମାନଙ୍କୁ ସମ୍ମାନିତ କରିଥିଲେ । ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ସମ୍ବିଧାନର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବା, ନାଗରିକ ଅଧିକାରକୁ ବନ୍ଧକ ରଖିବା ଏବଂ କିଶୋର କୁମାର ଓ ଲତା ମଙ୍ଗେସକରଙ୍କ ଭଳି ମହାନ କଳାକାରମାନଙ୍କ ସ୍ୱର ଉପରେ ପ୍ରତିବନ୍ଧକ ଲଗାଇବାର ନାମ ଥିଲା 'ଏମରଜେନ୍ସି। ଏହି ସମ୍ବିଧାନ ବିରୋଧୀ ଲୋକଙ୍କର ନିର୍ବାଚନ ପ୍ରକ୍ରିୟା ଠାରୁ ଆରମ୍ଭ କରି ନ୍ୟାୟପାଳିକା ପର୍ଯ୍ୟନ୍ତ କୌଣସି ସାମ୍ବିଧାନିକ ବ୍ୟବସ୍ଥା ଉପରେ କେବେ ବି ବିଶ୍ୱାସ ନଥିଲା । କେବଳ କ୍ଷମତା ଏବଂ ପରିବାର ମୋହରେ ଅନ୍ଧ ହୋଇ ଏହି ଲୋକମାନେ ସମ୍ବିଧାନକୁ କ୍ଷତିଗ୍ରସ୍ତ କରିଥିଲେ ଏବଂ ସମଗ୍ର ଦେଶକୁ ଏକ କାରାଗାରରେ ପରିଣତ କରି ଆମ ନାଗରିକମାନଙ୍କ ସ୍ୱାଧୀନତା ଉପରେ କୁଠାରଘାତ କରିଥିଲେ । ବର୍ତ୍ତମାନ ସମୟରେ ରାହୁଲ ଗାନ୍ଧୀଙ୍କ ସମେତ ସମଗ୍ର କଂଗ୍ରେସ ଦଳ ସେହି ସମାନ ଚିନ୍ତାଧାରାକୁ ଆଗକୁ ବଢ଼ାଉଛନ୍ତି। ଏହି ଅବସରରେ ସେ ବିଜେପିର ରାଷ୍ଟ୍ରୀୟ ଉପସଭାପତି ସୌଦାନ ସିଂହ, ଚଣ୍ଡୀଗଡ଼ ବିଜେପି ରାଜ୍ୟ ସଭାପତି ଜେ.ପି. ମଲହୋତ୍ରା, ରାଜ୍ୟସଭା ସାଂସଦ ଶ୍ରୀମତୀ ରେଖା ଶର୍ମା ଏବଂ ଚଣ୍ଡୀଗଡ଼ର ମେୟର ସୌରଭ ଯୋଶୀଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ କାର୍ଯ୍ୟକ୍ରମରେ ସହଭାଗୀ ହୋଇଥିଲେ।

## ଆମଗାଁ ଆମ ବିକାଶ ଯୋଜନାରେ

# ଷ୍ଟ୍ରିଟ ଲାଇଟ ଲଗାରେ କୋଟି କୋଟି ଟଙ୍କାର ଦୁର୍ନୀତି

ଚଣ୍ଡିଖୋଲ, (ସବ୍ୟୁ) : ଗ୍ରାମାଞ୍ଚଳରେ ଆଲୋକିକରଣ ପାଇଁ ପୂର୍ବ ସରକାର ୨୦୨୧-୨୨ ଏବଂ ୨୦୨୨-୨୩ ମସିହାରେ ଆମ ଗାଁ ଆମ ବିକାଶ କାର୍ଯକ୍ରମ



ଜରିଆରେ ପ୍ରତି ଗ୍ରାମରେ ଏଲ୍ ଇ ଡି ଷ୍ଟ୍ରିଟ ଲାଇଟ ଲଗାଇଥିଲେ। ଏହି କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଓ ଆର୍ଥିକ ଅନିୟମିତତା ହୋଇଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ଗୁରୁବାର ଦିନ ଭିଜିଲାନ୍ସ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। ଏହି ଅନିୟମିତତା ନେଇ ବଡଚଣା ବ୍ଲକର ୧୧ଟି ପଞ୍ଚାୟତରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଯୋରଦାର ଚଢାଉ ଆରମ୍ଭ କରାଯାଇଛି।

### ଜେଲ ଗଲେ ୩ ଠିକାଦାର

ଭୁବନେଶ୍ୱର, (ସବ୍ୟୁ) :ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ୍ ଲଗାଇବାରେ ୩କୋଟି ଟଙ୍କା ହଡପ କରିଥିବା ୩ଜଣଙ୍କୁ ଗିରଫ କରିଛି ଭିଜିଲାନ୍ସ । ଗିରଫ ତିନିଜଣ ହେଲେ ମୟୂରଭଞ୍ଜ ଜିଲ୍ଲା ବାରିପଦାର ମେସର୍ସ ଟ୍ରାନ୍ସପାୱାରର ମାଲିକ ଗିରିଜା ଶଙ୍କର ଦାସ, ଯାଜପୁରଟାଉନର ମେସର୍ସ ବିରଜା ଇଲେକଟ୍ରିକାଲ୍ସ ଆଣ୍ଡ କନ୍‌ଷ୍ଟ୍ରକ୍‌ସନର ମାଲିକ ଧରଣୀଧର ସାହୁ ଓ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ମେସର୍ସ ଯୋଗମାୟା ଟ୍ରେଡର୍ସର ମାଲିକ ବିଭୂତି ରଞ୍ଜନ ବିଶ୍ୱାଳ । ଗୁରୁବାର ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଭିଜିଲାନ୍ସ କହିଛି । ବୁଧବାର ଭିଜିଲାନ୍ସ ପକ୍ଷରୁ ୨୪ଟି ଟିମ୍ ଏକକାଳୀନ କେନ୍ଦୁଝର, ନୟାଗଡ ଓ ଯାଜପୁର ଜିଲ୍ଲାର ୫୦ ସ୍ଥାନରେ ଚଢାଉ କରିଥିଲା । ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁମୋଦନରେ ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ୍ ସ୍ଥାପନରେ ବ୍ୟାପକ ଅନିୟମିତତା ଓ ସରକାରୀ ପାଣ୍ଠିର ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ବଡଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ତିନିଜଣ ଠିକାଦାରଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ଆଇନ ଓ ବିଭିନ୍ନ ସଙ୍ଗୀନ ଦଫାରେ ତିନିଟି ପୃଥକ୍ ମାମଲା ରୁଜୁ କରାଯାଇଛି । ଗିରଫ ତିନି ଠିକାଦାର ତିନୋଟି ଜିଲ୍ଲାରେ ଠିକାକାମ ନେଇ ସରକାରୀ ଅର୍ଥ ହରିଲୁଟ୍ କରିବାରେ ମୁଖ୍ୟ ଅଭିଯୁକ୍ତ ସାଜିଥିବା ଜଣାପଡ଼ିଛି । ଭିଜିଲାନ୍ସ ସୂଚନା ଅନୁସାରେ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନ ପାଣ୍ଠିରୁ ୨୦୨୧ରୁ ୨୦୨୩ ମସିହା ମଧ୍ୟରେ କେନ୍ଦୁଝର, ଯାଜପୁର ଓ ନୟାଗଡ ଜିଲ୍ଲାରୁ ପ୍ରାୟ ହଜାରଟି କ୍ଲଷ୍ଟରରେ ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ୍ ଲଗାଇବା ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଥିଲା । ପ୍ରତ୍ୟେକ କ୍ଲଷ୍ଟରରେ ୧୦ଟି ଲେଖାଏଁ ଲାଇଟ୍ ଲଗାଇବାର ନିୟମ ଥିଲା । ମାତ୍ର ଏହି କାର୍ଯ୍ୟ କରିବାରେ ବ୍ୟାପକ ହେରଫେର କରାଯାଇ ପ୍ରାୟ ୩କୋଟି ଟଙ୍କା ହଡପ କରାଯିବାର ପ୍ରମାଣ ଭିଜିଲାନ୍ସକୁ ମିଳିଛି । ଏହି ମାମଲାରେ ତଦନ୍ତ ଜାରି ରହିଛି, ଆହୁରି ଅଧିକ ଅଭିଯୁକ୍ତ ଗିରଫ ହୋଇପାରନ୍ତି ବୋଲି ଭିଜିଲାନ୍ସ କହିଛି । ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇଦିଆଯାଇଛି ।

ପ୍ରତ୍ୟେକ ଗ୍ରାମରେ ଏଲ ଇ ଏଡି ଷ୍ଟ୍ରୀଟ୍ ଲାଇଟ୍ ଲଗାଯିବା ଓ ତାହାର ବାର୍ଷିକ ରକ୍ଷଣା ବେକ୍ଷଣ ଚୁକ୍ତି କରାଯାଇଥିଲା । ମାତ୍ର ଏହି କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଓ ସରକାରୀ

### ■ ବଡଚଣାର ୧୧ ପଞ୍ଚାୟତରେ ଘାଣ୍ଟୁଛି ଭିଜିଲାନ୍ସ

ଅର୍ଥ ଆତ୍ମସାତ ହୋଇଥିବା ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ମିଳିବା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ୮ଟି ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଅଭିଯୋଗ ପରିସର ମଧ୍ୟରେ ରହିଥିବା ବଡଚଣା ଏହିସବୁ ପଞ୍ଚାୟତ ଗୁଡ଼ିକ ଉପରେ ଚଢାଉ ଆରମ୍ଭ କରାଯାଇଛି। ଫଳରେ ଏହି ଆର୍ଥିକ ଅନିୟମିତତାରେ ସଂପୃକ୍ତ ଥିବା ସରପଞ୍ଚ, ପି ଓ, ଠିକାଦାର ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଭିଜିଲାନ୍ସ ଟିମ୍ ଆସିବା ଖବର ପାଇ କେତେକ ସରପଞ୍ଚ, ପି ଓଙ୍କ ସମେତ ଠିକାଦାର ମାନେ କାର୍ଯ୍ୟାଳୟ ବନ୍ଦ କରି ଲୁଚି ପଳାଇଥିବା ଦେଖାଯାଇଛି। ଚଢାଉ ପରେ ରେକର୍ଡ ଯାଞ୍ଚ ହୋଇଛି। ଟେଣ୍ଡର ନିୟମାବଳୀର ଉଲଂଘନ, ବିଦ୍ୟୁତ୍ ମିଟର, ୫ଶହ ମିଟର କେବୁଲ୍ , ଏମ ସି ସି ବି, ଆଇ ହୁକ୍, ସସ୍ପେନ୍ସ କ୍ଲାମ୍ପ, ସୁଇଚ, ଟାଇମର ଭଳି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ନ ଲଗାଇ ବିଲ୍ କରି ଅର୍ଥ ଆତ୍ମସାତ ହୋଇଥିବା ଭିଜିଲାନ୍ସ ଟିମ ଜଣି ପାରିଛି। ଫଳରେ ସରକାରୀ ଅର୍ଥର ବ୍ୟାପକ ଅର୍ଥ ହଡ଼ପ ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ବଡଚଣା ବ୍ଲକ୍ ଅନ୍ତର୍ଗତ ଅଚ୍ୟୁତବସନ୍ତ , ଅଣକା, ଛତିଆ, ବନ୍ତଳା, ଧାନମଣ୍ଡଳ,ଚଂପାପୁର, ଦର୍ପଣ, ବୈରୀ, ମାଣ୍ଡୁକା, ଓ ଅଭୟପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଥମେ ଏହି ଚଢାଉ କରାଯାଇଛି। ବନ୍ଦଥିବା ପଞ୍ଚାୟତ କାର୍ଯ୍ୟାଳୟ ଗୁଡ଼ିକ ବିଷୟରେ ଭିଜିଲାନ୍ସ ବିଭାଗ ବଡଚଣା ବିଡିଓଙ୍କ ଠାରୁ ଯୋଗାଯୋଗ କରିବା ପାଇଁ ଉଦ୍ୟମ କରିଥିଲେ। ଏବେ ଗ୍ରାମାଞ୍ଚଳରେ ଲାଗିଥିବା ଷ୍ଟ୍ରୀଟ ଲାଇଟ୍ ଗୁଡ଼ିକ ଅକାମୀ ହୋଇ ପଡ଼ିଛି। ନିମ୍ନ ମାନର ଯନ୍ତ୍ରାଂଶ, ରକ୍ଷଣା ବେକ୍ଷଣର ଅଭାବ ଯୋଗୁ ଷ୍ଟ୍ରୀଟ୍ ଲାଇଟ୍ ଗୁଡ଼ିକ ନଷ୍ଟ ହୋଇ ହୋଇ ଯାଇଛି। ଏହି ଏଲ୍ ଇ ଡି ଲାଇଟ୍ ପ୍ରକଳ୍ପ ଦୁର୍ନୀତିରେ ସଂପୃକ୍ତ ଥିବା ଜନପ୍ରତିନିଧି, ସରକାରୀ କର୍ମଚାରୀଙ୍କୁ ଗିରଫ କରିବା ସହିତ ସରକାରୀ ଅର୍ଥ ଫେରସ୍ତ ସହିତ ସଂପୃକ୍ତ ଠିକାଦାରୀ ସଂସ୍ଥାର ଲାଇସେନ୍ସ ରଦ୍ଦ କରି ସେମାନଙ୍କୁ କଳା ତାଲିକାଭୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ସ୍ୱତନ୍ତ୍ର ପୁସ୍ତିକା "ବିକାଶର ଧାରା, ଓଡ଼ିଶା ସାରା" ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ଦିନ ପୁରୀ ପୌରପାଳିକାର ଟାଉନ୍ ହଲ୍‌ଠାରେ ରାଜ୍ୟ ସ୍ତରୀୟ 'ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ' ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ନାଗରିକମାନଙ୍କର ସହଭାଗିତାକୁ ସୁଦୃଢ଼ କରିବା ଏବଂ ବିଗତ ଦୁଇ ବର୍ଷ ମଧ୍ୟରେ ସହରାଞ୍ଚଳ କ୍ଷେତ୍ରରେ ହାସଲ ହୋଇଥିବା ଉଲ୍ଲେଖନୀୟ ସଫଳତାକୁ ପ୍ରଦର୍ଶିତ କରିବା ପାଇଁ ଏକ ପ୍ରମୁଖ ମାଧ୍ୟମ ସାଜିଥିଲା। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗର ସ୍ୱତନ୍ତ୍ର ପୁସ୍ତିକା "ବିକାଶର ଧାରା, ଓଡ଼ିଶା ସାରା" (ଦୁଇ ବର୍ଷରେ ଦୁଇଗୁଣା ବିକାଶ)କୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଏହି ପୁସ୍ତିକାରେ ବିଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାର ସହରାଞ୍ଚଳଗୁଡ଼ିକରେ ହାତକୁ ନିଆଯାଇଥିବା ବିଭିନ୍ନ ରୂପାନ୍ତରଣମୂଳକ ପଦକ୍ଷେପ, ଯେପରିକିଭୁ ସହରାଞ୍ଚଳ ଭିତ୍ତିଭୂମି,



ପରିମଳ, ପାନୀୟ ଜଳ ଯୋଗାଣ, ଆବାସନ, ଗମନାଗମନ, ନାଗରିକ-କେନ୍ଦ୍ରିକ ସେବା ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ କ୍ଷେତ୍ରରେ ହୋଇଥିବା ପ୍ରମୁଖ ଅଗ୍ରଗତି ବିଷୟରେ ଆଲୋକପାତ କରାଯାଇଛି। ସହରଗୁଡ଼ିକୁ ଅନ୍ତର୍ଭୁକ୍ତିକରଣ, ସହନଶୀଳ ଏବଂ ଭବିଷ୍ୟତ-ଉପଯୋଗୀ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସର ଏକ ବିସ୍ତୃତ ବିବରଣୀ ଏଥିରେ ଉପସ୍ଥାପନ କରାଯାଇଛି। ସଭାକୁ ସମ୍ବୋଧିତ କରି ଡକ୍ଟର ମହାପାତ୍ର ଗୁରୁତ୍ୱାରୋପ କରିଥିଲେ ଯେ, ସ୍ଥାୟୀ ସହରାଞ୍ଚଳ ବିକାଶ ପାଇଁ ପ୍ରଭାବଶାଳୀ ଜନସମ୍ପର୍କ ଏବଂ ସକ୍ରିୟ ନାଗରିକ ସହଭାଗିତା ଅତ୍ୟନ୍ତ ଜରୁରୀ। ସେ କହିଥିଲେ ଯେ ଯେତେବେଳେ ନାଗରିକମାନେ ବିକାଶମୂଳକ ଯୋଜନାର ପ୍ରଣୟନ, କାର୍ଯ୍ୟାନ୍ୱୟନ ଏବଂ ଅନୁଧାନରେ ସକ୍ରିୟ ଭାବେ ଯୋଗଦାନ କରନ୍ତି, ସେତେବେଳେ ସହରାଞ୍ଚଳ ରୂପାନ୍ତରଣ ଅଧିକ ଅର୍ଥପୂର୍ଣ୍ଣ ଏବଂ ପ୍ରଭାବଶାଳୀ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ , ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ପୁରୀ ପୌରପାଳିକା କମିଶନର ସ୍ନେହା ଓର୍ଗ୍ଗିଲା.ଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ, ପୁରୀ ପୌରପାଳିକାର ପ୍ରତିନିଧି, ଜନପ୍ରତିନିଧି ଏବଂ ବିପୁଳ ସଂଖ୍ୟାରେ ନାଗରିକମାନେ ଉପସ୍ଥିତ ଥିଲେ।

# ଜରୁରୀକାଳିନ ପରିସ୍ଥିତି ଲଦି ଦେଇଥିଲା କଂଗ୍ରେସ : ବିଜେପି

ଭୁବନେଶ୍ୱର, (ସବ୍ୟୁ) : ସମ୍ବିଧାନ ହତ୍ୟା ଦିବସ ଭାରତୀୟ ଗଣତନ୍ତ୍ରର ଏକ କଳା ଅଧ୍ୟାୟ। ଦେଶରେ ଗଣତନ୍ତ୍ର ଓ ସମ୍ବିଧାନକୁ କଂଗ୍ରେସ ବାରମ୍ବାର ହତ୍ୟା କରିବାକୁ ଚେଷ୍ଟା କରିଛି। ୫୧ ବର୍ଷ ପୂର୍ବେ କଂଗ୍ରେସ ପକ୍ଷରୁ ଲଗାଯାଇଥିବା ଜରୁରୀକାଳୀନ ପରସ୍ଥିତି ହେଉଛି ଏହାର ପ୍ରମୁଖ ଉଦାହରଣ। ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ମସିହା ଜୁନ୍ ୨୫ ମଧ୍ୟରାତ୍ରିରେ ଭାରତରେ ପ୍ରଥମଥର ପାଇଁ ଜରୁରୀକାଳିନ ପରିସ୍ଥିତି ଘୋଷଣା କରିଥିଲେ।

ନିଜକୁ ପ୍ରଧାନମନ୍ତ୍ରୀ ପଦରେ ବେଆଇନ ଭାବେ କାର୍ଯ୍ୟ କରିବା ପାଇଁ ଶ୍ରୀମତୀ ଗାନ୍ଧୀ ଅସାମ୍ବିଧାନିକ ଭାବେ ୩୫୬ ଧାରାର ପ୍ରୟୋଗ



କରି ୧୯୭୫ରେ ଜରୁରିକାଳୀନ ପରିସ୍ଥିତ ଘୋଷଣା କରିଥିଲେ। ୨୧ ମାସ ଧରି ୧୯୭୭ ମାର୍ଚ୍ଚ ପର୍ଯ୍ୟନ୍ତ କଂଗ୍ରେସ ସରକାର ଭାରତରେ ସ୍ୱେଚ୍ଛାଚାରୀ ଶାସନ ଚଳାଇ ସମ୍ବିଧାନର ମୁଖବନ୍ଧକୁ ପରିବର୍ତନ କରିଦେଇଥିଲା। ବିଶେଷ ଭାବେ ଗଣମାଧ୍ୟମ ଓ ଛାତ୍ର ଆନ୍ଦୋଳନକୁ ଅଗଣତାନ୍ତ୍ରିକ ଭାବେ ଦମନ କରାଯାଇଥିଲା। "ମିଶା ଆଇନ" ବଳରେ ଜୋର ଜବରଦସ୍ତ ଜେଲରେ ଭର୍ତି କରାଯାଇଥିଲା। ଜୟପ୍ରକାଶ ନାରାୟଣଙ୍କ ସମେତ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀ, ମୋରାଜୀ ଦେଶାଇ, ଜର୍ଜ ଫର୍ଣ୍ଣାଣ୍ଡେଜ, ଚୌଧୁରୀ ଚରଣ ସିଂହ, ବିଜୟାରାଜେ ସିନ୍ଧିଆ, ଅଶ୍ୱିନୀ ଚୌବେ, ଅରୁଣ ଜେଟଲୀ ପ୍ରମୁଖ କାରାବାରଣ କରିଥିଲେ। ସେହିପରି ଓଡିଶାରେ ମଧ୍ୟ ଡ. ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ନବକୃଷ୍ଣ ଚୌଧୁରୀ, ରବି ରାୟ ପ୍ରମୁଖଙ୍କ ସମେତ ୧୨୦୦ରୁ ଊର୍ଦ୍ଧ୍ୱ ସତ୍ୟାଗ୍ରହୀ ଏବଂ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ର, ଯୁବ ଓ ରାଜନେତାଙ୍କୁ ଗିରଫ କରାଯାଇ ଜେଲରେ ଭର୍ତି କରିଦିଆଯାଇଥିଲା। ଭାରତ ବର୍ଷର ଇତିହାସରେ ଜରୁରୀକାଳିନ ପରିସ୍ଥିତ ଏକ "ଅଲିଭା କଳାଦାଗ" ବୋଲି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି। ନିଜ ଦଳର ଅଭ୍ୟନ୍ତରୀଣ ଗଣତନ୍ତ୍ରକୁ ହତ୍ୟା କରିଥିବା ଏବଂ ପରିବାରବାଦ୍ ରାଜନୀତିରେ ବିଶ୍ୱାସ କରୁଥିବା ଆଜି କିଛି ରାଜନୈତିକ ଦଳ ଗଣତନ୍ତ୍ରକୁ ହତ୍ୟା କରିଥିବା ସେହି କଂଗ୍ରେସ ଦଳ ସହ ହାତ ମିଶାଇଛନ୍ତି। ଓଡ଼ିଶା ଓ ଓଡ଼ିଆ ବିରୋଧି ବୋଲି କଂଗ୍ରେସ ଦଳ ବହୁ ଥର ପ୍ରମାଣିତ ହୋଇସାରିଛି ବୋଲି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ବୁଧବାର ଭୁବନେଶ୍ୱରରେ ଆୟୋଜିତ "ସମ୍ବିଧାନ ହତ୍ୟା ଦିବସ" କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଜୟପାଲ ସିଂ ତୋମାର, ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସଂପାଦକ ସରୋଜ କର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ମୁଖ୍ୟବକ୍ତା ଭାବେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବରିଷ୍ଠ ନେତା ଭୁବନାନନ୍ଦ ତ୍ରିପାଠୀ ଯୋଗଦେଇଥିଲେ। ରାଜ୍ୟ ଉପସଭାପତି ବିଷ୍ଣୁ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

# ବିଜେଡିରେ ସୁଜାତା ରାଉତଙ୍କ ଯୋଗଦାନକୁ ମେୟରଙ୍କ ସ୍ୱାଗତ

କଟକ, (ସବ୍ୟୁ): ଓଡ଼ିଶା ପ୍ରଶାସନିକ ସେବା କ୍ଷେତ୍ରର ଜଣେ ପରିଚିତ ଏବଂ ଦକ୍ଷ ଅଧିକାରୀ ଭାବେ ପରିଚିତ ସୁଜାତା ରାଉତ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି । ଦଳର ବରିଷ୍ଠ ନେତୃତ୍ୱଙ୍କ ଉପସ୍ଥିତିରେ ତାଙ୍କର ଯୋଗଦାନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଏହି ଅବସରରେ କଟକ ମହାନଗର ନିଗମର ମେୟର ସୁବାସ ସିଂହ, ବିଏମ୍‌ସି ମେୟର ସୁଲୋଚନା ଦାସ, ଶ୍ରୀମତୀ ସୁଜାତା ରାଉତଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଭବ୍ୟ ସ୍ୱାଗତ ଜଣାଇଥିଲେ। ନେତୃବୃନ୍ଦ କହିଥିଲେ ଯେ, ଶ୍ରୀମତୀ ସୁଜାତା ରାଉତଙ୍କର ଦୀର୍ଘ ପ୍ରଶାସନିକ ଅଭିଜ୍ଞତା, ଜନସେବା ପ୍ରତି ନିଷ୍ଠା ଏବଂ ଉନ୍ନୟନମୂଳକ ଦୃଷ୍ଟିଭଙ୍ଗୀ ବିଜୁ ଜନତା ଦଳକୁ ଆହୁରି ସଶକ୍ତ କରିବ। ରାଜ୍ୟର ସାମଗ୍ରିକ ବିକାଶ, ମହିଳା ସଶକ୍ତିକରଣ ଓ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଦଳ ପାଇଁ ଏକ ମୂଲ୍ୟବାନ ସମ୍ପଦ ସାବ୍ୟସ୍ତ ହେବ ବୋଲି ସେମାନେ ମତ ପ୍ରକାଶ କରିଥିଲେ ।ଶ୍ରୀମତୀ ସୁଜାତା ରାଉତ କାର୍ତ୍ତିକେୟନ ବିଜୁ ଜନତା ଦଳରେ ଯୋଗଦେଇ ଦଳର ଆଦର୍ଶ ଓ ଜନମୁଖୀ କାର୍ଯ୍ୟଧାରାକୁ ଆଗକୁ ନେବା ପାଇଁ ସମର୍ପିତ ଭାବରେ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ।

## ଅତିଶୀଘ୍ର ଭତ୍ତା ଦିଅ

# ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଓ ଆଦିବାସୀ ଜମି ପଟ୍ଟା ଦାବିରେ ସିପିଏମ୍‌ର ବିକ୍ଷୋଭ



ବ୍ରହ୍ମପୁର, (ସବ୍ୟୁ) : ବୃଦ୍ଧ, ବିଧବା ଭତ୍ତା ୩ ହଜାର କର, ପ୍ରତିମାସରେ ଭତ୍ତା ଟଙ୍କା ଦିଅ, ନୂଆ ଆବେଦନ କାରୀଙ୍କୁ ଭତ୍ତା ଯୋଗାଇ ଦିଅ, ସମସ୍ତଙ୍କୁ ରାସନ କାର୍ଡ଼ ଦିଅ, ପିଇବା ପାଣି ଯୋଗାଅ, ଘନଘନ ବିଦ୍ୟୁତ କାଟ ବନ୍ଦ କର, ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ଦିଅ ଏବଂ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ଦାବିରେ କୁକୁଡ଼ାଖଣ୍ଡି ବ୍ଲକ ଅଫିସ ସମ୍ମୁଖରେ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ଯୋଗ ଦେଇ ରାଜ୍ୟର ବିଜେପି ସରକାର ସର୍ବ ନିମ୍ନ ଭତ୍ତା ଦେବାରେ ବିଫଳ ବୋଲି ଅଭିଯୋଗ କରିଥିଲେ । କ୍ଷମତାକୁ ଆସିଲେ ଭତ୍ତା ୩ ହଜାର ଦେବାକୁ ଘୋଷଣା କରିଥିବା ସରକାର ହଜାର ଟଙ୍କା ଲେଖାଏଁ ଭତ୍ତା ଦେଇପାରୁ ନାହିଁ । ୩ ମାସର ଭତ୍ତା ନମିଳିବା ଯୋଗୁଁ ଜିଲ୍ଲାର ଜଣେ ଭତ୍ତା ଧାରୀ ବିଧବାଙ୍କ ମୃତ୍ୟୁ ହୋଇଗଲା । ଏହାଠାରୁ ଲଜ୍ଜା ଓ ବିଫଳତା ଆଉକିଛି ନ ଥାଇପାରେ ବୋଲି କହିଥିଲେ ।

ସେହିଭଳି ଆଇନ ଶୃଙ୍ଖଳା, ବିଦ୍ୟୁତ ବିଭ୍ରାଟ, ରାସନ କାର୍ଡ଼ ସମସ୍ୟା, ଆଦିବାସୀଙ୍କୁ ଜଙ୍ଗଲ ଜମି ଯୋଗାଇ ଦେବାରେ ସମ୍ପୂର୍ଣ୍ଣ ବିଫଳ ବୋଲି ଉଲ୍ଲେଖ କରିଥିଲେ । ପାର୍ଟି ପକ୍ଷରୁ କୁକୁଡ଼ାଖଣ୍ଡି ବିଡ଼ିଓ ଙ୍କୁ ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିବା ସହିତ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଧର ଜେନା, ଗୋପାଳ ପାଣିଗ୍ରାହୀ, ବିଜୟ ବିଶୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ଆଇନଜୀବୀ ପୀତବାସ ହତ୍ୟା ମାମଲା

# ୩୯୬ ପୃଷ୍ଠାର ଫାଇନାଲ ଚାର୍ଜସିଟ ଦାଖଲ

ବ୍ରହ୍ମପୁର, (ସବ୍ୟୁ): ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବ୍ରହ୍ମପୁର ପୋଲିସ କୋର୍ଟରେ ଫାଇନାଲ ଚାର୍ଜସିଟ ଦାଖଲ କରିଛି । ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ-୩ୟ ବିବସ୍ୱତ ଗୌତମଙ୍କ କୋର୍ଟରେ ଏହି ବହୁ ଚର୍ଚ୍ଚିତ ମାମଲାର ତଦନ୍ତ ଅଧିକାରୀ ତଥା ଟାଉନ ଏସଡିପିଓ ପ୍ରିୟ ରଞ୍ଜନ ଛୋଟରାୟ ୩୯୬ ପୃଷ୍ଠାର ଫାଇନାଲ ଚାର୍ଜସିଟ ଦାଖଲ କରିଛନ୍ତି । ଏପଟେ ଏହି ମାମଲାର ଏକାଧିକ ଅଭିଯୁକ୍ତ ଦାଖଲ କରିଥିବା ଡିସର୍ଚଜ ପିଟିସର ଶୁଣାଣି ଆସନ୍ତା ଜୁଲାଇ ୪ ତାରିଖରେ ହେବ ବୋଲି କୁହାଯାଉଛି ।

ରାଜନୈତିକ ଓ ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ର କରି ଅକ୍ଟୋବର ୬ ତାରିଖ କୁମାର ପୂର୍ଣ୍ଣିମା ରାତିରେ ବୈକୁଣ୍ଠନଗର ସାହି ଛକ ଠାରେ ପୀତବାସ ପଣ୍ଡାଙ୍କୁ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା । ଏନେଇ ବୈଦ୍ୟନାଥପୁର ଥାନାରେ ଏକ ହତ୍ୟା ମାମଲା(୫୧୮/୨୫) ରୁଜୁ ହେବା ସହ ପୋଲିସ ପର୍ଯ୍ୟାୟକ୍ରମରେ ୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଗିରଫଙ୍କ ମଧ୍ୟରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ, ବିଜେଡି ନେତା ମଦନ ଦଳେଇ, କର୍ପୋରେଟର ମଳୟ ବିଷୋୟୀ, ଜୟପୁରର ବ୍ୟବସାୟୀ ସୂନୀଲ ହୋତା, ବ୍ରହ୍ମପୁର ଅଳକାପୁରୀର ଭଡା ଘର ମାଲିକ ଶନ୍ତ୍ରଚନ୍ଦ୍ର ଦାସ, ସାର୍ପସୁଟର କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନ, ବିହାର ରାଜ୍ୟର ଶିଶୁପାଳ ପାସଓ୍ୱାନ ଓ କୁନ୍ଦନ କୁମାର, ଷଡଯନ୍ତ୍ରକାରୀଙ୍କ ମୁଖ୍ୟ ସହଯୋଗୀ ଉମା ବିଷୋୟୀ, ଯୋଗୀ ରାଉତ, ସୀମାଞ୍ଚଳ ନାୟକ ଏବଂ ବିପିନ ସ୍ୱାଇଁ ରହିଥିଲେ । ଗିରଫ ପରଠାରୁ ସମସ୍ତ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହୁଛନ୍ତି । ପୋଲିସ ମାମଲାର ତଦନ୍ତ କରି ଡିସେମ୍ବର ୯ ତାରିଖରେ କେସ ଡାଏରୀ ଦାଖଲ କରିଥିବା ବେଳେ ଜାନୁଆରୀ ୪ ତାରିଖରେ ୧୬୬୭ ପୃଷ୍ଠାର ପ୍ରାଥମିକ ଚାର୍ଜସିଟ ଦାଖଲ କରିଥିଲା । ସେତେବେଳେ ଉକ୍ତ ଚାର୍ଜସିଟର ୧୮ ଟି କପି ଅର୍ଥାତ ୩୦ ହଜାର ପୃଷ୍ଠାର ଚାର୍ଜସିଟ କୋର୍ଟକୁ ପ୍ରଦାନ କରିବାକୁ ପୁଲିସ ୨ଟି ଟିଣ ବକ୍ସ ବ୍ୟବହାର କରିଥିଲା । ଯାହା ସେତେବେଳେ ଚର୍ଚ୍ଚାର ପରିସରକୁ ଆସିଥିଲା ।

ଆଉ ଘଟଣାର ୮ ମାସ ପରେ ପୋଲିସ ୩୯୬ ପୃଷ୍ଠାର ଫାଇନାଲ ଚାର୍ଜସିଟ କୋର୍ଟରେ ଦାଖଲ କରିଛି । ଏହା ଭିତରେ ପୂର୍ବତନ ବିଧାୟକ ବିକ୍ରମଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ଜାମିନ ଆବେଦନ ଜିଲା କୋର୍ଟ ଓ ହାଇକୋର୍ଟରେ ଖାରଜ ହୋଇସାରିଛି । ହେଲେ ବିକ୍ରମଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ପକ୍ଷରୁ ଏଡିଜେ-୩ କୋର୍ଟରେ ଦାଖଲ ହୋଇଥିବା ଡିସଚାର୍ଜ ପିଟିସନର ଶୁଣାଣି ଜାରି ରହିଛି । ଗିରଫ ବେଳେ ବ୍ରହ୍ମପୁର ପୋଲିସ ପକ୍ଷରୁ ଠିକ ଭାବେ ଆଇନ ପାଳନ କରାଯାଇନଥିବା ଅଭିଯୋଗ କରି ଅଭିଯୁକ୍ତମାନେ ସେମାନଙ୍କୁ ମାମଲାରୁ ବାଦ ଦେବାକୁ ଓକିଲଙ୍କ ଜରିଆରେ ଡିସଚାର୍ଜ ପିଟିସନ ଦାଖଲ କରିଛନ୍ତି ।

ପୂର୍ବରୁ ଏହି ପିଟିସନ ଉପରେ ଜବାବସୁଆଲ ହୋଇ ସାରିଥିବା ବେଳେ ଗୁରୁବାର ପୁଣି ଶୁଣାଣି ହେବାର ଥିଲା । ହେଲେ ପୋଲିସ ପକ୍ଷରୁ ଆଜି ଚାର୍ଜସିଟ ଦାଖଲ କରାଯିବା ଯୋଗୁ ଡିସଚାର୍ଜ ପିଟିସନର ଶୁଣାଣି ତାରିଖ ଆସନ୍ତା ୪ ତାରିଖକୁ ଘୁଞ୍ଚିଛି ।

## ଜୁନ୍ ୨୫ ରୁ ଜୁଲାଇ ୬ ପର୍ଯ୍ୟନ୍ତ ମେଗା ପ୍ରଦର୍ଶନୀ
## ବିଭିନ୍ନ ଷ୍ଟଲ୍ ସହ ରହିବ ମନୋରଞ୍ଜନର ବ୍ୟବସ୍ଥା

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ସହରବାସୀଙ୍କ ପାଇଁ ଖୁସିର ଖବର । ଆସନ୍ତା ଜୁନ୍ ୨୫ ତାରିଖରୁ ଜୁଲାଇ ୬ ତାରିଖ ୨୦୨୬ ପର୍ଯ୍ୟନ୍ତ ବ୍ରହ୍ମପୁରରେ ଏକ ବୃହତ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳା ଆୟୋଜିତ ହେବାକୁ ଯାଉଛି । ଏହି ମେଳାକୁ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆୟୋଜନ କରାଯାଉଛି । ଆୟୋଜକଙ୍କ ସୂଚନା ଅନୁସାରେ, ଏହି ମେଳାରେ ପ୍ରାୟ ୨ ଲକ୍ଷରୁ ଅଧିକ ଲୋକଙ୍କ ଭିଡ଼ ହେବାର ଆଶା ରହିଛି । ମେଳା ପ୍ରାଙ୍ଗଣରେ ଏସି ପାଭିଲିଅନ୍, ବିଭିନ୍ନ ବ୍ୟବସାୟିକ ଷ୍ଟଲ୍ ଓ ଆକର୍ଷଣୀୟ ପ୍ରଦର୍ଶନୀର ବ୍ୟବସ୍ଥା କରାଯିବ । ମେଳାରେ ଖାଦ୍ୟ ସାମଗ୍ରୀ, ହ୍ୟାଣ୍ଡିକ୍ରାଫଟ, ହୋମ୍ ଡେକର, ଫର୍ଣ୍ଣିଚର, ସୋଫା, କାର୍ପେଟ, ଡ୍ରେସ୍ ଓ ଜୁଏଲେରୀ, ଆୟୁର୍ବେଦିକ ଓ ହର୍ବାଲ୍ ପ୍ରଡକଟ, କିଚେନ୍ ସାମଗ୍ରୀ, ଘରୋଇ ଉପକରଣ, ବେଡ୍‌ଶିଟ୍, ଓ ବିଭିନ୍ନ ଘରୋଇ ପ୍ରୟୋଜନୀୟ ସାମଗ୍ରୀ ଉପଲବ୍ଧ ହେବ । ଏଥିସହ ମେଳାରେ ଫୁଡ୍ କୋର୍ଟ, ଗ୍ରାହକଙ୍କ ପାଇଁ ଉପହାର ଓ ଲକି ଡ୍ର, ହୋମ୍ ଲୋନ୍ ଓ ବୀମା ସେବା, ପରିବାର ଓ ଶିଶୁମାନଙ୍କ ପାଇଁ ମନୋରଞ୍ଜନ, ପର୍ଯ୍ୟଟନ, ଶିକ୍ଷା, ବ୍ୟାଙ୍କିଂ ଓ ମାଇକ୍ରୋଫାଇନାନ୍ସ ସମ୍ପର୍କିତ ସୁବିଧା ମଧ୍ୟ ରହିବ ବୋଲି ଜଣାପଡ଼ିଛି । ଆୟୋଜକମାନଙ୍କ କହିବା ଅନୁସାରେ, ଏହି ପ୍ରଦର୍ଶନୀ ବ୍ୟବସାୟୀ, ଉଦ୍ୟୋଗପତି ଓ ଗ୍ରାହକମାନଙ୍କ ପାଇଁ ଏକ ବଡ଼ ମଞ୍ଚ ସୃଷ୍ଟି କରିବ । ଏଠାରେ ୫ ଦିନ ଓ ୧୨ ଦିନ ଆଧାରରେ ଷ୍ଟଲ୍ ବୁକିଂ ବ୍ୟବସ୍ଥା ରହିଥିବା ବେଳେ, ଆଗ୍ରହୀ ବ୍ୟବସାୟୀମାନଙ୍କୁ ଶୀଘ୍ର ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ଜଙ୍ଗଲରୁ ମଣିଷ ଖପୁରୀ ଓ କଙ୍କାଳ ଉଦ୍ଧାର

ଭଞ୍ଜନଗର, (ସବ୍ୟୁ) : ଜଙ୍ଗଲ ଭିତରେ ଗାମୁଛାରେ ବନ୍ଧା ହୋଇଥିବା ଅବସ୍ଥାରେ ଗଛରୁ ଉଦ୍ଧାର ହେଲା ମଣିଷ ଖପୁରୀ । ତଳେ ପଡିଥିବା ଗଳିତ ମୃତଦେହର କଙ୍କାଳକୁ ମଧ୍ୟ ଜବତ କରିଛି ପୋଲିସ । ଭଞ୍ଜନଗର ଥାନା ଦଦରଲୁଣ୍ଡା ପଞ୍ଚାୟତ ଜି.ରମ୍ଭା ଗାଁ କୁ ଲାଗି ରହିଥିବା ବାଘମରା ପାହାଡ ସ୍ଥିତ ଜଙ୍ଗଲରେ ନଜରକୁ ଆସିଥିଲା ଏଭଳି ଘଟଣା ।ଉକ୍ତ କଙ୍କାଳ ଜଣେ ପୁରୁଷଙ୍କର ହୋଇଥିବା ଅନୁମାନ କରାଯାଇଛି ।ତେବେ ଏହା କାହାର ଏବଂ କିଭଳି ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ । ସମୁଦାୟ କଙ୍କାଳକୁ ଜବତ କରି ବ୍ରହ୍ମପୁର ଏଫଏମଟିକୁ ପଠାଇଛି ପୋଲିସ ।



ସୂଚନା ପ୍ରକାରେ ଗତ ୯ ତାରିଖରେ ଏହି ଥାନା ଅନ୍ତର୍ଗତ ବିରିକୋଟ ନିକଟ ମହୁଲପଲ୍ଲୀ ଗ୍ରାମର ଜନୈକ ବ୍ୟକ୍ତି ନିଖୋଜଥିବା ନେଇ ଭଂଜନଗର ଥାନାରେ ଅଭିଯୋଗ ହୋଇଥିଲା । ପାରିପାର୍ଶ୍ୱର୍କ ଅବସ୍ଥାରୁ ଉଦ୍ଧାର ହୋଇଥିବା କଙ୍କାଳ ଓ କିଛି ପ୍ରମାଣକୁ ଆଧାର କରି ନିଖୋଜ ବ୍ୟକ୍ତିଙ୍କ ସାମଞ୍ଜସ୍ୟ ରହିଥିବା ସନ୍ଦେହ କରିଛି ପୋଲିସ । ତେବେ ଡାକ୍ତରୀ ରିପୋର୍ଟ ଏବଂ ତଦନ୍ତ ପରେ, ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ଶ୍ରୀରାମ ମନ୍ଦିର ହୁଣ୍ଡି ତାଡ଼ି ଲକ୍ଷାଧିକ ଟଙ୍କା ଚୋରି

ଛତ୍ରପୁର, (ସବ୍ୟୁ): ଚୋରଙ୍କ ଟାର୍ଗେଟ ଏବେ ମନ୍ଦିର । କିଛି ଦିନ ତଳେ ହନୁମାନ ମନ୍ଦିର ରୁ ୫୦ଲକ୍ଷ ଟଙ୍କା ଉର୍ଦ୍ଧ୍ୱର୍ ଟଙ୍କାର ସୁନା, ରୁପା ଏବଂ ଟଙ୍କା ଚୋରୀ ହୋଇଥିବା ବେଳେ ଏବେ ଶ୍ରୀରାମଙ୍କ ମନ୍ଦିରରୁ ଚୋରୀ କରିବା ରେ ସଫଳ ହୋଇଛନ୍ତି ଦୁର୍ବୃତ୍ତ ମାନେ । ଛତ୍ରପୁର ରେଳ ଷ୍ଟେସନ ନିକଟରେ ଅବସ୍ଥିତ ଶ୍ରୀରାମ ମନ୍ଦିର ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ବୁଧବାର ସକାଳେ ଚୋରି ହୋଇଥିବା ଜଣାପଡିଛି । ତେବେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ପରିସରରେ ଥିବା ହୁଣ୍ଡି ଭାଙ୍ଗି ଚୋରି କରିଥିବା ମନ୍ଦିର ପୂଜକ ଅଭିଯୋଗ କରିଛନ୍ତି । ସିସିଟିଭି କ୍ୟାମେରା ଥାଇ ମଧ୍ୟ ଅଚଳାବସ୍ଥାରେ ପଡ଼ିଥିବା ବେଳେ ଏହି ଘଟଣା କେତେ ବେଳେ ଘଟିଛି ତାହା ଅନୁମାନ କରାଯାଇ ପାରୁନାହିଁ । ପୂଜକ ସଦାଶିବ ମିଶ୍ରଙ୍କ କହିବା ଅନୁଯାୟୀ ମନ୍ଦିର ହୁଣ୍ଡି ପ୍ରାୟ ୧୧ ମାସ ଯାଏ ଖୋଲା ଯାଇନଥିଲା । ନିକଟ ଅତୀତରେ ଶ୍ରୀରାମ ନବମୀ ପାଳନ କରାଯାଇଥିଲା ଯେଉଁଥିରେ ଅନେକ ଶ୍ରଦ୍ଧାଳୁ ଦାନ କରିଥିବା ବେଳେ ଏକ ଲକ୍ଷରୁ ଅଧିକ ଟଙ୍କା ହୁଣ୍ଡିରେ ଥିବା ପୂଜକ ଆଶଙ୍କା କରିଛନ୍ତି । ସୂଚନା ପାଇ ପୋଲିସ ଆସି ତଦନ୍ତ ଆରମ୍ଭ କରିଛି । ଅନ୍ୟ ପକ୍ଷରେ ଏହି ମନ୍ଦିର ରେଳବାଇ ପୋଲିସ ଅଧୀନରେ ଆସୁଛି । ରେଳବାଇ ପୋଲିସ ତାହାର ତଦନ୍ତ ଆରମ୍ଭ କରିଛି ।

## କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଗସ୍ତକୁ ସ୍ୱାଗତ

# ଆସିକା ଚିନି କଳର ଆଧୁନିକୀକରଣ ପାଇଁ ସାଂସଦଙ୍କ ଅନୁରୋଧ

ବ୍ରହ୍ମପୁର, (ସବ୍ୟୁ) : ଆସନ୍ତା ଜୁଲାଇ ୪ ତାରିଖରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଓଡ଼ିଶା ଗସ୍ତରେ ଆସି ରାଜ୍ୟର ତିନୋଟି ପ୍ରମୁଖ ସମବାୟ ଚିନି କଳ (ନୟାଗଡ଼, ବଡ଼ମ୍ବା ଓ ବଲାଙ୍ଗୀର) ର ପୁନରୁଦ୍ଧାର ଓ ନବୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଯାଉଥିବା ନେଇ ପ୍ରକାଶିତ ଖବରକୁ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ସ୍ୱାଗତ କରିଛନ୍ତି ।

ଏହି ପଦକ୍ଷେପ ଓଡ଼ିଶାର ଚାଷୀକୂଳ ଏବଂ ସମବାୟ କ୍ଷେତ୍ର ପାଇଁ ଏକ ଦୂରଦୃଷ୍ଟିସମ୍ପନ୍ନ ଓ ଐତିହାସିକ ନିଷ୍ପତ୍ତି ବୋଲି ସେ ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସାଂସଦ ଡ. ପାଣିଗ୍ରାହୀ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହଙ୍କୁ ଏକ ସ୍ୱତନ୍ତ୍ର ପତ୍ର ଲେଖି ଏସିଆର ସର୍ବପୁରାତନ ସମବାୟ ଅନୁଷ୍ଠାନ-ଗଞ୍ଜାମ ଜିଲ୍ଲାର ଆସିକା ସମବାୟ ଚିନି ଶିଳ୍ପ ଲିମିଟେଡ୍ ର ସାମଗ୍ରିକ ସଂସ୍କାର ଏବଂ ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନ ପାଇଁ ଜରୁରୀକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ସାଂସଦ ।ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଆସିକା ଚିନି କଳ ଦକ୍ଷିଣ ଓଡ଼ିଶାର ହଜାର ହଜାର ଆଖୁ ଚାଷୀଙ୍କ ଅର୍ଥନୈତିକ ମେରୁଦଣ୍ଡ । ବର୍ତ୍ତମାନ ଏହାର ଭିତ୍ତିଭୂମି ପୁରୁଣା ହୋଇଯାଇଥିବାରୁ ଏହାର ସାମଗ୍ରିକ ନବୀକରଣ ଏବଂ ଆଧୁନିକୀକରଣ ନିତାନ୍ତ ଆବଶ୍ୟକ । ପୂର୍ବରୁ ଗତ ମାର୍ଚ୍ଚ ୧୨, ୨୦ ୨୬ ରିଖରେ ସେ ଏହି ଚିନି କଳକୁ ଏକ ବହୁ-ଉତ୍ପାଦ ବିଶିଷ୍ଟ ବାୟୋ-ରିଫାଇନେରୀ ତଥା ଗ୍ରୀନ୍ ଏନର୍ଜି ହବ୍ ରୂପେ ରୂପାନ୍ତରିତ କରିବା ପାଇଁ କେନ୍ଦ୍ର ମନ୍ତ୍ରୀଙ୍କୁ ସବିଶେଷ ପ୍ରସ୍ତାବ ପଠାଇଥିଲେ । ମାନ୍ୟବର ଗୃହ ଓ ସମବାୟ ମନ୍ତ୍ରୀଙ୍କ ଆସନ୍ତା ଜୁଲାଇ ୪ ତାରିଖ କାର୍ଯ୍ୟକ୍ରମ ସହିତ ଆସିକା ଚିନି କଳର ଆଧୁନିକୀକରଣ ପ୍ରସ୍ତାବକୁ ଅଗ୍ରାଧିକାର ଭିତ୍ତିରେ ସାମିଲ କରାଗଲେ ଏହା ଗଞ୍ଜାମ ତଥା ସମଗ୍ର ଦକ୍ଷିଣ ଓଡ଼ିଶାର କୃଷକମାନଙ୍କ ଜୀବିକାକୁ ସୁରକ୍ଷିତ କରିବା ସହ ଦେଶର ସମବାୟ ଆନ୍ଦୋଳନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ସାଂସଦ ଡ. ପାଣିଗ୍ରାହୀ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି ।

## ଛାତ୍ରୀଙ୍କୁ କମେଣ୍ଟ ଫେରାର ଅଭିଯୁକ୍ତ ଗିରଫ

ବୁଗୁଡ଼ା, (ସବ୍ୟୁ) : ଜଣେ କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରିବା ସହ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ ଅଭିଯୋଗ ପରେ ଫେରାର ହୋଇଯାଇଥିବା ଜଣେ ଯୁବକଙ୍କୁ ବୁଗୁଡା ପୋଲିସ ତାମିଲନାଡୁରୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତ ଅନ୍ତର୍ଗତ ତାମ୍ବିରି ଗ୍ରାମର ରଘୁନାଥ ପ୍ରଧାନ (୨୬) । ପୋଲିସ ଏନେଇ କେସ୍ ନଂ ୨୧୪/୨୬ରେ ଏକ ମାମଲା ରୁଜୁ କରିଥିବା ବେଳେ ଆଜି ଅଭିଯୁକ୍ତ ରଘୁନାଥକୁ କୋର୍ଟ ଚାଲାଣ କରିଥିବା ମହିଳା ଏସଆଇ ଜ୍ୟୋତିଶ୍ରୀ ସାହୁଙ୍କଠାରୁ ପ୍ରକାଶ ପାଇଛି ।

## ଜୁଲାଇ ୧୨ ରେ ଏମ୍‌ପିସି ସ୍ୱୟଂଶାସିତ କଲେଜ ଆଲୁମିନି ଆସୋସିଏସନର ଗୁରୁତ୍ୱପୂର୍ଣ୍ଣ ବୈଠକ

ବାରିପଦା, (ସବ୍ୟୁ) : ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ କଲେଜ ଆଲୁମିନି ଆସୋସିଏସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତା ଜୁଲାଇ ୧୨ତାରିଖ ରବିବାର ପୂର୍ବାହ୍ନ ୧୦ଘଟିକାରେ କଲେଜ ସମ୍ମେଳନ କକ୍ଷରେ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଥିବା ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ସୂଚନା ଦେଇଛନ୍ତି । ଏଠାରେ ସୂଚନା ଥାଉକି ଏମ୍‌ପିସି କଲେଜ ଆଲୁମିନି ଆସୋସିଏସନ ୨୦୧୧ ମସିହା ନଭେମ୍ବର ମାସ ୭ ତାରିଖରେ ଗଠନ କରାଯାଇଥିଲା । ଏହାର କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଅବଧି ଚାରିବର୍ଷ ଅର୍ଥାତ ୨୦୨୫ ମସିହା ନଭେମ୍ବର ୭ ତାରିଖ ଯାଏଁ ରହିଥିଲା ।

ପରବର୍ତ୍ତୀ ସମୟରେ କର୍ମକର୍ତ୍ତାଙ୍କ ଅବଧିକୁ ୨୦୨୬ ମସିହା ମେ ୬ତାରିଖ ଯାଏଁ ସମ୍ପ୍ରସାରିତ କରାଯାଇଥିଲା । ଆଲୁମିନି ଆସୋସିଏସନର ନୂତନ କର୍ମକର୍ତ୍ତା ଚୟନ ଓ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯିବ । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସମସ୍ତ ଆଲୁମିନି ସଦସ୍ୟ ଯୋଗ ଦେବା ପାଇଁ ଅଧ୍ୟକ୍ଷ ପ୍ରଫେସର ବେହେରା ଅନୁରୋଧ କରିଛନ୍ତି ।

# ଅଣ୍ଡାରୁ ୮ ନାଗ ସାପ ଛୁଆ ଜନ୍ମ

ବ୍ରହ୍ମପୁର: (ସବ୍ୟୁ) : ଚିକିଟି ବ୍ଲକ ଭୋଳାସିଙ୍ଗି ଗ୍ରାମରୁ ଉଦ୍ଧାର ନାଗସାପ ଅଣ୍ଡାରୁ ୮ ଛୁଆ ଜନ୍ମ ହୋଇଛି । ଗତ ୨୮ ତାରିଖରେ ଏହି ଅଣ୍ଡା ଗୁଡ଼ିକ ଉଦ୍ଧାର ହୋଇଥିଲା । ଦୀର୍ଘ ମାସେ ହେଲା ଏହା ବ୍ରହ୍ମପୁର ବନାଞ୍ଚଳ କାର୍ଯ୍ୟାଳୟରେ ଇନକୁବେସନରେ ରହିଥିଲା । ବୁଧବାର ଏଥିରୁ ଛୁଆ ଜନ୍ମ ହୋଇଥିବା ବେଳେ ଗୁରୁବାର ଏହାକୁ ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଛି । ସୂଚନା ମୁତାବକ, ଭୋଳାସିଙ୍ଗି ପ୍ରାଥମିକ ବିଦ୍ୟାଳୟ ଆଗରେ ଗ୍ରାମର କାଳିଆ ସାହୁ ନୂଆ ଘର ନିର୍ମାଣ କରୁଥିଲେ ।

ଘର ମଧ୍ୟରେ ଜମା କରି ରଖିଥିବା ଇଟାରେ ନାଗ ସାପଟି ଅଣ୍ଡା ଦେଇଥିଲା । ସାପ ଅଣ୍ଡାକୁ ଉଦ୍ଧାର ପାଇଁ କାଳିଆ ସ୍ନେକ ହେଲ୍ପଲାଇନକୁ ଯୋଗାଯୋଗ କରିଥିଲେ । ସଦସ୍ୟ ରାମ ଚନ୍ଦ୍ର ସାହୁ ପହଞ୍ଚି ଗୋଟିଏ ନାଗ ସାପ ଓ ୧୧ ଟି ଅଣ୍ଡା ଉଦ୍ଧାର କରିଥିଲେ । ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖରଙ୍କ ତତ୍ତ୍ୱାବଧାନରେ ଅଣ୍ଡା ଗୁଡ଼ିକ ଆସିକା ରୋଡ ସ୍ଥିତ ବ୍ରହ୍ମପୁର ବନାଞ୍ଚଳ କାର୍ଯ୍ୟାଳୟରେ ରଖାଯାଇଥିଲା । ସ୍ନେକ ହେଲ୍ପ ଲାଇନ ସଂଯୋଜକ ସ୍ୱାଧୀନ କୁମାର ସାହୁ ଅଣ୍ଡାର ଇନକୁବେସନ ପଦ୍ଧତିକୁ ନିୟମିତ ନିରୀକ୍ଷଣ କରୁଥିଲେ ।



# ରାସ୍ତାକଡରୁ ହଟିଲା ଦୁଇ ବିପଦଜନକ ଶୁଖିଲା ଗଛ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା-ପୋଲସରା ମୁଖ୍ୟ ସଡକ ଅନ୍ତର୍ଗତ ଗୋଲିଆ ଗାଁ ନିକଟସ୍ଥ କଣିଆପଲ୍ଲୀ ଛକ ଏବଂ ବାଘୁଆ ସେତୁ ନିକଟରେ ଦୁଇଟି ବିରାଟ ଶୁଖିଲା ଥୁଣ୍ଟା ଆମ୍ବ ଓ କାକପୋଇ ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା । ସେହି ଗଛ ଦୁଇଟି ପବନରେ କେତେବେଳେ ଯେ ଭାଙ୍ଗି ପଡି ବିପଦ ସୃଷ୍ଟି କରିଥାନ୍ତା ତାହା କହି ହେଉନଥିଲା । ସେହି ମୁଖ୍ୟ ସଡକ ଦେଇ ଶହଶହ ଯାନବାହାନ ଚଳାଚଳ ସାଙ୍ଗକୁ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ଯାତାୟାତ କରୁଥିଲା ବେଳେ ରାସ୍ତା କଡରେ ବିରାଟ ଶୁଖିଲା ଗଛଟି କୌଣସି କାରଣରୁ ଭାଙ୍ଗି ପଡିଲେ ଅଜାଣତରେ ଯିବା ଆସିବା କରୁଥିବା ଯାନବାହନ, ଛାତ୍ରଛାତ୍ରୀ ଓ ଜନସାଧାରଣ ବିପଦର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ଦେଖା ଦେଇଥିଲା ।

ପ୍ରକାଶ ଥାଉକି, ତଳ ଦିନେ ଶରଣକୁଳ ଅଞ୍ଚଳର ଏକ ଦମ୍ପତ୍ତି ବାଇକରେ ପୋଲସରାରୁ ନିଜ ଗାଁକୁ ଫେରୁଥିବା ବେଳେ ଉକ୍ତ ଥୁଣ୍ଟା ଆମ୍ବ ଗଛରୁ ଶୁଖିଲା ଛୋଟ ଡାଳଟିଏ ଖସି ସେମାନଙ୍କ ଉପରେ ପଡିଯିବାରୁ ଭାରସାମ୍ୟ ହରାଇ ରାସ୍ତାକଡକୁ ଚାଲିଯାଇ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ ହେଁ ସେ ଦୁହେଁ ସାମାନ୍ୟ ଆହତ ହୋଇଥିଲେ । ଅନ୍ୟପକ୍ଷରେ ଏଇ କିଛି ମାସ ତଳେ ବାଘୁଆ ସେତୁ ନିକଟସ୍ଥ ସେହି ବିପଦଜନକ ଶୁଖିଲା କାକପୋଇ ଗଛ ତଳେ ଜମାଥିବା ଆବର୍ଜନାରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ହୁତୁହୁତୁ ହୋଇ ଜଳି ଉଠିଥିଲା । ଏନେଇ ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ସେବେଠାରୁ ସେହି ବକଳ ପୋଡା ଶୁଖିଲା ଗଛ ନିକଟ ଦେଇ ଯାତାୟାତ ବେଳେ ଲୋକେ ଆଶଙ୍କା ମଣୁଥିଲେ । ବିଶେଷକରି କାଳବୈଶାଖି ତାଣ୍ଡବ କାଳରେ ସେହି ଗଛ ଦ୍ୱୟକୁ ଅତିକ୍ରମ ବେଳେ ଲୋକଙ୍କ ମନରେ ଜୀବନହାନୀର ଭୟ ଘାରୁଥିଲା । ଏନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଶୁଖିଲା ଆମ୍ବ ଗଛଟିକୁ ଲୋକେ ଏବଂ କାକପୋଇ ଗଛଟିକୁ ପ୍ରଶାସନ ଉଚ୍ଛେଦ କରିଥିବା ବେଳେ ସେହି ରାସ୍ତା ଦେଇ ଯାତାୟତ କରୁଥିବା ଲୋକଙ୍କ ଶଙ୍କା ଦୂର ହୋଇଥିବା ଜଣାଯାଇଛି ।

## ଚାଲାଣ ବେଳେ ୧୦୦ ଗୋରୁ ଉଦ୍ଧାର, ୪ ଗିରଫ

ଭଞ୍ଜନଗର, (ସବ୍ୟୁ) : କେରଳ କୁ ଗୋ-ଚାଲାଣ ଉଦ୍ୟମ ପଣ୍ଡ କଲା ଭଂଜନଗର ଥାନା ପୋଲିସ । ୪ ଜଣ ଚାଲାଣକାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୦୦ ଗୋରୁ, ଗାଈ ଓ ବାଛୁରୀଙ୍କୁ ଉଦ୍ଧାର କରାଯାଇଛି । ବୁଗୁଡ଼ା ଥାନା ଅନ୍ତର୍ଗତ ଘୋଳପୁରରୁ ଚାଲାଣ ହେଉଥିବା ସୂଚନା ପାଇ, ଚଢ଼ାଉ କରିଥିଲା ପୋଲିସ । ପୋଲିସ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ ବୁଧବାର ଦିନ ଭଞ୍ଜନଗର ଥାନା ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା । ବୁଗୁଡ଼ା ଥାନା ଘୋଳପୁର ଅଞ୍ଚଳରୁ କିଛି ଲୋକ ଏହି ଗୋ-ଚାଲାଣ କରୁଥିଲେ । ଭଞ୍ଜନଗର ଥାନା ପୋଲିସ ପଚରାଉଚରା ସମୟରେ, ଉକ୍ତ ଗୋରୁ ସବୁ କେରଳ ଚାଲାଣ କରାଯାଉଥିବା ନେଇ ସଂପୃକ୍ତ ବ୍ୟକ୍ତିମାନେ ସ୍ୱୀକାର କରିଥିଲେ । ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ପରାମର୍ଶ କ୍ରମେ ଏନେଇ ଏକ ମାମଲା ରୁଜୁ ହେବା ସହ ୪ ଜଣ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ଛ ୧୦୦ ଗୋରୁଙ୍କୁ ଉଦ୍ଧାର କରାଯାଇଛି । ଗିରଫ ୪ ଜଣ ହେଲେ ବୁଗୁଡ଼ା ଥାନା ଘୋଳପୁର ଗାଁର ଲକ୍ଷ୍ମଣ ଗୌଡ଼, ଭଂଜନଗର ଥାନା ଅନ୍ତର୍ଗତ ବାଇବାଲି ଗ୍ରାମର ପ୍ରକାଶ ନାୟକ, ବୁଦ୍ଧଦେବ ପ୍ରଧାନ ଏବଂ ଗଣେଶ ନାଇକ । ଉଦ୍ଧାର ହୋଇଥିବା ସମସ୍ତ ଗୋରୁଙ୍କୁ ଗୋ'ଶାଳାରେ ରଖିବାର ବ୍ୟବସ୍ଥା କରାଯାଇଛି ।

## ୮ମ ବେତନ କମିଶନ ରିପୋର୍ଟ ବିଭ୍ରାନ୍ତିକର ପ୍ରଚାରକୁ ଗୁରୁତ୍ୱ ଦିଅନ୍ତୁ ନାହିଁ : ବିକାଶ ମଞ୍ଚ

ବ୍ରହ୍ମପୁର, (ସବ୍ୟୁ) : କେନ୍ଦ୍ର ସରକାର ୨୦୨୫ ମାର୍ଚ୍ଚ ୨୫ରେ ଅର୍ଥବିଲ ସହ ଅଷ୍ଟମ ବେତନ କମିଶନ ସମ୍ପର୍କୀୟ ଏକ ଭାଲିଡେସନ ଆକଟ ପାରିତ କରାଇ ଲକ୍ଷ ଲକ୍ଷ ପେନସନ ଭୋଗୀଙ୍କର ପେନସନର ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲି ଦେଇଛନ୍ତି । ଏକ ଜାନୁଆରୀ ୨୦୨୬ ପରେ ଅବସର ନେଉଥିବା କର୍ମଚାରୀ ମାନେ କେବଳ ଅଷ୍ଟମ ବେତନ କମିଶନ ପାଇଁ ହକଦାର ହେବେ ଏବଂ ତା ପୂର୍ବର ପେନସନର୍ସ ମାନେ କେଉଁ ହାରରେ ପେନସନ ପାଇବେ ତାହାର ସ୍ପଷ୍ଟତା ପ୍ରକାଶ କରିନାହାନ୍ତି ।

ଏ ସମ୍ପର୍କରେ ବିଭିନ୍ନ ସୋସିଆଲ ମିଡିଆରେ ପ୍ରଚାରିତ ହେଉଥିବା ଖବର ଉପରେ ପେନସନରମାନେ ଧ୍ୟାନ ଦେବା ଠିକ ନୁହେଁ । କେବଳ ଗଣମାଧ୍ୟମରେ ଟିଭିରେ କିମ୍ବା ପ୍ରିଣ୍ଟ ମିଡିଆରେ ପ୍ରଚାରିତ ହେଉଥିବା ଖବର ହିଁ ସତ୍ୟ ଉପରେ ଆଧାରିତ । ୧୯୮୨ ମସିହା ଡିସମ୍ବର ୧୭ତାରିଖରେ ସୁପ୍ରିମ କୋର୍ଟର ୭ ଜଣିଆ ଖଣ୍ଡପୀଠ ପେନସନ ଏକ ଅଧିକାର, କାହାର ଦୟା ନାହିଁ ବୋଲି ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ପ୍ରଦାନ କରାଯାଉଛି । ଏହି ନିର୍ଦ୍ଦେଶ ଥିବା ସତ୍ତ୍ୱେ କେନ୍ଦ୍ର ସରକାର ୨୦୨୫, ମାର୍ଚ୍ଚ ୨୫ରେ ଅର୍ଥ ବିଲ ସହିତ ଅନ୍ୟ ଏକ ଭ୍ୟାଲିଡେସନ ବିଲ ବିନା ଆଲୋଚନାରେ ପାରିତ କରାଇ ୧ ଜାନୁଆରୀ ୨୦୨୬ ପୂର୍ବରୁ ଅବସର ନେଉଥିବା କର୍ମଚାରୀ ମାନଙ୍କ ପେନସନ ସମ୍ପର୍କରେ ଏକ ନକାରାତ୍ମକ ନିର୍ଦ୍ଦେଶ ଦେଇ ଅଷ୍ଟମ ବେତନ କମିଶନ ନିଷ୍ପତ୍ତି ଉପରେ ଅଙ୍କୁଶ ଲଗାଇଛନ୍ତି । କେନ୍ଦ୍ର ସରକାରଙ୍କ ଉକ୍ତ ଅଗଣତାନ୍ତ୍ରିକ ନିଷ୍ପତ୍ତି ପ୍ରତ୍ୟାହାର କରିବା ପାଇଁ ସମଗ୍ର ଦେଶର ପ୍ରତି ଜିଲ୍ଲାପାଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଛି । କିନ୍ତୁ ଅଷ୍ଟମ ବେତନ କମିଶନ ରିପୋର୍ଟ ପ୍ରକାଶ ପାଇବା ପୂର୍ବରୁ ବିଭିନ୍ନ ସୋସିଆଲ ମେଡିଆରେ ସର୍ବନିମ୍ନ ବେତନ ୬୦ ହଜାର ହେବ, ମୂଳ ବେତନରେ ୫୦% ମାହାଙ୍ଗାଭତ୍ତା ମିଶିବା, ଫିଟମେଣ୍ଟ କମିଟି ମୂଳ ବେତନ / ପେନସନକୁ ୩.୨୫ ଗୁଣନ କରାଯିବ ବୋଲି ବିଭିନ୍ନ ବିଭ୍ରାନ୍ତି ମୂଳକ ଖବର ପ୍ରକାଶ ପାଉଛି ।

ଏହି ଭଳି ଅସତ୍ୟ ଖବର ବିଶ୍ୱାସ ନକରିବା ପାଇଁ ଓଡିଶା ସେବାନିବୃତ୍ତ କର୍ମଚାରି ଓ ଶିକ୍ଷକ ବିକାଶ ମଞ୍ଚ ରାଜ୍ୟ ସମ୍ପାଦକ ଶ୍ୟାମାସୁନ୍ଦର ଖାଡ଼ଙ୍ଗା, ନିଖିଳ ଉତ୍କଳ ଶିକ୍ଷକ ମହାସଙ୍ଘର ରାଜ୍ୟ ଅଧ୍ୟକ୍ଷ କାମରାଜୁ ମହାରଣା, ଜିଲ୍ଲା ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ଅଶୋକ କୁମାର ଦଳେଇ, ଶିକ୍ଷକ ନେତା ରାଜେନ୍ଦ୍ର କୁମାର ପଣ୍ଡା, ବିଭୁତି ଭୂଷଣ ଜେନା ପ୍ରମୁଖ ସଚେତନ କରାଇଛନ୍ତି ।

# ଉଠା ଜଳସେଚନ ପ୍ରକଳ୍ପ ଅଚଳ, ବିଦ୍ୟୁତ୍ ସଂଯୋଗ ଅପେକ୍ଷାରେ ଚାଷୀ

ବୁଗୁଡ଼ା, (ସବ୍ୟୁ) : ଚାଷୀମାନଙ୍କୁ ବର୍ଷସାରା ଜଳସେଚନ ସୁବିଧା ଯୋଗାଇବା ଲକ୍ଷ୍ୟରେ ମୋଟାବାଡିରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇନଥିବାରୁ ତାହା ଅଚଳ ହୋଇ ପଡ଼ିଛି । ଫଳରେ ଏହା ଉପରେ ନିର୍ଭର କରୁଥିବା ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ପାଣି ପାଉନଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପଞ୍ଚାୟତର ୧୬ ଜଣ ଚାଷୀ ଉଠା ଜଳସେଚନ ପ୍ରକଳ୍ପ ପାଇଁ ୩ଟି କ୍ଲଷ୍ଟର ମାଧ୍ୟମରେ ୨୦,୦୦୦ ଟଙ୍କା ଲେଖାଏଁ ଜମା କରିବା ପରେ ବୋରେଓ୍ୱଲ ଖୋଳାଯାଇଥିଲା । ଗତ ୨୦୨୨ ମସିହାରୁ ପ୍ରକଳ୍ପର ନିର୍ମାଣ କାମ ଶେଷ ହୋଇଥିଲେ ହେଁ ବିଦ୍ୟୁତ ସଂଯୋଗ ଅଭାବରୁ ମୋଟର ଚାଲୁ ହୋଇପାରୁନାହିଁ । ଚାଷ ଋତୁ ଆରମ୍ଭ ହୋଇଥିବା ବେଳେ ଜଳସେଚନ ସୁବିଧା ନମିଳିବାରୁ ଧାନ ସମେତ ଅନ୍ୟାନ୍ୟ ଫସଲ ଚାଷ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି । ଏନେଇ ଚାଷୀମାନେ ଗଞ୍ଜାମ ଜିଲ୍ଲାପାଳ, ବିଭାଗୀୟ ଯନ୍ତ୍ରୀ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳୁନାହିଁ । ଫଳରେ ଚିନ୍ତାରେ ଥିବା ଚାଷୀମାନେ ଏହାର ତୁରନ୍ତ ପ୍ରତିକାର ବ୍ୟବସ୍ଥା ନିମନ୍ତେ ଦାବି କରିଛନ୍ତି । ଅନ୍ୟଥା ସେମାନେ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଥିବା ଜଣାଯାଇଛି ।



# ଡିଖ୍ରି ସରପଞ୍ଚ ଚାମେଲୀ ଘଟଣାରେ ତଦନ୍ତ କଲେ ପାଞ୍ଚ ଜଣିଆ ପ୍ରଶାସନିକ ଟିମ୍

ମହାକାଳପଡ଼ା, (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଧୀନ ଡିଖ୍ରି ପଂଚାୟତର ମହିଳା ସରପଞ୍ଚ ଚାମେଲୀ ଓଝାଙ୍କ କ୍ଷେତ୍ରରେ ଜୁନ ୧୧ ଦିନ ଘଟିଥିବା ଘଟଣା ନେଇ ସେ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରିଥିଲେ । ଏନେଇ ମହିଳା ସରପଞ୍ଚ ଚାମେଲୀ ଓଝ । ନ୍ୟାୟ ପାଇଁ ବୁଧବାର ଏସପି ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ । ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁଯାୟୀ ଗୁରୁବାର ପାଞ୍ଚ ଜଣିଆ ଜିଲ୍ଲା ପ୍ରଶାସନିକ ଟିମ ବ୍ଲକରେ ପହଂଚି ଘଟଣା ବିଷୟରେ ପଚାରି ବୁଝିଥିଲେ । ଆଲୋଚନା ସମୟରେ ବିଡ଼ିଓ ରବିନାରାୟଣ ଆଚାର୍ଯ୍ୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜଲକ୍ଷ୍ମୀ ସାହୁ, ସିପି, ପଂଚାୟତ ପିଓ ଓ ପଂଚାୟତ ଦାୟିତ୍ୱ ରେ ଥିବା ସହକାରୀ ଯନ୍ତ୍ରୀ ମୁକ୍ତିକାନ୍ତ ସାହୁ ଉପସ୍ଥିତ ଥିଲେ ।

ପାଞ୍ଚ ଜଣିଆ ଟିମରେ ଡେପୁଟି କଲେକଟର ସରୋଜ ବେହେରା, ପିଡି ଅଜାମ୍ବର ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ଦେବଯାନୀ ସୁତାର, ଏଡିଏମ ରାଜସ୍ୱ ରବୀନ୍ଦ୍ର ଯତି, ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ସରପଞ୍ଚ ଚାମେଲୀ ଓଝାଙ୍କ ଅଭିଯୋଗ ଅନୁଯାୟୀ ତଦନ୍ତ କରିଥିଲେ । ଅଭିଯୋଗରେ ଅଙ୍ଗନୱାଡି କେନ୍ଦ୍ର, ଡିଖ୍ରି ସେବାଶ୍ରମ ପାରାପେଟି ଓ କଲ୍ୟାଣ ମଣ୍ଡପ ପ୍ରକଳ୍ପ ରହିଥିବାର ଜଣାପଡିଛି ।

# ଇଫ୍‌କୋ ଅଡିଟୋରିଅମରେ ଆନ୍ତର୍ଜାତିକ ଏମେସେମି ଦିବସ ୨୭ରେ




ପାରାଦୀପ, ( ଜି ପ୍ର ) : ବିଶ୍ୱବ୍ୟାଙ୍କ ସହଯୋଗରେ ଚାଲୁଥିବା ରଂପ ଯୋଜନାରେ ଏମେସେମି ଟିମର ଲକ୍ଷ ହେଉଛି ଦେଶରେ ୫ଲକ୍ଷ ସୂକ୍ଷ୍ମ ଏବଂ କ୍ଷୁଦ୍ର ଉଦ୍ୟୋଗ ଓପେନ ନେଟୱାର୍କ ଫର ଡିଜିଟାଲ କମର୍ସ ସହ ଯୋଡିବା । ଏହାଦ୍ୱାରା ଉଦ୍ୟୋଗୀ ନିଜର ଉତ୍ପାଦ ଓ ସେବାକୁ ଅଧିକ ଗ୍ରାହକଙ୍କ ପାଖରେ ପହଂଚାଇବା ସହ ବଜାରରରେ ନିଜର ପରିଚୟ ବଢାଇବା ଓ ବ୍ୟବସାୟରେ ଉନ୍ନତି କରି ପାରିବେ । ଏଭଳି ଲକ୍ଷ୍ୟ ନେଇ ଆସନ୍ତା ୨୭ ତାରିଖରେ ପାରାଦୀପ ଇଫକୋ ଅଡିଟୋରିୟମ ପରିସରରେ ଆନ୍ତର୍ଜାତିକ ଏମେସେମି ଦିବସ ପାଳନ ହେବାକୁ ଯାଉଛି । ଏ ନେଇ ଆଜି ବିଭାଗ ପକ୍ଷରୁ ପାରାଦୀପରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି । ଏଥିରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନେକ କ୍ଷୁଦ୍ର ସୂକ୍ଷ୍ମ ଉଦ୍ୟୋଗୀମାନେ ଉପସ୍ଥିତ ରହିବା ସହ ପଞ୍ଜିକରଣ ମଧ୍ୟ କରାଯିବ ।

# ଟ୍ରଲର ପଛରେ କାର ଧକ୍କା: ବାପ, ଝିଅ ଗୁରୁତର

ପାଣିକୋଇଲି,(ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ନିକଟରେ ଟ୍ରଲର ପଛରେ କାର ଧାମା ହେବାରୁ କାରଟି ଚୁରମାର ହେବା ସହ କାର ମଧ୍ୟରେ ଥିବା ବାପ ଓ ଝିଅ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶଯେ ଭଦ୍ରକରୁ ଏକ କାର ୨୪ବିଏଚ୩୮୪୧ଏଲ ଭୁବନେଶ୍ୱର ଯାଉଥିବା ବେଳେ ବ୍ରଜନଗର ଠାରେ ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ଟ୍ରଲର (ଏନଏଲ୦୧ଏନ୭୦୭୪) ପଛରେ ଦ୍ରୁତଗତିରେ ଧକ୍କା ଖାଇଥିଲା। ଫଳରେ କାରର ସମ୍ମୁଖଭାଗ ସମ୍ପୂର୍ଣ୍ଣ ଚୁରମାର ହେବା ସହ କାର ମଧ୍ୟରେ ଥିବା ବାପ ଓ ଝିଅ ଗୁରୁତର ଆହତ ହୋଇଥିଲେ। ଖବରପାଇ ରାଜପଥ ପେଟ୍ରୋଲିଂଗ ଓ ପାଣିକୋଇଲି ତାନା ପୁଲିସ ପହଂଚି ୧୦୮ ଆମ୍ବୁଲାନ୍ସ ଯୋଗେ ଆହତ ଦ୍ୱୟଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଜାରି ରହିଛି।

# ବିଧାୟକଙ୍କ ଦ୍ୱାରା ମାରାଥନ ଶିଳାନ୍ୟାସ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ହେବାକୁଥିବା ପ୍ରକଳ୍ପ ଗୁଡିକର ଧର୍ମଶାଳା ବିଧାୟକଙ୍କ ଦ୍ୱାରା ମାରାଥନ ଶିଳାନ୍ୟାସ କରାଯାଇଛି। ଗତ ୧୧ ତାରିଖ ଠାରୁ ଅଦ୍ୟାବଧି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିବା ବେଳେ ଆଜି କୁମାରୀ ପଂଚାୟତ ଆରଡିରାସ୍ତା ଠାରୁ ଜାମୁବଣିଆ ପର୍ଯ୍ୟନ୍ତ ୨କୋଟି ୭୩ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳରେ ହେବାକୁଥିବା ରାସ୍ତାର ପ୍ରଶସ୍ତୀକରଣ ଓ ନବୀକରଣ ପାଇଁ ଆଜି ଶିଳନ୍ୟାସ କରାଯାଇଛି । ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଶିଳାନ୍ୟାଶ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାସ୍ତାର ଶିଳାନ୍ୟାଶ କରିଥିଲେ। ଏହି କାର୍ଯକ୍ରମରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରଜେଶ୍ୱରୀ ଭୋଳ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହିଥିଲେ। ବିଧାୟକଙ୍କ ସହିତ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ସାହୁ,ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର,ଜିଲ୍ଲାପରିଷଦ ସଦସ୍ୟା ସ୍ମୃତିରେଖା ବେହେରା, ବିଜେପି ଜୋନ ସଭାପତି ଶିବୁଲି ଧିର, ଦେବଦତ ପଣ୍ଡା, ଜିତେନ୍ଦ୍ର ରାଉତ, ପ୍ରଭାରୀ ରାଜେଶ ପାଳ, ଅଭିଶେକ ରାଉତ, ବିଶ୍ୱଜିତ ପୃଷ୍ଟି, ଅମ୍ବାର ଅଧ୍ୟକ୍ଷ ଉପେନ୍ଦ୍ର କୁମାର କର, ଜାରକା ସରପଂଚ ସୁଦାମ ବେହେରା,ବିଜେପି ନେତା ତପନ ମାହୁନ୍ତ, ଆଲୋକ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ହଜାର ହଜାର ସଂଖ୍ୟାରେ ବିଜେପି ମହିଳା ଓ ପୁରୁଷ କର୍ମୀ ସେଠାରେ ଉପସ୍ଥିତ ରହି ବିଧାୟକ ଶ୍ରୀ ସାହୁଙ୍କୁ ଏକ ଖୋଲା ଜିପରେ ବସାଇ ବାଜା, ବାଣ ସହ ଶୋଭାଯାତ୍ରାରେ ଶିଳାନ୍ୟାସ ସ୍ଥଳକୁ ପାଛୋଟି ନେଇଥିଲେ।

# ବ୍ରହ୍ମାକୁମାରୀ ସେବାକେନ୍ଦ୍ରରେ ଜଗଦମ୍ବା ମମାଙ୍କ ସ୍ମୃତି ଦିବସ ଓ ନିଶାମୁକ୍ତ କାର୍ଯ୍ୟକ୍ରମ

କେନ୍ଦ୍ରାପଡା,(ସବ୍ୟୁ) : ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପ୍ରଥମ ମୁଖ୍ୟ ପ୍ରଶାସିକା ଜଗଦମ୍ବା ସରସ୍ୱତୀ (ମମ୍ମା)ଙ୍କ ୬୧ତମ ସ୍ମୃତି ଦିବସ ସୁନାଇଲୋ ସ୍ଥିତ ବ୍ରହ୍ମକୁମାରୀ ସେବାକେନ୍ଦ୍ରରେ ପାଳିତ ହୋଇଯାଇଛି । ଏହି ଦିବସକୁ ଆଧ୍ୟାତ୍ମିକ ଜ୍ଞାନ ଦିବସ ରୂପେ ପାଳନ କରିଥାନ୍ତି । ଏଥିରେ ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱର୍ ଭାଇ ଭଉଣୀ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସେବାକେନ୍ଦ୍ରର ମୁଖ୍ୟ ପରିଚାଳିକା ସ୍ନେହ ଭଉଣୀ ମମ୍ମାଙ୍କ ତ୍ୟାଗମୟ ଜୀବନ ସ୍ମୃତିଚାରଣ କରିଥିଲେ । ଏଥିସହିତ ଭଉଣୀ ସ୍ନେହଙ୍କ ଅଧ୍ୟକ୍ଷତାରେ ନିଶାମୁକ୍ତ ସଭା ଆୟୋଜନ କରାଯାଇଥିଲା । ଏଥିରେ କେନ୍ଦ୍ରାପଡା ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଅବାଧ ଚୋରା ଚାଲାଣ ବନ୍ଦ ହେବା ନିହାତି ଦରକାର ଉପରେ ଆଲୋକପାତ କରିଥିଲେ । ଏଥିସହିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ମାନଙ୍କୁ ନିଶାମୁକ୍ତ ହେବାପାଇଁ ପ୍ରତିଜ୍ଞା କରାଇଥିଲେ ।

ଏହା ପୂର୍ବରୁ କୁହୁଡିସ୍ଥିତ ସିଦ୍ଧ ମହାପୁରୁଷ ଉଚ୍ଚ ମହାବିଦ୍ୟାଳୟରେ ବାରଡାଙ୍ଗ ଗୁରୁକୃପା ଶିକ୍ଷାଅନୁଷ୍ଠାନରେ ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ବିଦ୍ୟାଳୟରେ ସମସ୍ତ ବିଦ୍ୟାର୍ଥୀମାନଙ୍କୁ ନିଶାଦ୍ରବ୍ୟର ଅପକାରୀତା ଉପରେ ସଚେତନତା କରାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମାକୁମାର ରବିନ୍ଦ୍ର, ମଦନ, ବିଶ୍ୱରଞ୍ଜନ, ସର୍ବେଶ୍ୱର, ଅକ୍ଷୟ, ବିଜୟ, ସମୀର, ସୁଚିତ୍ରା, ସୁମିତ୍ରା ପ୍ରମୁଖ ଭାଇଭଉଣୀ ସହଯୋଗ କରିଥିଲେ ।

# ବିକାଶର ଧାରା ଓଡ଼ିଶା ସାରା ଅନ୍ତର୍ଗତ ସ୍ୱଚ୍ଛତା ଅଭିଯାନ



ଜଗତସିଂହପୁର,(ସବ୍ୟୁ) : ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଏବଂ ଜଗତସିଂହପୁର ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଜଗତସିଂହପୁର ପୌର ପରିଷଦ ଅଞ୍ଚଳର ସୋମନାଥ ହାଟ ବଜାର ନିକଟରେ ଏକ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେଙ୍କ ତତ୍ତ୍ୱାବଧାନରେ ପୌରାଞ୍ଚଳର ବିଭିନ୍ନ ମହାବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା, ଗଣମାଧ୍ୟମ ପ୍ରତିନିଧି, ସ୍ୱଚ୍ଛ ସାଥୀ, ପୌର ପରିଷଦ କର୍ମଚାରୀ ପ୍ରମୁଖ ସୋମନଥ ହାଟ ବଜାର ନିକଟରେ ଏକତ୍ରିତ ହୋଇ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ । ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ସିଂହ କାର୍ଯ୍ୟକ୍ରମ ତଦାରଖ କରିଥିଲେ ।

ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ସିଂହ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚି ତନୟା ମହାନ୍ତିଙ୍କ ଉପସ୍ଥିତିରେ ସ୍ୱଚ୍ଛ ଭାରତର ବିଭିନ୍ନ ସ୍ଲୋଗାନ ସହ ଅଧିକାରୀ , ପିଲାମାନେ ଓ କର୍ମଚାରୀ ମାନେ ଅଳିଆ ଆବର୍ଜନା ସଫା କରି ପୌର ପରିଷଦ ଅଳିଆ ଗାଡିରେ ପକାଇଥିଲେ । ସ୍ୱଚ୍ଛ ଓଡ଼ିଶା ଆମର ଲକ୍ଷ୍ୟ, ସ୍ୱଚ୍ଛତା ଆମର କର୍ତ୍ତବ୍ୟ ଭଳି ବିଭିନ୍ନ ସ୍ଲୋଗାନ ଦେଇ ପିଲାମାନେ ଅଭିଯାନ ରେ ସାମିଲ ହୋଇଥିଲେ ।

# ପ୍ରଶାସନର ଖାମଖିଆଲି ନୀତି, ଘରୁ ବାହାରି ପାରୁନାହାନ୍ତି ଦଳିତ ମହିଳାଙ୍କ ପରିବାର



ନିଶ୍ଚିନ୍ତକୋଇଲି ,(ସବ୍ୟୁ): ଦଳିତମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ସେମାନଙ୍କର ସାମୁହିକ କଲ୍ୟାଣ ସାଧନ କରିବା ନିମନ୍ତେ ସରକାର ଯୋଜନା ଉପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏଥିନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଖାମଖିଆଲି ନୀତି ଯୋଗୁ ଜଣେ ଦଳିତ ବିଧବା ମହିଳାଙ୍କ ପରିବାର ବର୍ଗ ଘରୁ ପଦାକୁ ବାହାରି ପାରୁନଥିବାର ଅଭିଯୋଗ ହୋଇଛି । ନ୍ୟାୟ ପାଇବା ନିମନ୍ତେ ସମ୍ପୃକ୍ତା ମହିଳା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିବାର ଜଣାଯାଇଛି ।


ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟର ସନ୍ନିକଟରେ ଜିଗ୍ନିପୁର ଗ୍ରାମପଂଚାୟତ ମହାଜନପୁର ଗ୍ରାମର ଦଳିତ ବିଧବା ମହିଳା ହୀରା ବେହେରାଙ୍କ ଘର ଅଟେ । ଗତ ୨ବର୍ଷ ହେଲା ହୀରାଙ୍କ ସ୍ୱାମୀ ମନୋଜ ବେହେରା ଅକାଳ ମୃତ୍ୟୁ ବରଣ କରିଛନ୍ତି । ହୀରା ବହୁ କଷ୍ଟରେ ତାଙ୍କର ୨ପୁତ୍ରଙ୍କୁ ନେଇ ପରିବାର ଚଳାଉଛନ୍ତି । ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ସ୍ଥାନୀୟ ବାହାବଳପୁର ଉର୍ଦ୍ଦୁ ପ୍ରାଥମିକ ସରକାରୀ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ୯ଲକ୍ଷ ଟଙ୍କାର ସରକାରୀ ଅନୁଦାନ ପ୍ରଦାନ କରାଯାଇଛି । ବ୍ଲକ ପ୍ରଶାସନ ତରଫରୁ ସ୍ଥାନୀୟ ଲୋକପ୍ରତିନିଧିଙ୍କ ଉପସ୍ଥିତିରେ ଏହି ବିଦ୍ୟାଳୟ ଗୃହର ଶିଳାନ୍ୟାସ କରାଯାଇଛି । ତେବେ ବ୍ଲକ ପ୍ରଶାସନ ତରଫରୁ ବେପରୁଆ ଭାବେ ହୀରାଙ୍କ ଘର ସମ୍ମୁଖକୁ ଗୃହ ନିର୍ମାଣ ନିମନ୍ତେ ତାଡି ଦିଆଯାଇଛି । ଯାହା ଦ୍ୱାରାକି ହୀରାଙ୍କ ପରିବାର ବର୍ଗ ଘରୁ ପଦାକୁ ବାହାରି ପାରୁନାହାନ୍ତି ।

ଆଗକୁ ବର୍ଷା ଋତୁ ଆସୁଥିଲା ବେଳେ ବିଦ୍ୟାଳୟ ଗୃହ ନିର୍ମାଣ ହେଲେ ଜରୁରୀକାଳୀନ ପରିସ୍ଥିତିରେ ଘରୁ ପଦାକୁ ବାହାରିବା ହୀରାଙ୍କ ପରିବାର ନିମନ୍ତେ କାଠିକର ପାଠ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ତେବେ ସରକାର ଦଳିତମାନଙ୍କ ନିମନ୍ତେ ନାନା ପ୍ରକାର କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଥିଲା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ଜଣେ ଦଳିତ ମହିଳାଙ୍କ ଘର ସମ୍ମୁଖରେ ବିଦ୍ୟାଳୟ ଗୃହ ନିର୍ମାଣ କରାଯିବା ଏବଂ ତାଙ୍କ ପରିବାରର ପଥ ଅବରୋଧ କରାଯିବା କେତେଦୂର ସମୀଚୀନ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ନ୍ୟାୟ ପାଇବା ନିମନ୍ତେ ହୀରା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିବାର ଜଣାଯାଇଛି ।

# ନିଶାମୁକ୍ତ ଭାରତ ପାଇଁ ଦସ୍ତଖତ ଅଭିଯାନ

କେନ୍ଦ୍ରାପଡା,(ସବ୍ୟୁ): ଯୁବପିଢିଙ୍କୁ ନିଶାଠାରୁ ଦୂରରେ ରଖିବା ପାଇଁ ରାଜ୍ୟ ସରକାରଠାରୁ ଆରମ୍ଭ କରି କେନ୍ଦ୍ର ସରକାର ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ଏହି ପରିପେକ୍ଷୀରେ କେନ୍ଦ୍ରାପଡା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ନଶାମୁକ୍ତ ଭାରତ ଶପଥ କାର୍ଯ୍ୟକ୍ରମ ଉପଲକ୍ଷେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍ ନିଜେ ଦସ୍ତଖତ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଗୁରୁବାର ଏକ ବିରାଟ ଶୋଭାଯାତ୍ରା ତିନିମୁହାଣୀ ରାମମନ୍ଦିରଠାରୁ ବାହାରି କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରକୁ ଯାଇ ସେଠାରେ ଏକ ସଚେତନତା ସଭାର ଆୟୋଜନ ରହିଛି । ଆୟୋଜିତ ଏହି ଦସ୍ତଖତ ଅଭିଯାନରେ ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ଡେପୁଟି କଲେକଟର ଶୁଭଦର୍ଶିନୀ ଦାସଙ୍କ ସହିତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।


# ଧର୍ମପରାୟଣା ମହିଳାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ



ନାଉଗାଁ, (ସବ୍ୟୁ) : ନାଉଗାଁ ବ୍ଲକ ଅନ୍ତର୍ଗତ କାନୁନଗୋସାହି ଗ୍ରାମର ଧର୍ମପରାୟଣ ମହିଳା ଧୀର ନାୟକ (୮୦)ଙ୍କ ପରଲୋକ ଘଟିଛି । ସେ ନିତ୍ୟ ଚୈତନ୍ୟ ଦାସ (ମଣ୍ଟୁ ବାବା)ଙ୍କ ମା' ଥିଲେ । ସେ ସାରା ଅଞ୍ଚଳରେ ଧୀର ବୋଉ ଓ ଫୁଲ ମା ବୋଲି ପରିଚିତ । ତାଙ୍କର ନିଜର ସରଳ, ଧାର୍ମିକ ଓ ପରୋପକାରୀ ଜୀବନଶୈଳୀ ପାଇଁ ସେ ଅଞ୍ଚଳରେ ବେଶ ପରିଚିତ ଥିଲେ ଏବଂ ସମସ୍ତଙ୍କ ଶ୍ରଦ୍ଧା ଓ ଭଲପାଇବାର ପାତ୍ର ଥିଲେ । ଗତ ୨୨-୦୬-୨୦୨୬ ତାରିଖ ସୋମବାର ରାତ୍ରି ୧୧ଟା ୧୫ ମିନିଟ ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାଙ୍କର ପୁତ୍ର ଦିବ୍ୟରଞ୍ଜନ ନାୟକ ମୁଖାଗ୍ନି ପ୍ରଦାନ କରିଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପ୍ରଶାନ୍ତ କୁମାର ମୁଦୁଲି, ଜ୍ୟୋତିଷ ଚନ୍ଦ୍ର ଦାସ, ସାଶ୍ୱତ ରଞ୍ଜନ ନାୟକ, ସୁନୀଲ କୁମାର ମାଟିଆ, ଆଲୋକ ମହାନ୍ତି, ସରୋଜ କୁମାର ଲେଙ୍କା, ମନୋଜ ନାୟକ, ଅନିଲ ଲେଙ୍କା, ସମୀର ନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ ।

# ହୃଦ୍‌ଘାତରେ ଜେନାପୁର କଲେଜ ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ



ଚଣ୍ଡିଖୋଲ/ଜେନାପୁର, (ସବ୍ୟୁ): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବରାଳଙ୍କର ହୃଦଘାତରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ୬୭ ବର୍ଷ ହୋଇଥିଲା । ସୂଚନା ଥାଉକି ରାୟପୁରରେ ଚାକିରୀ କରୁଥିବା ତାଙ୍କ ଝିଅକୁ ଦେଖା କରିବାକୁ ଶ୍ରୀ ବରାଳ ସସ୍ତ୍ରୀକ ଯାଇଥିଲେ।ସେଠାରୁ ସ୍ତ୍ରୀଙ୍କ ସହ ରେଳରେ ଘରକୁ ଫେରୁଥିଲା ବେଳେ ଢେଙ୍କାନାଳ ରେଳ ଷ୍ଟେସନରେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ସେ ସେଠାରେ ଟଳି ପଡିଥିଲେ । ତାଙ୍କୁ ତୁରନ୍ତ ସ୍ଥାନୀୟ ମେଡିକାଲକୁ ନେଇଯାଇଥିଲା । ହେଲେ ସେଠାରେ ଡ଼ାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳଯାଇଥିଲା । ପରେ ତାଙ୍କ ମର ଶରୀରକୁ ସେଠାରୁ ଜେନାପୁର ବରାନସାହିସ୍ଥିତ ତାଙ୍କ ବାସଭବନକୁ ଅଣାଯାଇଥିଲା । ତାଙ୍କ ମୃତଦେହ ଏଠାରେ ପହଞ୍ଚିବା ପରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଉତ୍କଳମଣି ସେବା ସଙ୍ଗଠନ, ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ , ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ,ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା,ବିନାୟକ ଦାସ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଜେନାପୁର ଯୁକ୍ତଦୁଇ କଲେଜ ଅଧ୍ୟକ୍ଷ ରନିକର ନାୟକ,ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, ଡଃ ସୁରେଶ ଚନ୍ଦ୍ର ଦିବେଦୀ, ଅଶୋକ କୁମାର ବରାଳ,ଅଧ୍ୟାପିକା ଚିନ୍ମୟୀ ନାୟକ, ମୋନାଲିସା ସାହୁଙ୍କ ସମେତ କଲେଜର ସମସ୍ତ ଛାତ୍ରଛାତ୍ରୀ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନିଜ ଗ୍ରାମ ସ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା

# ଡାଇଭର୍ସନ ରାସ୍ତା ନକରି ପୋଲ ନିର୍ମାଣ ପାଇଁ କାଟିଦେଲେ ସମ୍ପୂର୍ଣ୍ଣ ରାସ୍ତା

ମଙ୍ଗଳପୁର, (ସବ୍ୟୁ) : ଅବଧି ଶେଷର ତିନି ବର୍ଷ ପରେ ମଙ୍ଗଳପୁର - ନାରୀଗାଁ ଆର୍.ଡ଼ି ରାସ୍ତାରେ ନିର୍ମାଣ ହେଉଛି ପୋଲ । ମାତ୍ର ପୋଲ ନିର୍ମାଣ ହେଉଥିବା ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏକ ମାତ୍ର ରାସ୍ତାଟିକୁ ସମ୍ପୂର୍ଣ୍ଣ କାଟିଦେଇଛନ୍ତି ଠିକାଦାର । ଫଳରେ ଲୋକେ ନ ହିନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ମେସର୍ସ ସତ୍ୟସାଇ କନଷ୍ଟ୍ରକସନ ଠିକାଦାର ରାସ୍ତା କାଟିବା ପୂର୍ବରୁ ଡ଼ାଇଭର୍ସନ ରାସ୍ତା ନିର୍ମାଣ କରି କାଟିବା କଥା । ମାତ୍ର ସେମିତି କରାଯାଇନାହିଁ । ମାତ୍ର ସ୍ଥାନୀୟ ଲୋକେ ପ୍ରତିବାଦ କରିବାରୁ ଠିକାଦାର କିଛି ଖଳ ପ୍ରକୃତିର ଲୋକ ଲଗାଇ ମାରିବାକୁ ଦେଉଛନ୍ତି ଧମକ । ଏଣୁ ଘଟଣାସ୍ଥଳରେ ଉତେଜନା ଲାଗିରହିଥିଲା । ଏ ବିଷୟରେ ବିଭାଗୀୟ ଜେଇ ଅଶୋକ କୁମାର ଜେନାଙ୍କୁ ପଚାରିବାରେ ଆମେ ଠିକାଦାରଙ୍କୁ ଡ଼ାଇଭର୍ସନ ରାସ୍ତା ଆଗେ ନିର୍ମାଣ କରି ପୋଲନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛୁ, ସେଥିପାଇଁ ମଧ୍ୟ ସରକାର ଟଙ୍କା ପ୍ରଦାନ କରୁଛନ୍ତି । ସେ କିପରି ଅମାନ୍ୟ କରୁଛନ୍ତି ବୋଲି କହିଥିଲେ ।

ଏଣୁ ଏହି ଘଟଣାରେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଜିଲ୍ଲାପାଳ ଏବଂ ଥାନାରେ ଅଭିଯୋଗ କରାଯିବ ବୋଲି ଘନଶ୍ୟାମ ସାହୁ, ଭରତ ଚନ୍ଦ୍ର ପରିଡା, ଚନ୍ଦ୍ର ଶେଖର ସାହୁ, ମଦନ ମଲିକ, ଅନନ୍ତ କୁମାର ଯେନା, ବିମଳ ମଲିକ, ରାଜୀବ ମଲିକ ପ୍ରମୁଖ ସୂଚନା ଦେଇଛନ୍ତି । ହେଲେ ଠିକାଦାର ତରବରିଆ ଭାବେ ରାତାରାତି ପୋଲନିର୍ମାଣ କାମ କରୁଥିବାବେଳେ ରାତିରେ କିପରି କାମ ହେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି

ସୂଚନାଥାଉକି ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ମଂଗଳପୁର - ବଡକୁଆଁଲ ରାସ୍ତା ସଂପ୍ରଶାରଣ ପାଇଁ ଆରଡି ବିଭଗ ପକ୍ଷରୁ ଗତ ୨୦୨୨ ମସିହାରେ ବ୍ୟୟ ମଂଜୁରୀ କରାଯାଇଥିଲା । କାର୍ଯ୍ୟ ପାଇଁ ମେସର୍ସ ସତ୍ୟସାଇ କନଷ୍ଟ୍ରକସନ ଙ୍କୁ ବିଭାଗ ପକ୍ଷରୁ ଦାୟୀତ୍ୱ ପ୍ରଦାନ କରାଯାଇଥିଲା ।

# ରଘୁନାଥପୁର ବ୍ଲକସ୍ତରୀୟ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ



ରଘୁନାଥପୁର, (ସବ୍ୟୁ) : ରାଜ୍ୟରେ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ରଘୁନାଥପୁର ବ୍ଲକସ୍ତରୀୟ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକକଲ୍ୟାଣ ଯୋଜନାକୁ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମ ଉପସ୍ଥିତ ଏମବିକେ, ସିଆରପି, ଏସଏଚଜି ମହିଳାମାନଙ୍କ ଦାରା ହୁଳହୁଳି ପକାଯାଇ ଆରମ୍ଭ କରା ଯାଇଥିଲା । ଏଥିରେ ବ୍ଲକ ବିଡିଓ ବିରେଞ୍ଚି ନାରାୟଣ ବେହେରା ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଓ ସମ୍ମାନିତ ଅତିଥି ଭାବେ ତହସିଲଦାର ରାଜଲକ୍ଷ୍ମୀ ନାୟକ, ସିଡ଼ିପିଓ ତୃପ୍ତିଲତା ମହାନ୍ତି, ରଘୁନାଥପୁର ମେଡିକାଲ ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁ, ଏବିଇଓ ଆଶୁତୋଷ ମୁଖାର୍ଜୀ ପ୍ରମୁଖ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ନପୂର୍ଣ୍ଣା ଯୋଜନାରେ ନୂତନ ରାସନ କାର୍ଡ ଧାରୀ ୪୫ଜଣଙ୍କୁ ରାସନ କାର୍ଡ,୩୫ ଜଣଙ୍କୁ ନୂତନ ଭତ୍ତା ବଣ୍ଟନ, ଅନ୍ତୋଦୟ ଗୃହ ଯୋଜନାରେ ୩୦ ଜଣଙ୍କୁ ଗୃହ ବଣ୍ଟନ, ଲକ୍ଷପତି ଦିଦି ଯୋଜନାରେ ଦୁଇ ଜଣଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଲୋନ ଏବଂ ୭ଟି ଏସଏଚଜି ମହିଳା ଗ୍ରୁପକୁ ୫୫ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିପିଓ ବିଶ୍ୱଜିତ ମହାପାତ୍ର, ଇଂ ସୁବାସ ଚନ୍ଦ୍ର ପୃଷ୍ଟି, ସୁଚିତ୍ରା ନନ୍ଦ ପାଲ, ଭବେଶ ବେହେରା , ବ୍ଲକ ଯୋଗାଣ ଅଧିକାରୀ ସନ୍ଧିପା ଦାସ, ଏପିଓ ମଧୁସ୍ମିତା ଲେଙ୍କା,ବିଏସଏସଓ ଜ୍ୟୋର୍ତିମୟୀ ସ୍ୱାଇଁ , ବିପିଓ ଆର ଏଚ ଅନୀତା ମହାପାତ୍ର,ସ୍ମୃତି ମହାରଣା ପ୍ରମୁଖ ପରିଚାଳନା କରିଥିଲେ ।

# ବରୁଆଁ-ବରୀ ରାସ୍ତା ମରଣଯନ୍ତା

ଯାଜପୁର , (ସବ୍ୟୁ) : ବିକାଶର ବିକଳ ଚିତ୍ର ଦେଖାଉଛି ବରୁଆଁ-ବରୀ ରାସ୍ତା । ଦୀର୍ଘ ଦିନ ହେଲା ଏହି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲା ବେଳେ ପୂର୍ତ୍ତ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି । ଦୀର୍ଘଦିନ ହେଲା ଜିଲ୍ଲାର ଅନ୍ୟତମ ଏହି ପ୍ରମୁଖ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇ ପଡ଼ିଥିଲା ବେଳେ ପୂର୍ତ୍ତ ବିଭାଗ ଏହାକୁ ମରାମତି କରିବା ବଦଳରେ ଚୁପ ବସିବାର କାରଣ ଖୋଜୁଛନ୍ତି ସାଧାରଣ ଜନତା । ରାସ୍ତାର ଶୋଚନୀୟ ଅବସ୍ଥା ପଥଚାରୀଙ୍କ ପାଇଁ ବିପଦର କାରଣ ହୋଇଛି । ବର୍ଷା ହେବା ଫଳରେ ରାସ୍ତା ଖାଲରେ ପାଣି ଜମି ରହିବା ଦୁର୍ଘଟଣାର କାରଣ ହୋଇଛି । ବିଭିନ୍ନ ସମୟରେ ଏହି ରାସ୍ତା ମରାମତି ହୋଇଥିବା ବେଳେ ମରାମତି ସମୟରେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଫଳରେ ନିମ୍ନ ମାନର ମରାମତି କାମ ହୋଇଥାଏ ବୋଲି ଅଭିଯୋଗ ହୋଇଥାଏ । ବର୍ଷରେ ମଧ୍ୟ ଏହି ରାସ୍ତାରେ ପିଚୁ କାମ ମରାମତି କରିବାର ନଜିର ଥିବା ବେଳେ ଠିକାଦାର ଜାଣିଶୁଣି କିଛି ଖାଲକୁ ମରାମତି ନକରି ଛାଡି ମଧ୍ୟ ଦିଅନ୍ତି । ଆଜକୁ ବେଶ କିଛି ମାସ ହେଲା ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନାହାନ୍ତି । ଯାଜପୁର ଜିଲ୍ଲାର ଯାଜପୁର ବ୍ଲକ ଓ ବରୀ ବ୍ଲକର ହଜାର ହଜାର ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭରଶୀଳ । କେବଳ ଏହି ଦୁଇଟି ବ୍ଲକ ନୁହେଁ କେନ୍ଦ୍ରାପଡ଼ା ଜିଲ୍ଲାର କିଛି ଅଂଶର ଲୋକେ ମଧ୍ୟ ଏହି ରାସ୍ତା ଉପରେ ନିର୍ଭରଶୀଳ ।

# ବରଡା ଛକରେ ଖୋଲିଲା ନୂତନ ପ୍ରଧାନମନ୍ତ୍ରୀ ଜନୌଷଧୀ କେନ୍ଦ୍ର

ଚଣ୍ଡିଖୋଲ/ଚଡେଇଧରା ,(ସବ୍ୟୁ): ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକର ଜେନାପୁର ଥାନା ଅନ୍ତର୍ଗତ ବରଡା ଛକରେ ବୁଧବାର ଦିନ ନୂତନ ଭାବେ ଏକ ପ୍ରଧାନମନ୍ତ୍ରୀ ଜନୌଷଧୀ କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଏଠାରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସବୁ ରୋଗପାଇଁ ସୁବିଧାରେ ଓ ସୁଲଭ ମୂଲ୍ୟରେ ସମସ୍ତ ପ୍ରକାର ଔଷଧ ଯୋଗାଇ ଦିଆଯିବ । ବଜାର ଦର ଠାରୁ ୫୦ ରୁ ୯୦ ଭାଗ ପର୍ଯ୍ୟନ୍ତ କମ ମୂଲ୍ୟରେ ଏଠାରେ ସମସ୍ତ ଔଷଧ ବିକ୍ରୟ କରାଯିବାକୁ ଘୋଷଣା କରାଯାଇଛି ।

ଏହି କେନ୍ଦ୍ରକୁ ଧର୍ମଶାଳା ବିଧାୟକଙ୍କ ମା'ସମାଜସେବୀ ମିନତୀ ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଔଷଧ କେନ୍ଦ୍ରର ସ୍ୱତ୍ୱାଧିକାରୀ ଲୋପାମୁଦ୍ରା ସାହୁ,ସ୍ଥାନୀୟ ସରପଞ୍ଚ ସଫଳା ବେହେରା,ପଞ୍ଚାୟତ ପ୍ରଭାରୀ ରାଜେସ ଜେନା,ସମିତିସଭ୍ୟ ପବିତ୍ର ବେହେରା ପ୍ରମୁଖ ଏହି ଉଦଘାଟନ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ । ଚଣ୍ଡିଖୋଲ ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବରଡାଛକ ବେହେରା କମ୍ପ୍ଲେକ୍ସରେ ଏହି ପ୍ରଧାନମନ୍ତ୍ରୀ ଜନୌଷଧୀ କେନ୍ଦ୍ର ଖୋଲିଛି ଓ ସମସ୍ତ ଜନସାଧାରଣ ଏଠାରୁ ଅତିକମ ଦାମରେ ଔଷର କ୍ରୟକରି ବାକୁ ମୁଖ୍ୟ ଅତିଥି ଶ୍ରୀମତୀ ସାହୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

# ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



କୁଆଖିଆ, (ସବ୍ୟୁ) : ଜେନାପୁର କଲେଜ ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବରାଳଙ୍କ ହୃଦଘାତରେ ବୁଧବାର ଦିନ ପରଲୋକ ହୋଇଯାଇଛି । ଜେନାପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ ଓ ଅବସରପ୍ରାପ୍ତ ଜେନାପୁର କଲେଜ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବରାଳ ପାଇଁ ଜେନାପୁର କଲେଜରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅଧ୍ୟକ୍ଷ ଚିତ୍ତ ରଞ୍ଜନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।

ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ମିନିଟ ନୀରବ ପ୍ରାର୍ଥନା, ଗୀତା ପାଠ ଆଦି କରାଯାଇଥିଲା । ଶୋକ ସଭାରେ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ରଥ, ଦାମୋଦର ପଣ୍ଡା, ନନ୍ଦିତା ଦୋରା, ଚିତ୍ତ ରଞ୍ଜନ ଜେନା, ହରେକୃଷ୍ଣ ପାଲ, ବିଶ୍ୱଜିତ ବେହେରା, ବିରଜା ଶଙ୍କର ରାଉତ ଙ୍କ ସହ ସମସ୍ତ କର୍ମଚାରୀ ଓ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଜେନାପୁର କଲେଜ ଛାତ୍ର ଛାତ୍ରୀ, ସମସ୍ତ କର୍ମ ଚାରି ଗଣ୍ୟମାନ୍ୟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ବରାଳଙ୍କ କଲେଜ ପାଇଁ ଥିବା ଅବଦାନ କହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ଶ୍ରୀକ୍ଷେତ୍ର ଅଭିମୁଖେ ଗଲା ବଉଳ କାଠ



ସାକ୍ଷୀଗୋପାଳ ,(ସବ୍ୟୁ): ଶ୍ରୀମନ୍ଦିର ପରମ୍ପରାରା କ୍ରମେ ଗୁରୁବାରି ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥି ।ପବିତ୍ର ନିର୍ଜଳା ଏକାଦଶୀ ।ଏହି ତିଥି ଅବସରରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା, ରଥଯାତ୍ରା ଓ ନୀଳାଦ୍ରି ବିଜେ ପହଣ୍ଡି ସମୟରେ ଶ୍ରୀଅଙ୍ଗର ସୁରକ୍ଷା ନିମନ୍ତେ ଆବଶ୍ୟକ ସେନାପଟା ଓ ବାହୁଟ ସେବା ନିମନ୍ତେ ଆବଶ୍ୟକ ବଉଳ କାଠ ଆଜି ଶ୍ରୀକ୍ଷେତ୍ର ଅଭିମୁଖେ ମେଲାଣି ଦିଆଯାଇଛି ।ଏହି ସେବା ନିମନ୍ତେ ଆବଶ୍ୟକ ବଉଳ ଗଛ ସ୍ଥାନୀୟ ଶ୍ରୀରାମ ଚନ୍ଦ୍ର ପୁର କୁକୁରୁମୁହିଁ ନିକଟ ବିଶ୍ୱଜିତ ରଥଙ୍କ ବଗିଚାରୁ ସଂଗ୍ରହ କରାଯାଇଥିଲା । ଶ୍ରୀମନ୍ଦିର ସେବାୟତ ଆଣିଥିବା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଆଜ୍ଞାମାଳ ଓ ମହାପ୍ରସାଦ ସମର୍ପଣ କରି ବୃକ୍ଷ ବରଣ କରିଥିଲେ । ଶ୍ରୀମନ୍ଦିର ଭୋଇ ସେବକ ସର୍ଦ୍ଦାର ରବି ଭୋଇ, ନୀଳକ= ଭୋଇ, ରନିକର ଭୋଇ ଓ ସୁଦର୍ଶନ କାଣ୍ଡି ପ୍ରମୁଖ ବଉଳ ବୃକ୍ଷ ଛେଦନ କରିଥିଲେ । ୬ ହାତ ଲମ୍ବ ଓ ୩ହାତ ଗୋଲେଇ ବିଶିଷ୍ଟ ତିନି ଖଣ୍ଡ ବଉଳ କାଠ କଟାଯାଇଥିଲା ।ଏହି କାଠକୁ ଏମାର ମଠରୁ ଆସିଥିବା ୩ ଟି ଶଗଡ଼ରେ ପାଟବସ୍ତ୍ର ଆଚ୍ଛାଦିତ କରି ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଅଜା ରୂପେ ପରିଚିତ ସ୍ଥାନୀୟ ବକୁଳ ବନର ଅଧିଶ୍ୱର ଶ୍ରୀ ଶ୍ରୀ ସିଦ୍ଧ ବଳରାମ ଦେବଙ୍କ ମନ୍ଦିର ପ୍ରାଙ୍ଗଣକୁ ଅଣାଯାଇଥିଲା ।ସେଠାରେ ସ୍ୱତନ୍ତ୍ର ଦେବନୀତି ଓ ପୂଜାର୍ଚ୍ଚନା ପରେ ବଉଳ କାଠ ଶଗଡ଼କୁ ଶ୍ରୀକ୍ଷେତ୍ର ଅଭିମୁଖେ ମେଲାଣି ଦିଆ ଯାଇଥିଲା । ମୁଖ୍ୟ ଅତିଥି ଭାବରେ ଓଡିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ସବୁଜ ପତାକା ଦେଖାଇ ଶଗଡ଼ି ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ । ଏହି ଉତ୍ସବରେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡ଼ିଓ ଦେବାଶିଷ ନାୟକ, ସତ୍ୟବାଦୀ ଥାନା ଆଇ ଆଇ ସି ସୌମ୍ୟ ରଞ୍ଜନ ମହାଲିକ, ଏହାର ମଠ ପକ୍ଷରୁ ମହନ୍ତ ରାମକୃଷ୍ଣ ଦାସ ମହାରାଜ, ଶୁଭାନନ୍ଦ ଗିରୀ, ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡ଼ା, ସାକ୍ଷୀଗୋପାଳ ମନ୍ଦିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଳୁାନଙ୍କୁ ଉତ୍ସାହିତ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ କବିତା ପାଠୋତ୍ସବରେ କବୟିତ୍ରୀ ଓ କବି ବୃନ୍ଦ ଆଧ୍ୟାତ୍ମିକ ସ୍ୱରଚିତ କବିତା ପାଠ କରିଥିଲେ । ସୁଧର୍ମା ମହାସଂଘ, ଚାଷପଡା ସଂକୀର୍ତ୍ତନ ମଣ୍ଡଳୀ, ବାସୁଦେଇ ପୁର ସଂକୀର୍ତ୍ତନ ମଣ୍ଡଳୀ ଓ ସ୍ଥାନୀୟ ଭକ୍ତ ମାନେ ଘଣ୍ଟ, ଘଣ୍ଟି, ମୃଦଙ୍ଗ ବାଦ୍ୟ, ଯୋ ଶଙ୍ଖ ବାଦନ ହରିବୋଲ, ହୁଳହୁଳି ଦେଇ ଛତ୍ରୀ ତ୍ରାସ ସହ ବଉଳ କାଠ ଶଗଡ଼କୁ ସତ୍ୟବାଦୀ ବ୍ଲକ ଛକ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ. ଶଗଡ଼ିଆ ବାନାମ୍ବର ପ୍ରଧାନ ଏବଂ ସାଥି ମାନେ ଶଗଡ଼କୁ ଶ୍ରୀକ୍ଷେତ୍ର ଅଭିମୁଖେ ବାହି ନେଇଥିଲେ । ଏହି ବଉଳ କାଠରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗର ମାପ ଅନୁଯାଇ ସେନାପଟା ଓ ବାହୁଟ ନିର୍ମାଣ କରାଯିବ । ପହଣ୍ଡି ସମୟରେ ଶ୍ରୀଅଙ୍ଗର ସୁରକ୍ଷା ନିମନ୍ତେ ମହାପ୍ରଭୁଙ୍କ ପୃଷ୍ଠ ଦେଶରେ ସେନାପଟା ଓ ଶ୍ରୀଭୂଜରେ ବାହୁଟକୁ ପାଟ ବସ୍ତ୍ର ଦ୍ୱାରା ଆଚ୍ଛାଦିତ କରାଯିବ ବା ବାନ୍ଧି ଦିଆଯିବ ।ପହଣ୍ଡି ସମୟରେ ଏହି ସେନାପଟା ଓ ବାହୁଟ ଶ୍ରୀଅଙ୍ଗକୁ ସୁରକ୍ଷା ପ୍ରଦାନ କରିଥାଏ ।

## ବାଇକ ଚୋର ଗିରଫ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ଥାନା ପୋଲିସ ଏକ ବାଇକ ଚୋରି ମାମଲାର ପର୍ଦ୍ଦାଫାଶ କରି ଜଣେ ଅଭ୍ୟାସଗତ ଦୁର୍ଦ୍ଧାନ୍ତ ଅପରାଧୀକୁ ଗିରଫ କରିବା ସହ ଚୋରି ହୋଇଥିବା ବାଇକକୁ ଜବତ କରିବାରେ ସଫଳତା ହାସଲ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅନ୍ତର୍ଗତ ଜେନାପୁର ଗ୍ରାମର ନୀଳକ= ଜେନା ଓରଫ ବାଟୁଆ ଓରଫ ବଳିଆ । ସେ ବର୍ତ୍ତମାନ ପୁରୀ ବାସେଳୀସାହି ଥାନା ଅନ୍ତର୍ଗତ ବ୍ରହ୍ମଗିରି ରୋଡ, ଗୋଲା ସାହିଠାରେ ରହୁଥିଲେ । ଗତ ୨୧ ତାରିଖ ରାତି ପ୍ରାୟ ୧୦ଟା ସମୟରେ ସାକ୍ଷୀଗୋପାଳ ଷ୍ଟେସନ ରୋଡ ବାସିନ୍ଦା ଦେବାଶିଷ ମହାପାତ୍ର ସାକ୍ଷୀଗୋପାଳ ରେଳୱେ ଗେଟ ନିକଟସ୍ଥ ଏକ ହୋଟେଲ ଆଗରେ ବାଇକ ରଖି ରାତ୍ରି ଭୋଜନ ପାଇଁ ଯାଇଥିଲେ । ମାତ୍ର ଖାଇସାରି ଫେରିବା ପରେ ଗାଡ଼ିଟି ସେଠାରେ ନଥିବା ଦେଖିବାକୁ ପାଇଥିଲେ । ତା' ନିକଟରୁ ଚୋରି ହୋଇଥିବା ମୋଟରସାଇକେଲ ଜବତ କରାଯାଇଛି ।

# ପାନୀୟ ଜଳକୁ ନେଇ ତାତିଲେ ଗ୍ରାମବାସୀ ପ୍ରକଳ୍ପ ଫାଟକରେ ତାଲା ପକାଇ ଦେଲେ ଧାରଣା

ନିମାପଡା,(ସବ୍ୟୁ): ପାନୀୟ ଜଳକୁ ନେଇ ତାତିଲେ ଗ୍ରାମବାସୀ ପ୍ରକଳ୍ପ ଫାଟକରେ ତାଲା ପକାଇ ଆଗରେ ଦେଇଛନ୍ତି ଧାରଣା। ଗ୍ରାମ୍ୟପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୨ଲକ୍ଷ କ୍ଷମତା ବିଶିଷ୍ଟ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ଭୋଦର ପଞ୍ଚାୟତ ଗୋବିନ୍ଦପୁର ଠାରେ ନିର୍ମିତ ହୋଇଥିଲା। ଉକ୍ତ ପାନୀୟ ଜଳ ପ୍ରକଳ୍ପଟି ୧୫ଟି ଗ୍ରାମକୁ ସଂଯୋଗ କରାଯାଇଛି। ପ୍ରକଳ୍ପର କ୍ଷମତା ଠାରୁ ଅଧିକ ଜଳ ଆବଶ୍ୟକ ହେଉଥିବାରୁ ଗ୍ରାମବାସୀ ମାନେ ପାଣି ପାଇବାରୁ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି ।। ଏହି ପ୍ରକଳ୍ପ ଅଧିନରେ ଥିବା ବିଶିମାତ୍ରୀ ଗ୍ରାମର ପ୍ରଦୀପ୍ତ ଦାଶ, ବେଣୁଧର ପରିଡ଼ା,କୈଳାଶ ନାୟକ,ଲକ୍ଷ୍ମୀଧର ନାୟକ,ରବୀନ୍ଦ୍ର କୁମାର ନାୟକ,ପ୍ରଦୀପ୍ତ ମହାନ୍ତି,ମମତା ନାୟକ,ସ୍ୱର୍ଣ୍ଣଲତା ଦାଶ ଓ ଉମାରାଣୀ ବାରିକଙ୍କ ସମେତ ଶତାଧିକ ଲୋକ ପ୍ରକଳ୍ପ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଏ ସଂପର୍କରେ ବିଭାଗୀୟ ଅଧିକାରୀ ପ୍ରବୀର କୁମାର ବଳଙ୍କୁ ପଚାରିବାରେ ଏହି ପ୍ରକଳ୍ପରୁ ଗ୍ରାମବାସୀ ମାନେ ବିଭିନ୍ନ ସ୍ଥାନରେ ପାନୀୟ ଜଳକୁ ଅପବ୍ୟବହାର କରୁଛନ୍ତି ।। ଯାହା ଫଳରେ ଶେଷ ମୁଣ୍ଡକୁ ପାଣି ପହଞ୍ଚିବାରେ ଅସୁବିଧା ହେଉଛି ବୋଲି କହିଛନ୍ତି ।। ଘଟଣା ସ୍ଥଳରେ ସ୍ଥାନୀୟ ସରପଞ୍ଚ ଚାରୁଲତା ବେହେରା ପହଞ୍ଚି ତୁରନ୍ତ ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବିୟର ବୋତଲରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ବାଲିପାଟଣା ,(ସବ୍ୟୁ): ବାଲିପାଟଣା ଥାନା ଦନାପଡା ଗ୍ରାମରେ ବୁଧବାର ରାତିରେ ଜଣେ ଜେଲ ଫେରନ୍ତା ଯୁବକ ଉନ୍ମତ କାଣ୍ଡ ଭିଆଇ ଆତଙ୍କ ଖେଳାଇଛି । ଏହି ଗ୍ରାମର ପ୍ରଭାକର ମହାପାତ୍ରଙ୍କ ପୁଅ ସୁନୀଲ ମହାପାତ୍ର ଓରଫ ବାବୁ ( ୨୮ ) ଘରକୁ ଫେରୁଥିବାବେଳେ ତାଙ୍କୁ ଭଙ୍ଗା କାଚ ବୋତଲରେ ଆକ୍ରମଣ କରି ଲହୁ ଲୁହାଣ କରିଛି । ଆକ୍ରମଣକାରୀ ନାରଣ ଭୋଇଙ୍କ ପୁଅ ଗଣେଶ ଭୋଇ ( ୨୭ ) କୁ ପୁଲିସ ଅଟକ ରଖିଛି । ବୁଧବାରାତିରେ ଦନାପଡା ଗ୍ରାମରୁ ବାବୁ ଟ୍ୟୁସନ ସାରି ଘରକୁ ଫେରୁଥିଲେ ଗାଁ ନିକଟରେ ଗଣେଶ ତାଙ୍କ ସହ ସାଇକେଲ ଧାମା କରିଥିଲା ।ବାବୁ ଏହାକୁ ପ୍ରତିବାଦ କରିବାରୁ ଗଣେଶ ରାଗ ପଞ୍ଚମ ହୋଇ ଯାଇଥିଲା କଥା କଟାକଟି ଭିତରେ ଗଣେଶ ନିକଟରେ ପଡ଼ିଥିବା ଏକ ବିୟର ବୋତଲ ଭାଙ୍ଗି ବାବୁଙ୍କ ମୁଣ୍ଡ, ହାତକୁ ଆକ୍ରମଣ କରିଥିଲା ।ଯାହା ଫଳରେ ବାବୁ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ।

# ରଥଯାତ୍ରା ସମନ୍ୱୟ କମିଟି ବୈଠକ

ଖଣ୍ଡପଡ଼ା, (ସବ୍ୟୁ): ଖଣ୍ଡପଡ଼ା ସହରାଞ୍ଚଳରେ ହୋଇ ଆସୁଥିବା ପାରମ୍ପରିକ ରଥଯାତ୍ରାର ନୀତିକାନ୍ତି, ରଥଟଣା ଓ ଶାନ୍ତି ଶୃଙ୍ଖଳା ସହ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ସମନୟ କମିଟି ବୈଠକ ଅନୁଷ୍ଠିତ ହୋଇଥିବା ଜଣାଯାଇଛି । ବୁଧବାର ଅପରାହ୍ନରେ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ସ୍ଥାନୀୟ ତହସିଲଦାର ଓ ଦେବୋତ୍ତର ନିର୍ବାହୀ ଅଧିକାରୀ ବିଶିଶ୍ରୁତ ତ୍ରିପାଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଅଧକ୍ଷତା କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଏନ ଏ ସି ଅଧକ୍ଷା ଆରତୀ ପ୍ରଧାନ, ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ଖଣ୍ଡପଡ଼ା ଉପଖଣ୍ଡ ଆରକ୍ଷୀ ଅଧିକାରୀ ସରୋଜ କୁମାର ସାହୁ, ଥାନାଧିକାରୀ କୃତିବାସ ହରିଚନ୍ଦନ, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀ ଅଧିକାରୀ ତ୍ରିଲୋଚନ ବେହେରା, ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକ, ଅଗ୍ନିଶମ ବିଭାଗ ଅଧିକାରୀ ଅପୂର୍ବ ରଞ୍ଜନ ସାହୁ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ କ୍ଷୀରୋଦ ପରିଡ଼ା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ବାରିକଙ୍କ ସମେତ ନେତୃମଣ୍ଡଳୀ, ସରକାରୀ କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହ କମିଟି ସଦସ୍ୟମାନେ ଏହି ବୈଠକରେ ଯୋଗ ଦେଇଥିଲେ । ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରା ପାଇଁ ସଠିକ ସମୟରେ ନୀତିକାନ୍ତି ସମ୍ପନ୍ନ ହେବା ସହ ପହଣ୍ଡି ଓ ରଥଟଣା କାର୍ଯ୍ୟକୁ ଶୃଙ୍ଖଳିତ କରିବା, ବଡ଼ଦାଣ୍ଡର ସାଜସଜ୍ଜା, ରଥଯାତ୍ରା ଠାରୁ ୩ ଦିନିଆ ବାହୁଡ଼ା ଯାତ୍ରା ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ, ପାର୍କିଂ, ଯାତ୍ରା ସମୟ ମଧ୍ୟରେ ବଡ଼ଦାଣ୍ଡକୁ ଗୋରୁ ଓ ଯାନ ମୁକ୍ତ ରଖିବା,ରଥର ଚତୁଃପାଶ୍ୱର୍ରେ କର୍ଡନ, ସ୍ୱାସ୍ଥ୍ୟ ସେବା, ବିଦ୍ୟୁତ ସେବା ଆଦି ସଠିକ ଭାବରେ କାର୍ଯ୍ୟ କରିବା ନିମନ୍ତେ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ସର୍ବୋପରି ଚଳିତ ବର୍ଷର ରଥଯାତ୍ରା ପାଳନକୁ ସରସ ସୁନ୍ଦର, ଆକର୍ଷଣୀୟ ଓ ଶୃଙ୍ଖଳିତ କରିବା ପାଇଁ ବିଧାୟକ ପ୍ରକାଶ କରିଥିବା ଜଣାଯାଇଛି ।

## ଡିଆଇଏଲର ଚମତ୍କାର ଔଷଧି ପୁଦିନା

ବୋଲଗଡ଼ ,(ସବ୍ୟୁ): ଭାରତର ସର୍ବବୃହତ ବିଜ୍ଞାନ-ଆଧାରିତ ଆୟୁର୍ବେଦ କମ୍ପାନୀ ଡାବର ଇଣ୍ଡିଆ ଲିମିଟେଡ(ଡିଆଇଏଲ) ପୁଦିନାକୁ ଏକ ଚମତ୍କାରୀ ଔଷଧି ଭାବେ ପ୍ରୋତ୍ସାହିତ କରିବା ପାଇଁ ଏକ କ୍ୟାମ୍ପେନ ଶୁଭାରମ୍ଭ କରିଛି । ପୁଦିନାରେ ପ୍ରଚୁର ପରିମାଣର ଆଂଟିଅକ୍ସିଡାଂଟ ଓ ଫିଟୋନ୍ୟୁଟ୍ରିଏଂଟ ରହିଛି ଯାହା ବିଶେଷ କରି ପ୍ରଚଣ୍ଡ ଗ୍ରୀଷ୍ମଋତୁ ସମୟରେ ମଣିଷର ପେଟ ପାଇଁ ଚମତ୍କାର ଔଷଧ ଭାବେ କାର୍ଯ୍ୟ କରିପାରେ । ଗ୍ରୀଷ୍ମଲହରୀ ଓ ବଢୁଥିବା ତାପମାତ୍ରା ସହିତ, ଗ୍ରୀଷ୍ମ ଋତୁ ସମୟରେ ସ୍ୱାସ୍ଥ୍ୟ ସମସ୍ୟା ବାରମ୍ବାର ଦେଖାଦେଉଛି । ଏହି ଗମ୍ଭୀର ଋତୁକାଳିନ ସ୍ୱାସ୍ଥ୍ୟଗତ ଚିନ୍ତାକୁ ଦୂର କରିବା ପାଇଁ ଡାବର ପକ୍ଷରୁ ସାରାଦିନ ଦୀର୍ଘ ସମୟ ପର୍ଯ୍ୟନ୍ତ ଖରାରେ ରହୁଥିବା ବ୍ୟକ୍ତି ଓ ସହଜରେ ସାଧାରଣ ଗ୍ରୀଷ୍ମ ରୋଗର ଶିକାର ହେଉଥିବା ବ୍ୟକ୍ତିଙ୍କ ପାଇଁ ପୁଦିନାର ବ୍ୟବହାରକୁ ଉନ୍ମୋଚନ କରାଯାଇଛି । ଆଧୁନିକ ସମୟର ରୋଗଗୁଡ଼ିକର ସର୍ବୋତମ ପରିଚାଳନା, ଆୟୁର୍ବେଦର ପାଣ୍ଡୁଲିପିରେ ଗଭୀର ଭାବେ ଅନ୍ତର୍ନିହିତ ରହିଛି ବୋଲି ଡାକ୍ତର ଅମ୍ବିକା ପ୍ରସାଦ ନାୟକ କହିଛନ୍ତି ।

# କୋରାପୁଟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀସ୍ୱରାଜ୍ୟ ସୀସାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ସବ୍ୟୁ) : କୋରାପୁଟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସାଙ୍କର ଆଜି ସକାଳେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ଧରି ପାର୍କିନ୍‌ସନ୍‌ସ ( ସ୍ନାୟୁଜନିତ ରୋଗ) ରେ ପୀଡ଼ିତ ଥିଲେ । ମୃତ୍ୟୁବେଳକୁ ତାଙ୍କୁ ୪୨ ବର୍ଷ ହୋଇଥିଲା । ତାଙ୍କର ଏହି ଅକାଳ ବିୟୋଗରେଭୁବନେଶ୍ୱରସ୍ଥିତ ସୂଚନା ଓ ଲୋକସମ୍ପର୍କ ବିଭାଗ ମୁଖ୍ୟାଳୟରେ ଏକଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକଙ୍କ ସମେତ ବିଭାଗରବରିଷ୍ଠ ଅଧିକାରୀଓ କର୍ମଚାରୀମାନେ ଉପସ୍ଥିତ ରହି ସ୍ୱର୍ଗତ ସୀସାଙ୍କର ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ତାଙ୍କର ଅମରାତ୍ମାର ଶାନ୍ତି ଓ ସଦଗତି ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ୧ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ ।

ଶ୍ରୀ ସୀସାଙ୍କ ବିୟୋଗରେ ଓଡ଼ିଶା ସୂଚନା ସେବା ସଂଘ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସଂଘର କର୍ମକର୍ତ୍ତା ଓ ସଭ୍ୟସଭ୍ୟାମାନେ ବିଭାଗୀୟ



ମୁଖ୍ୟାଳୟରେ ସ୍ୱର୍ଗତ ସୀସାଙ୍କର ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସେହିପରି ବିଭିନ୍ନ ଜିଲ୍ଲାର ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀମାନେ ମଧ୍ୟ ଶ୍ରୀ ସୀସାଙ୍କ ଅମରାତ୍ମା ଶାନ୍ତି ଓ ସଦଗତି କାମନା ପୂର୍ବକ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗ, ତାଙ୍କ ଧର୍ମପତ୍ନୀ ଏବଂ ବୃଦ୍ଧ ପିତାଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

ସ୍ୱର୍ଗତ ସୀସା କୋରାପୁଟ ଜିଲ୍ଲା ସିମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ପାଟଖମରା ଗ୍ରାମର ମୂଳ ବାସିନ୍ଦା ଥିଲେ । ସେ ନିଜ କାର୍ଯ୍ୟକାଳ ମଧ୍ୟରେ ଭଞ୍ଜନଗରଏବଂ ପରେ ପରେ କୁଚିଣ୍ଡାଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଦେବଗଡ ଏବଂ ଗଜପତି ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଏବଂ ୨୦୨୨ ମସିହାରୁ ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ କୋରାପୁଟଡିଆଇପିଆରଓ ଭାବେ ନିଜର ଦାୟିତ୍ୱ ନିର୍ବାହ କରୁଥିଲେ ।

## ଗଣିଆ ବ୍ଲକରେ "ଜନସମ୍ପର୍କ କାର୍ଯ୍ୟକ୍ରମ'

ଗଣିଆ, (ସବ୍ୟୁ): ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଗଣିଆ ବ୍ଲକ ପରିସରରେ ଶୁକ୍ରବାର ଦିନ "ଦୁଇ ବର୍ଷର ଜନସମ୍ପର୍କ କାର୍ଯ୍ୟକ୍ରମ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତା ଏବଂ ଏହାର ସୁଫଳ ଉପରେ ବିସ୍ତୃତ ଆଲୋକପାତ କରାଯାଇଥିଲା ।ଗଣିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାବଣ୍ୟେନ୍ଦୁ ମହାନ୍ତିଙ୍କ ପ୍ରତ୍ୟକ୍ଷ ତ%୦ାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବିଧାୟକ ପ୍ରାର୍ଥୀ ରାଘବ ମଲ୍ଲିକ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ଏବଂ ପୂର୍ବତନ ବ୍ଲକ ଅଧକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର , ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଅମ୍ବିକା ପ୍ରସାଦ ମିଶ୍ର ଏହି ସଭାର ମଞ୍ଚ ପରିଚାଳନା କରିଥିଲେ ।ବିଗତ ଦୁଇ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳ ତଥା ପଛୁଆ ବର୍ଗର ଲୋକଙ୍କ ଆର୍ଥିକ, ସାମାଜିକ ଓ ଶୈକ୍ଷିକ ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଅତିଥିମାନେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ପ୍ରମୁଖ ଅତିଥିମାନେ ସରକାରଙ୍କ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ସିଧାସଳଖ ହିତାଧିକାରୀଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ନେଇଥିଲେ । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ତଥା ମହିଳାମାନେ ସାମିଲ ହୋଇ ସରକାରୀ ଯୋଜନାର ସଫଳତା ସମ୍ପର୍କରେ ଅବଗତ ହୋଇଥିଲେ ।

## ମନ୍ଦିରରୁ ସବୁ ଲୁଟିନେଲେ ଦୁର୍ବୃତ୍ତ

କାକଟପୁର ,(ସବ୍ୟୁ): କାକଟପୁର ଥାନା ଅନ୍ତର୍ଗତ ସୋମନାଥ ପୁର ନିକଟସ୍ଥ ଟଭାଗୋଲରା ଗଡ଼ ଗ୍ରାମରେ ଥିବା ଗୋପାଳ ଜୀଉ ମନ୍ଦିରରୁ ଗତ ସୋମବାର ବିଳମ୍ବିତ ରାତ୍ରରେ କୌଣସି ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ଠାକୁରଙ୍କର ବହୁ ମୂଲ୍ୟବାନ ପିତ୍ତଳ ରେ ତିଆରି ପୂଜା ସାମଗ୍ରୀ, ଘଣ୍ଟ, ଥାଳି, ଓ ଅନାନ୍ୟ ଆସବାପତ୍ର ଚୋରୀ କରି ନେଇଯାଇଥିବା କାକଟପୁର ଥାନା ରେ ଗ୍ରାମ ବାସୀଙ୍କ ତରଫରୁ ପ୍ରତାପ କୁମାର ପାତ୍ର, ବିଷ୍ଣୁ ଚରଣ ପଣ୍ଡା, ନିମେଇ ପାଇକରାୟ, ଗୋପାଳ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି ।

# ମଣିନାଗ ପୀଠରେ ବୁଦ୍ଧିଜୀବୀ ସମ୍ମିଳନୀ

ରଣପୁର (ସବ୍ୟୁ): ରଣପୁର ଏନଏସି ସ୍ଥିତ ମା ମଣିନାଗ ଙ୍କ ପୀଠରେ ଥିବା ସମ୍ମିଳନୀ କକ୍ଷରେ ଓଡ଼ିଶାର ବାଚସ୍ପତି ତଥା ରଣପୁରର ବିଧାୟିକା ସୁରମା ପାଢ଼ୀଙ୍କ ଅଧକ୍ଷତାରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରଣପୁର ଅଞ୍ଚଳରେ ଦୁଇ ବର୍ଷର ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ବିସ୍ତୃତ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ଅନ୍ୟତମ ଅତିଥିଭାବେ ନୟାଗଡ ଜିଲ୍ଲା ଯୋଜନା ବୋଡ଼ ଅଧକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ, ପ୍ରବକ୍ତା ସୁଦୀପ୍ତ କୁମାର ରାୟ,





ଏନଏସି ଅଧକ୍ଷା ରଙ୍ଗୀନ ମହାନ୍ତି, ସମାଜ ସେବୀ ପରେଶ ଚନ୍ଦ୍ର ମିଶ୍ର ଓ ସୱରାଜ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ବକ୍ତବ୍ୟ ରଖିଥିଲେ ୫ ଏହି କାର୍ଯ୍ୟକ୍ରମରେ ବହୁ ଆଇନଜୀବୀ, ସାମ୍ବାଦିକ, ଶିକ୍ଷାବିତଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇ ରଣପୁରର ବିଭିନ୍ନ ସମସ୍ୟା ସମ୍ପର୍କରେ ନିଜନିଜର ପ୍ରସ୍ତାବ ରଖିଥିଲେ

## ହାତୀ ଆକ୍ରମଣରେ ବନରକ୍ଷୀ ଗୁରୁତର

ନରସିଂହପୁର, (ସବ୍ୟୁ):ଆଠଗଡ ବନଖଣ୍ଡ ଅଧୀନସ୍ଥ ନରସିଂହପୁର ପୂର୍ବ ବନାଞ୍ଚଳର ପାଞ୍ଚଗୋଛିଆ ବିଟରୁ ଫେରିବା ସମୟରେ ସାଗର-ପାଞ୍ଚଗୋଛିଆ ରାସ୍ତା ମଝିରେ ଜୈନିକା ମହିଳା ବନରକ୍ଷୀ ହାତୀ ଆକ୍ରମଣର ଶିକାର ହୋଇ ଗୁରୁବାର ଗୁରୁତର ଅବସ୍ଥା ହୋଇଛି ।ସୂଚନା ମୁତାବକ ଉକ୍ତ ବନାଞ୍ଚଳର ବିଟ ହାଉସରୁ ବନରକ୍ଷୀ ସୁଚିତ୍ରା ପେରେଇ(୩୦) ଅଞ୍ଚଳ ବୁଲି ସ୍କୁଟିରେ ଫେରୁଥିବା ସମୟରେ ସାଗର-ପାଞ୍ଚଗୋଛିଆ ରାସ୍ତାର ମଧ୍ୟରେ ଏକ ହାତୀର ସମ୍ମୁଖରେ ପଡ଼ିଥିଲେ ।ଏହାପରେ ହାତୀଟି ତାଙ୍କୁ ତଡିବା ସହିତ ଶୁ଼ଣ୍ଢରେ ଆଘାତ କରିଥିଲା ବୋଲି ପାଖରେ ଥିବା ବନ ଜଗଗୁଆଳି କହିଛନ୍ତି । ଏହି ଦୁର୍ଘଟଣା ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଁଞ୍ଚି ପାଟି କରିବାରେ ହାତୀଟି ଦୁରକୁ ପଳାଇଥିଲା । ସେଠାରୁ ଶୁଶ୍ରୀ ପେରେଇଙ୍କୁ ଅଚେତ ଅବସ୍ଥାରେ ଗୁରୁତର ଅବସ୍ଥାରେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ।ତାଙ୍କର ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

## ଏଆଇ ପ୍ଲସ ସ୍ମାର୍ଟଫୋନ୍‌ର ନୂଆ ଉତ୍ପାଦର ବଜାର ପ୍ରବେଶ

ବାଲିପାଟଣା,(ସବ୍ୟୁ) : ଏଆଇ ପ୍ଲସ ସ୍ମାର୍ଟଫୋନ୍ ପକ୍ଷରୁ ଏହାର ନୂତନ ନୋଭା ୨ପ୍ରୋ ଏବଂ ନୋଭା ୨ ନିଓ ସ୍ମାର୍ଟଫୋନର ବିକ୍ରୟ ଆଜିଠାରୁ କେବଳ ଫ୍ଲିପକାର୍ଟ ଏବଂ ବଛାବଛା ରିଟେଲ ଆଉଟଲେଟରେ ଉପଲବ୍ଧ ହେବାକୁ ଯାଉଛି । ପ୍ରଥମ ଥର ପାଇଁ ସ୍ମାର୍ଟଫୋନ ବ୍ୟବହାରକାରୀଙ୍କଠାରୁ ଆରମ୍ଭ କରି ଉଚ୍ଚ କ୍ଷମତାସମ୍ପନ୍ନ ଡିଭାଇସ ଚାହୁଁଥିବା ଗ୍ରାହକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଆବଶ୍ୟକତାକୁ ଲକ୍ଷ୍ୟକରି ଡିଜାଇନ୍ କରାଯାଇଥିବା ନୋଭା ୨ପ୍ରୋ ଏବଂ ନୋଭା ୨ ନିଓ ଆରମ୍ଭରୁ ଭାରତୀୟ ସ୍ମାର୍ଟଫୋନ କ୍ରେତାଙ୍କ ମଧ୍ୟରେ ବ୍ୟାପକ ଚାହିଦା ଏବଂ ଲୋକପ୍ରିୟତା ହାସଲ କରିଛି । ବିକ୍ରୟ ଆରମ୍ଭ ସମ୍ପର୍କରେ ମତ ପ୍ରକାଶ କରି ଏଆଇ ପ୍ଲସ ସ୍ମାର୍ଟଫୋନର ପ୍ରତିଷ୍ଠାତା ମାଧବ ଶେଠ୍ କହିଛନ୍ତି, ନୋଭା ୨ପ୍ରୋ ଏବଂ ନୋଭା ୨ ନିଓ ଅଧିକ ସଂଖ୍ୟକ ଗ୍ରାହକଙ୍କ ପାଖରେ ଦକ୍ଷ, ଆକର୍ଷଣୀୟ ଏବଂ ବିଶ୍ୱସନୀୟ ସ୍ମାର୍ଟଫୋନ ଅନୁଭବ ପହଂଚାଇବା ପାଇଁ ଆମର ପ୍ରୟାସର ପ୍ରତିଫଳନ ।

# ଦ ହେରିଟେଜ୍ ସ୍କୁଲର ରଜତ ଜୟନ୍ତୀ ଉତ୍ସବ

କୋଲକାତା: ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତାର ୨୫ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣ କରି ଦ ହେରିଟେଜ୍ ସ୍କୁଲ୍ ତାହାର ରଜତ ଜୟନ୍ତୀ ଉତ୍ସବର ଶୁଭାରମ୍ଭ କରିଛି । ଏହି ଭବ୍ୟ ଅବସରରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ଼ଃ ସୁକାନ୍ତ ମଜୁମଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭ ଜାତୀୟ ସଙ୍ଗୀତ ସହ ହୋଇଥିଲା । ପରେ ଦୀପ ପ୍ରଜ୍ୱଳନ,ସ୍କୁଲ ପ୍ରାର୍ଥନା, ଗଣେଶ ବନ୍ଦନା, ଗୀତା ପାଠ ଏବଂ ଏକ ଆକର୍ଷଣୀୟ ସାଂସ୍କୃତିକ ପ୍ରଦର୍ଶନୀ ହୋଇଥିଲାଛ ସ୍କୁଲର ୨୫ ବର୍ଷର ଅସାଧାରଣ ଯାତ୍ରାକୁ ନେଇ ପ୍ରସ୍ତୁତ ଏକ ବିଶେଷ ଚଳଚ୍ଚିତ୍ର 'ଅନନ୍ତ ଉତ୍କର୍ଷ' ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ ଶିକ୍ଷାଗତ ଉତ୍କର୍ଷତା, ସମଗ୍ର ବିକାଶ ଏବଂ ରାଷ୍ଟ୍ର ଗଠନରେ ସ୍କୁଲର ଅବଦାନକୁ ଦର୍ଶାଯାଇଥିଲା ।ଏହି ଅବସରରେ ସ୍କୁଲର ବାର୍ଷିକ ପତ୍ରିକା "ବୃତ୍ତାନ୍ତ'ର ବିଶେଷ ସଂସ୍କରଣ ମୁଖ୍ୟ ଅତିଥି ଡ଼ଃ ସୁକାନ୍ତ ମଜୁମଦାରଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।ସ୍କୁଲର ପ୍ରଧାନାଚାର୍ଯ୍ୟା ସୀମା ସାପ୍ରୁ ତାଙ୍କ ଅଭିଭାଷଣରେ ଗତ ୨୫ ବର୍ଷର ପରିବର୍ତ୍ତନଶୀଳ ଯାତ୍ରାକୁ ସ୍ମରଣ କରିଥିଲେ ଏବଂ ମୂଲ୍ୟଭିତ୍ତିକ ଶିକ୍ଷା ମାଧ୍ୟମରେ ଭବିଷ୍ୟତ ପିଢ଼ିକୁ ସଶକ୍ତ କରିବାର ପ୍ରତିବଦ୍ଧତାକୁ ପୁନର୍ବାର ଉଲ୍ଲେଖ କରିଥିଲେ ।

# ଘରୋଇ କାମରେ ଜଙ୍ଗଲ ବିଭାଗ ବୋଲେରୋ

ବାରଙ୍ଗ ,(ସବ୍ୟୁ): ଗାଡ଼ି ସରକାରଙ୍କର... ତେଲ ରାଜକୋଷର... ଡ୍ରାଇଭର ସରକାରଙ୍କର... କିନ୍ତୁ ଉପଯୋଗ? ସମ୍ପୂର୍ଣ୍ଣ ଘରୋଇ । ନନ୍ଦନକାନନ ଫରେଷ୍ଟ ଡିପାର୍ଟମେଣ୍ଟର ସରକାରୀ ବୋଲେରୋ ଏବେ ଜଣେ ବଡ଼ ମ୍ୟାଡମ ଙ୍କ ପରିବାର ପାଇଁ ଟ୍ୟାକ୍ସି ପାଲଟିଛି ।ଆଉ ଏହି ବେଧଡକ ଅପବ୍ୟବହାରର ଫଟୋ ଏବେ କ୍ୟାମେରାରେ କଏଦ ହୋଇ



ସୋସିଆଲ ମିଡିଆରେ ଭାଇରଲ ହେଉଛି । ଭାଇରାଲ ହେବା ପରେ ବିଭାଗୀୟ ସ୍ୱଚ୍ଛତା ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାରୀ ପଦପଦବୀର ଅପବ୍ୟବହାର ଓ ସାଧାରଣ ସମ୍ପତ୍ତିକୁ ନିଜର ମନେକରିବାର ଏଭଳି ଏକ ଅପ୍ରୀତିକର ଚିତ୍ର ଏବେ ନନ୍ଦନକାନନ ଓ ଉଦ୍ଭିଦ ଉଦ୍ୟାନ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଗତ ମଙ୍ଗଳବାର ସମୟ ଅପରାହ୍ନ ପ୍ରାୟ ୪ଟା ୫୭ । ସ୍ଥାନ ନନ୍ଦନକାନନ 'ଆମ ବସ' ଷ୍ଟପେଜ । ଧଳା ରଙ୍ଗର ସରକାରୀ ବୋଲେରୋ ନମ୍ବର ଓଡ଼ି ୩୩ ଏମ ୨୯୫୬ ଆସି ଷ୍ଟପେଜ୍‌ରେ ଲାଗିଥିଲା । ଗାଡ଼ିରେ ସ୍ପଷ୍ଟ ସରକାରୀ ଲୋଗୋ । କିନ୍ତୁ ଭିତରୁ ଓହ୍ଲାଇଲେ କିଏ? ନା କୌଣସି ଜଙ୍ଗଲ ଅଧିକାରୀ, ନା କୌଣସି ଫିଲ୍ଡ ଷ୍ଟାଫ । ଓହ୍ଲାଇଲେ ମହିଳା, ଶିଶୁ ଆଉ କିଛି ପରିବାର ଲୋକ । ପଛରେ ଠିଆ ହୋଇଥିଲା ଯାତ୍ରୀ ଭର୍ତ୍ତି ସରକାରୀ 'ଆମ ବସ' ।ଅନୁସନ୍ଧାନରୁ ଜଣାପଡ଼ିଛି, ଗାଡ଼ିରେ ଯାତ୍ରା କରୁଥିବା ଲୋକେ ଉଦ୍ଭିଦ ଉଦ୍ୟାନର ଏସିଏଫ ମ୍ୟାଡମଙ୍କ ବ୍ୟକ୍ତିଗତ ଅତିଥି । ଏହି ଘଟଣା ସାମ୍ନାକୁ ଆସିବା ପରେ ନାମ ଗୋପନ ରଖି ଉଦ୍ଭିଦ ଉଦ୍ୟାନର ଜଣେ କର୍ମଚାରୀ କହିଛନ୍ତି - ଏମାନେ କୌଣସି ସରକାରୀ କାମରେ ନଥିଲେ । ଏମାନେ କେବଳ ମ୍ୟାଡମଙ୍କ ଘରୋଇ ଅତିଥି । ଏହା କେବଳ ଏକ ସରକାରୀ ଗାଡ଼ିର ଅପବ୍ୟବହାର ନୁହେଁ ବରଂ ସରକାରୀ ସମ୍ପତ୍ତିକୁ ବ୍ୟକ୍ତିଗତ ସାମ୍ରାଜ୍ୟ ଭାବିବାର ଏକ ସାଙ୍ଘାତିକ ମାନସିକତା । ସରକାରୀ ତେଲରେ ଅତିଥିଙ୍କୁ ସେବା ଯୋଗାଇବା ପାଇଁ ଅନୁମତି ଦେଲା କିଏ ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଛି । ସମ୍ପୃକ୍ତ ଗାଡ଼ିର ଲଗବୁକ ଓ ସିସିଟିଭି ଫୁଟେଜ ଯାଞ୍ଚ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି । ଏନେଇ ଉପନିର୍ଦ୍ଦେଶକ ପ୍ରଦୀପ ମିରାସେଙ୍କୁ ପଚାରିବାରୁ ସେ ନିରବତା ଅବଲମ୍ବନ କରିଥିବା ବେଳେ ଉଦ୍ଭିଦ ଉଦ୍ୟାନ ଏସିଏଫ କେ. ପ୍ରଧାନ ଯେଉଁ ସଫେଇ ଦେଇଛନ୍ତି ତାହା ଆହୁରି ବିବାଦୀୟ । ସେ କହିଛନ୍ତି, ମୋର ଜଣେ ସାଙ୍ଗ ଏସିଏଫ ଓ ତାଙ୍କ ପରିବାର ବୁଲିବାକୁ ଆସିଥିଲେ । ତାଙ୍କ ଗାଡ଼ି ନନ୍ଦନକାନନ ଛକରେ ଥିବାରୁ ଆମ ଗାଡ଼ିରେ ସେଠାରେ ଛାଡ଼ିଥିଲୁ । ଏହା କେବଳ ଗୋଟିଏ ଗାଡ଼ିର କଥା ନୁହେଁ । ଏହା ସେହି ବାବୁ ମାନସିକତାର ପ୍ରତିଛବି, ଯେଉଁଠି ସରକାରୀ ସମ୍ପତ୍ତିକୁ ନିଜ ସମ୍ପତ୍ତି' ଭାବି ନିଆଯାଏ । ଭିଡିଓ ଭାଇରାଲ ପରେ ଏବେ ଜନତାଙ୍କ ଦାବି - ତୁରନ୍ତ ଓଡ଼ି ୩୩ ଏମ ୨୯୫୬ ଗାଡ଼ିର ଲଗ୍‌ବୁକ ଓ ସିସିଟିଭି ଯାଞ୍ଚ କରାଯାଉ । ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ।

# ଅବସରପ୍ରାପ୍ତ ଖଣି ଅଧିକାରୀଙ୍କ ପରଲୋକ

ଖଣ୍ଡପଡ଼ା, (ସବ୍ୟୁ): ଖଣ୍ଡପଡା ସହରାଞ୍ଚଳର ବାସିନ୍ଦା ତଥା କୋଲ ଇଣ୍ଡିଆ ଲିମିଟେଡର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ମହେନ୍ଦ୍ର କୁମାର ମିଶ୍ରଙ୍କ ୮୬ବର୍ଷ ବୟସରେ ବିୟୋଗ ଘଟିଥିବା ଜଣାଯାଇଛି । କୋଲ ଇଣ୍ଡିଆ ଲିମିଟେଡ଼ରେ ଦେଶର ବିଭିନ୍ନ କୋଇଲା ଖଣିରେ ବହୁ ଉଚ୍ଚ ପଦପଦବୀରେ ପରିଚାଳନା ଭାର ସମ୍ଭାଳି ପରିଶେଷରେ ଝାରସୁଗୁଡା କୋଇଲା ଖଣି ସମୂହର ସି.ଜେ. ଏମ ଦାୟିତ୍ୱରୁ ଅବସର ନେଇଥିଲେ । ମୃତ୍ୟୁ ଖବର ପାଇ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନଠାରେ ତାଙ୍କର ୩ କନିଷ୍ଠ ଭ୍ରାତା ବରିଷ୍ଠ



ଆଇନଜୀବୀ ମାଧବ ପ୍ରସାଦ ମିଶ୍ର, ଅବସରପ୍ରାପ୍ତ ଜିଲ୍ଲା ଜଜ ମୁକୁନ୍ଦ ପ୍ରସାଦ ମିଶ୍ର, ଅବସରପ୍ରାପ୍ତ ଜିଲ୍ଲାପାଳ ମୋହନ ପ୍ରସାଦ ମିଶ୍ର, ପୁତୁରା,ଝିଆରୀ ଓ ନାତି ନାତୁଣୀ ମାନେ ଶେଷଦର୍ଶନ କରିଥିଲେ । ତାଙ୍କର ଏକମାତ୍ର ପୁତ୍ର ଆମେରିକାରେ ଅବସ୍ଥାପିତ ଇଞ୍ଜିନିୟର ହିରଣ୍ମୟ ମିଶ୍ର ଆସିବା ପରେ ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ପ୍ରକାଶ । ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ସମ୍ପାଦକୀୟ

## ମହିଳା ଅବଳା ନୁହନ୍ତି, ଅବହେଳିତା

ଭାରତରେ ମହିଳାମାନଙ୍କୁ ମାତୃଶକ୍ତି ଭାବେ ଦୁର୍ଗା, କାଳୀ, ସରସ୍ୱତୀ ଓ ଅନ୍ୟାନ୍ୟ ଦେବୀଙ୍କ ପରି ହିନ୍ଦୁ ସମାଜ ଆରାଧନା କରି ଆସିଛି । ସମ୍ମାନ ଓ ଭକ୍ତିରେ ଆବାଳ ବୃଦ୍ଧ ବନିତା ମାତୃ ଦେବୀଙ୍କ ପ୍ରତିମୂର୍ତ୍ତି, ପ୍ରତିକୃତି ବା ଫୋଟଚିତ୍ର ନିକଟରେ ପ୍ରଣିପାତ କରିବାର ପରମ୍ପରା ଆମର ପୁରା କାଳରୁ ରହି ଆସିଛି । ମାତୃଜାତିକୁ ଅବଳାରୁ ସଶକ୍ତ ଓ ସବଳ କରିବା ଦିଗରେ ଏବର ସରକାରଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଏଥିରେ ସନ୍ଦେହ ନାହିଁ । ମାତ୍ର ଏତେ ସବୁ ସୁବିଧାସୁଯୋଗ କନ୍ୟାଙ୍କଠାରୁ ମହିଳାଙ୍କ ପର୍ଯ୍ୟନ୍ତ କରାଯିବା ପରେ ସେମାନେ ପୂର୍ବପରି ଅବଳା ନୁହନ୍ତି ବୋଲି ପ୍ରମାଣିତ ହୋଇଛି, ମାତ୍ର ସେମାନେ ଯେ ତଥାପି ଆମ ରାଷ୍ଟ୍ରରେ ଅବହେଳିତା, ଏ କଥା ଆମମାନଙ୍କୁ ସ୍ୱୀକାର କରିବାକୁ ପଡ଼ିବ ।

ଶିଶୁ କନ୍ୟାଙ୍କଠାରୁ ମହିଳା ଓ ବୃଦ୍ଧାଙ୍କ ଅବଧି ଅତ୍ୟାଚାରମାନ ବଢ଼ି ଚାଲିଛି । ସେମାନେ ହିଂସ୍ର ମଣିଷମାନଙ୍କ ଅତ୍ୟାଚାରର ଶିକାର ହେଉଛନ୍ତି । କାହିଁକି ଏପରି ବ୍ୟଭିଚାର ବଢ଼ି ଚାଲିଛି ? ଏହାର କାରଣ କିନ୍ତୁ ଅନେକ ।

**ମାତ୍ର ମହିଳାଙ୍କୁ ସୁରକ୍ଷା ଦେବା ସହିତ ମହିଳାଙ୍କ ପ୍ରତି ଭିଆଉଥିବା ଅତ୍ୟାଚାରରେ ଅପରାଧୀମାନଙ୍କୁ କଠୋର ଦଣ୍ଡବିଧାନ କରିବା ପାଇଁ ଉଭୟ ସରକାର ଓ ବିରୋଧୀ ଦଳ ଏକତ୍ର ହାତ ମିଳାଇଲେ, ମହିଳାମାନେ ନିଜକୁ ଅବଳା ବା ଅବହେଳିତା ବୋଲି ମନେ କରିବେ ନାହିଁ ।**

ଆମର କନ୍ୟାରତ୍ନ ବା ମହିଳାମାନେ ମଧ୍ୟ ପୋଷାକପତ୍ର ଓ ଆଚରଣରେ ସଂଯମତା ରକ୍ଷା କରି ପାରୁନାହାନ୍ତି । ଦୈନନ୍ଦିନର ଯୋଗାଭ୍ୟାସଠାରୁ ସେମାନେ ଦୂରେଇ ଯାଉଛନ୍ତି । ପୁରୁଷମାନଙ୍କୁ ଆକୃଷ୍ଟ କରିବା ପାଇଁ ସେମାନେ ମଧ୍ୟ ଅସଂଯତ ଭାବେ ପୋଷାକପତ୍ର ପରିଧାନ କରୁଛନ୍ତି । ଆମର ଛାତ୍ର ଓ ଯୁବ ବନ୍ଧୁମାନଙ୍କ ମଧ୍ୟରୁ ଅନେକ ପିତାମାତା ବା ଅଭିଭାବକମାନଙ୍କ କଥା ମାନି ଶୃଙ୍ଖଳିତ ଜୀବନଯାପନ କରି ପାରିଲେ, ସେମାନେ ମଧ୍ୟ ଜୀବନଟା ସାରା ସୁଖ ଓ ଶାନ୍ତିରେ ରହି ପାରନ୍ତେ ।

ଆମର ସାମାଜିକ ଓ ପାରିବାରିକ ଜୀବନରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଲିଥିବା ସରକାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମହିଳାଙ୍କ ଉନ୍ନତି ଆରମ୍ଭ କରିଥିଲେ । ତାଙ୍କ ପରେ ଏବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶର ଅନୁସରଣରେ ରାଜ୍ୟରେ ମହିଳା ସଶକ୍ତିକରଣ ଲାଗି ବଳିଷ୍ଠ ପଦକ୍ଷେପମାନ ନେଇଛନ୍ତି । ରାଷ୍ଟ୍ରରେ ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ଆଗାମୀ ସାଧାରଣ ନିର୍ବାଚନରେ ଲୋକସଭା ଓ ବିଧାନସଭାମାନଙ୍କରେ ସ୍ଥାନ ସଂରକ୍ଷଣ ପାଇଁ ଯେଉଁ ବିଧେୟକ ଲୋକସଭାରେ ଆଗତ କରିଥିଲେ, ତାହା ବିରୋଧୀ ଦଳଗୁଡ଼ିକର ଅସହଯୋଗ କାରଣରୁ ଆଉ ପାରିତ ହୋଇ ପାରିଲା ନାହିଁ । ଫଳରେ ଭାରତରେ ମହିଳାମାନଙ୍କୁ ଯେ ଅବହେଳା କରାଯାଉଛି, ଏହା ପ୍ରତିପାଦିତ ହୋଇଛି ।

ଭାରତରେ ରେଜିଷ୍ଟ୍ରେସନ ଓ ପରିସଂଖ୍ୟାନ ସର୍ବେକ୍ଷଣର ଏକ ସଦ୍ୟତମ ରିପୋର୍ଟରୁ ଜଣାଯାଇଛି ଯେ ଭାରତରେ ୩ ଦଶମିକ ୫ ପ୍ରତିଶତ ମହିଳା ହେଉଛନ୍ତି ବିଧବା, ଛାଡ଼ପତ୍ର ପାଇଥିବା ମହିଳା କିମ୍ବା ପୃଥକ ଭାବେ ଏକା ରହୁଥିବା ମହିଳା । ଅବଶ୍ୟ ଗତ ୨୦୨୪ ମସିହାର ତଥ୍ୟ ଭିତ୍ତିରେ ଏହି ପରିସଂଖ୍ୟାନ କରା ଯାଇଛି । ପରିସଂଖ୍ୟାନ ପରିସର ବାହାରେ ମଧ୍ୟ ବହୁ ମହିଳା, ବୃଦ୍ଧା ବା ବାଳିକା ଭାରତରେ ଅତି ଦୟନୀୟ ଅବସ୍ଥାରେ ଜୀବନଯାପନ କରି ଆସୁଛନ୍ତି । ସେମାନଙ୍କ ପ୍ରତି ବ୍ୟସ୍ତ ସମାଜ, ସାମାଜିକ କର୍ମୀ ଓ ସାମାଜିକ ସଂଗଠନଗୁଡ଼ିକର ଦୃଷ୍ଟି କେତେ ବା ପଡୁଛି ?

ଏଇ ସରକାରଙ୍କ ଅମଳରେ ସୈନ୍ୟବାହିନୀ ବା ସୁରକ୍ଷାବାହିନୀରେ ଯୁବତୀମାନେ ସାମିଲ ହୋଇ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରି ପଦସ୍ଥ ଅଧିକାରୀଙ୍କ ପାହ୍ୟାକୁ ମଧ୍ୟ ପଦୋନ୍ନତି ପାଇ ପାରିଛନ୍ତି । କେନ୍ଦ୍ର ସରକାର ମହିଳା ସଶକ୍ତିକରଣ ପାଇଁ ଅନେକଗୁଡ଼ିଏ ପଦକ୍ଷେପ ନେଇଛନ୍ତି । ସେଥିମଧ୍ୟରୁ 'ବେଟୀ ବଚାଅ, ବେଟୀ ପଢ଼ାଅ' ଯୋଜନା ୨୦୧୫ ମସିହାରୁ ଆରମ୍ଭ ହୋଇ ଖୁବ୍ ଲୋକପ୍ରିୟତା ଅର୍ଜନ କରିଛି । ସେହିପରି ୨୦୧୭ରୁ ଆରମ୍ଭ ହୋଇଥିବା 'ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା', ୨୦୧୬ରୁ ମହିଳା ଶିଳ୍ପୋଦ୍ୟୋଗୀ ଓ କାରିଗରଙ୍କ ଲାଗି ' ମହିଳା ଏ ହାତ' ଯୋଜନା ମଧ୍ୟ ଭାରତରେ ଉଲ୍ଲେଖନୀୟ ଭୂମିକାରେ ଅବତୀର୍ଣ୍ଣ ହୋଇଛି । ଗ୍ରାମାଞ୍ଚଳରେ ଗରିବ ମହିଳାଙ୍କ ପାଇଁ 'ଉଜ୍ଜ୍ୱଳା ଗ୍ୟାସ ଯୋଜନା', ମହିଳା ଶିଳ୍ପୋଦ୍ୟୋଗୀଙ୍କ ପାଇଁ 'ଷ୍ଟାର୍ଟ ଅପ୍ ଯୋଜନା' ଓ 'ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା' ମଧ୍ୟ ବେଶ ଆଦୃତ ।

ମାତ୍ର ମହିଳାଙ୍କୁ ସୁରକ୍ଷା ଦେବା ସହିତ ମହିଳାଙ୍କ ପ୍ରତି ଭିଆଉଥିବା ଅତ୍ୟାଚାରରେ ଅପରାଧୀମାନଙ୍କୁ କଠୋର ଦଣ୍ଡବିଧାନ କରିବା ପାଇଁ ଉଭୟ ସରକାର ଓ ବିରୋଧୀ ଦଳ ଏକତ୍ର ହାତ ମିଳାଇଲେ, ମହିଳାମାନେ ନିଜକୁ ଅବଳା ବା ଅବହେଳିତା ବୋଲି ମନେ କରିବେ ନାହିଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବୃକ୍ଷର ମହତ୍ତ୍ୱ



**ବିଦ୍ୟାଧର ମହାରଣା**

ବହୁଦିନ ତଳେ ଆମେ ଭୁବନେଶ୍ୱର ଠାରୁ ବ୍ରହ୍ମପୁର ଗୋଟିଏ ଗାଡ଼ିରେ ଯାଉଥିଲୁ । ଖଲ୍ଲିକୋଟ ପରେ ଏକ ଘାଟି ରାସ୍ତାରେ ଯିବାକୁ ପଡେ । ଗୋଟିଏ ବଙ୍କା ରାସ୍ତାକଡ଼ରେ ଏକ ସାଇନ୍ ବୋର୍ଡରେ ଲେଖାଥିଲା, ' ବୃକ୍ଷ କ'ଣ ଅଧ୍ୟାପକ?' ଏହାକୁ ଦେଖି ମୋତେ ଲାଗିଲା ବାସ୍ତବିକ୍ ଗଛ ଆମର ଜଣେ ଶିକ୍ଷକ । ତା'ଠାରୁ ଆମର ବହୁତ କିଛି ଶିଖିବାର ଅଛି । ବାସ୍ତବରେ ଗଛ ଆମ ପୃଥିବୀର ସର୍ବଶ୍ରେଷ୍ଠ ମିତ୍ର । ପୃଥିବୀରେ କୋଣ ଅନୁକୋଣରେ ନିଶ୍ଚିତଭାବେ ଗଛ ଦେଖିବାକୁ ମିଳିବ । ଗଛର ବୟସ ପରିବେଶ, ମୃତ୍ତିକା ଓ ଜଳବାୟୁ ଅନୁସାରେ ଗୋଟିଏ ବର୍ଷରୁ କେତେ ହଜାର ବର୍ଷ ହୋଇପାରେ ।

କିଛି ଗଛର ବୟସ ୫,୦୦୦ ବର୍ଷରୁ ଅଧିକ ଓ କିଛି ଗଛ ଦଶହଜାର ବର୍ଷ ପୁରୁଣା ବୋଲି ମନେ କରାଯାଏ । କଠିନ ପରିବେଶ, ଧୀର ଗତିର ବୃଦ୍ଧି ଓ ପ୍ରକୃତି ସହ ଅନୁକୂଳନ ଏହାମାନଙ୍କୁ ଦୀର୍ଘାୟୁ କରିଛି । ଆମେରିକାର ଉଚ୍ଚ ପାହାଡ଼ମାନଙ୍କରେ ବ୍ରିଷ୍ଟଲକୋନ ପାଇନ୍ ଗଛ ହଜାର ବର୍ଷ ଧରି ବଞ୍ଚି ରହନ୍ତି । ବହୁତ ଶୀତ, କମ୍ ବର୍ଷା ଓ କଠିନ ପରିବେଶରେ ମଧ୍ୟ ଏମାନେ ବଞ୍ଚି ରହନ୍ତି । ଚିଲି ଦେଶରେ ଆଲର୍ସେ କିମ୍ବା ପାଟାଗୋନିଆନ୍ ସାଇପ୍ରେସ୍ ନାମକ ଗଛ ବହୁ ବର୍ଷ ବଞ୍ଚିରହେ ।

ଏମାନଙ୍କ ମଧ୍ୟରୁ ଗ୍ରାନ୍ ଆବୁଏଲୋ ନାମକ ଗଛଟିର ବୟସ ୫,୦୦୦ ବର୍ଷରୁ ଅଧିକ ବୋଲି ବିଶ୍ୱାସ କରାଯାଏ । ପାଣ୍ଡୋ ଆସଲେ ଏକ ଗଛ ନୁହେଁ, ଏକ ବିଶାଳ ମୂଳ ବ୍ୟବସ୍ଥା ସହ ଯୋଡ଼ା ହୋଇଥିବା ହଜାର ହଜାର ଗଛର ସମୁଦାୟ । ଏହା ଆମେରିକାର ଉଟାହ୍ ଅଞ୍ଚଳରେ ଅବସ୍ଥିତ ଏବଂ ଏହାର ବୟସ ପ୍ରାୟ ୮୦,୦୦୦ ବର୍ଷ ହୋଇପାରେ ।

ସର୍ଭ-ଇ-ଆବାରକୁହ ସାଇପ୍ରେସ୍ ଗଛ ଇରାନରେ ଅବସ୍ଥିତ ଯାହାର ବୟସ ପ୍ରାୟ ୪,୦୦୦ ରୁ ୪,୫୦୦ ବର୍ଷ । ଏହାକୁ ଐତିହ୍ୟ ଓ ସଂସ୍କୃତିର ପ୍ରତୀକ ଭାବେ ମନେ କରାଯାଏ । ସ୍କଟଲ୍ୟାଣ୍ଡର 'ଫର୍ଟିଙ୍ଗଲ୍ ୟୁ' ଗଛ ବହୁତ ପ୍ରସିଦ୍ଧ । ଏହାର ବୟସ ୨,୦୦୦ରୁ ୫,୦୦୦ ବର୍ଷ ପର୍ଯ୍ୟନ୍ତ ହୋଇପାରେ । ଏହି ଗଛମାନେ ପୁନର୍ଜୀବନ କ୍ଷମତାରେ ବହୁତ ଶକ୍ତିଶାଳୀ । ଏହି ସବୁ ଗଛମାନେ କେବଳ ପରିବେଶକୁ ସୁନ୍ଦର କରନ୍ତି ନୁହେଁ, ସେମାନେ ପୃଥିବୀର ଇତିହାସର ଜୀବନ୍ତ ସାକ୍ଷୀ ମଧ୍ୟ ଅଟନ୍ତି ।

ଗୋଟିଏ ୨୫ ବର୍ଷର ଗଛ ୧୧୦-୧୨୦ କିଲୋଗ୍ରାମ ଅମ୍ଳଜାନ ତ୍ୟାଗ କରେ ଯାହା ଜଣେ ଦୁଇ ଜଣ ଲୋକଙ୍କ ପାଇଁ ଆବଶ୍ୟକ । ସେହିପରି ଏହି ଗଛ ବର୍ଷକୁ ୧୦- ୨୦ କିଲୋଗ୍ରାମ ଅଙ୍ଗାର ପୃଥକୀକରଣ କରିପାରେ । ଏଇଥି ପାଇଁ ଶୀର୍ଷ କୋର୍ଟଙ୍କ ବିଶେଷଜ୍ଞ କମିଟି ଗୋଟିଏ ଗଛର ମୂଲ୍ୟ ବର୍ଷ ପ୍ରତି ୭୪,୫୦୦ ଟଙ୍କା ହିସାବ କରିଛନ୍ତି । ଗଛ କେବଳ ଆମକୁ ଛାୟା, ଫଳ, କାଠ, ଔଷଧ କିମ୍ବା ଅମ୍ଳଜାନ ଦେଇନଥାଏ, ବରଂ ଜୀବନର ଅନେକ ମୂଲ୍ୟବାନ ଶିକ୍ଷା ମଧ୍ୟ ଦେଇଥାଏ । ଜଣେ ମଣିଷ ଯଦି ଗଛକୁ ଭଲଭାବେ ଅବଲୋକନ କରେ, ସେ ଧୈର୍ଯ୍ୟ, ତ୍ୟାଗ, ସହନଶୀଳତା, ପରୋପକାର ଓ ନମ୍ରତା ଭଳି ଗୁଣ ଶିଖିପାରେ ।

**ଗୋଟିଏ ୨୫ ବର୍ଷର ଗଛ ୧୧୦-୧୨୦ କିଲୋଗ୍ରାମ ଅମ୍ଳଜାନ ତ୍ୟାଗ କରେ ଯାହା ଜଣେ ଦୁଇ ଜଣ ଲୋକଙ୍କ ପାଇଁ ଆବଶ୍ୟକ । ସେହିପରି ଏହି ଗଛ ବର୍ଷକୁ ୧୦-୨୦ କିଲୋଗ୍ରାମ ଅଙ୍ଗାର ପୃଥକୀକରଣ କରିପାରେ । ଏଇଥି ପାଇଁ ଶୀର୍ଷ କୋର୍ଟଙ୍କ ବିଶେଷଜ୍ଞ କମିଟି ଗୋଟିଏ ଗଛର ମୂଲ୍ୟ ବର୍ଷ ପ୍ରତି ୭୪,୫୦୦ ଟଙ୍କା ହିସାବ କରିଛନ୍ତି । ଗଛ କେବଳ ଆମକୁ ଛାୟା, ଫଳ, କାଠ, ଔଷଧ କିମ୍ବା ଅମ୍ଳଜାନ ଦେଇନଥାଏ, ବରଂ ଜୀବନର ଅନେକ ମୂଲ୍ୟବାନ ଶିକ୍ଷା ମଧ୍ୟ ଦେଇଥାଏ । ଜଣେ ମଣିଷ ଯଦି ଗଛକୁ ଭଲଭାବେ ଅବଲୋକନ କରେ, ସେ ଧୈର୍ଯ୍ୟ, ତ୍ୟାଗ, ସହନଶୀଳତା, ପରୋପକାର ଓ ନମ୍ରତା ଭଳି ଗୁଣ ଶିଖିପାରେ । ତେଣୁ ଗଛକୁ ଆମର ନିରବ ଗୁରୁ ବୋଲି କୁହାଯାଏ ।**

ତେଣୁ ଗଛକୁ ଆମର ନିରବ ଗୁରୁ ବୋଲି କୁହାଯାଏ ।

ପ୍ରଥମେ, ଗଛ ଆମକୁ ପରୋପକାରର ଶିକ୍ଷା ଦେଇଥାଏ । ଗଛ ନିଜ ପାଇଁ କେବେ କିଛି ରଖେ ନାହିଁ । ସେ ନିଜର ଫଳ, ଫୁଲ, ଛାୟା, ପତ୍ର ଓ କାଠ ମଣିଷ ଏବଂ ପଶୁପକ୍ଷୀଙ୍କ ପାଇଁ ଦାନ କରେ । ପଥିକ ଥକିଗଲେ ଗଛ ତାକୁ ଛାୟା ଦିଏ, ପକ୍ଷୀମାନେ ତାହାର ଡାଳରେ ନୀଡ ରଚନା କରନ୍ତି ଏବଂ ମଣିଷ ତାହାର ଫଳ ଖାଇ ଜୀବନ ଧାରଣ କରେ । ତଥାପି ଗଛ କେବେ ଗର୍ବ କରେ ନାହିଁ । ଏହା ଆମକୁ ଶିଖାଏ ଯେ ନିଜ ସ୍ୱାର୍ଥ ଛାଡ଼ି ଅନ୍ୟମାନଙ୍କ ଉପକାର କରିବା ହିଁ ଆମର ଧର୍ମ । ଗଛ କେବେ ବି ସ୍ୱାର୍ଥପର ହୋଇ ନଥାଏ । ସତେ ଯେପରି ତାହାର ସୃଷ୍ଟି ପ୍ରାଣୀ ଜଗତର ଉପକାର ପାଇଁ ।

ଦ୍ୱିତୀୟତଃ, ଗଛ ଧୈର୍ଯ୍ୟ ଓ ସହନଶୀଳତାର ଶିକ୍ଷା ଦିଏ । ଗତ ଫଣୀ ବାତ୍ୟାରେ କେତେକ ବଡ ବଡ ଗଛ ଭାଙ୍ଗି ମାଟି ଉପରେ ପଡିଗଲେ । କିଛିଦିନ ପରେ ଦେଖାଗଲା ଗଛ ମୂଳରୁ ପୁଣିଥରେ କଅଁଳିଆ ଡାଳ ମେଲି ଉପରକୁ ଉଠିଲା । ଏହା ଆମକୁ ଶିକ୍ଷା ଦିଏ ଯେ ଯଦି କେବେ ଆମେ ଅକୃତକାର୍ଯ୍ୟ ହୁଅନ୍ତି ତେବେ ଏଥିରେ ଭାଙ୍ଗି ନଯାଇ ପୁଣି ଉଦ୍ୟମ ଓ ଧୈର୍ଯ୍ୟ ଦ୍ୱାରା ସଫଳତା ହାସଲ କରି ପାରିବା । ବହୁତ ମହା ମନିଷୀମାନଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇପାରିଛି ।

ଏକ ଛୋଟ ମଞ୍ଜି ମାଟି ଭିତରେ ଦୀର୍ଘ ସମୟ ରହିବା ପରେ ଅଙ୍କୁରିତ ହୁଏ । ତା'ପରେ ବର୍ଷର ପର ବର୍ଷ ଧରି ବଢ଼ି ବଡ଼ ଗଛରେ ପରିଣତ ହୁଏ । ଝଡ଼, ବର୍ଷା, ତାପ ଓ ଶୀତକୁ ସହି ସେ ନିଜ ସ୍ଥାନରେ ଦୃଢ଼ଭାବେ ଦଣ୍ଡାୟମାନ ରହେ । ଏହା ଆମକୁ ଶିଖାଏ ଯେ ଜୀବନର ସମସ୍ୟା ଓ ବିପଦକୁ ଧୈର୍ଯ୍ୟର ସହ ମୁକାବିଲା କରିବା ଉଚିତ । ସଫଳତା ଏକ ଦିନରେ ମିଳେ ନାହିଁ ତାହା ପାଇଁ ଧୀରେ ଧୀରେ ପ୍ରୟାସ କରିବାକୁ ପଡ଼େ ।

ତୃତୀୟରେ, ଗଛ ଆମକୁ ନମ୍ରତାର ମହତ୍ତ୍ୱ ମଧ୍ୟ ବୁଝାଏ । 'ବିଦ୍ୟା ସମ୍ପଦେ ଯଥା ନମନ୍ତି ବୁଧେ' । ଫଳଭରା ଗଛ ସଦା ନମ୍ର ହୋଇ ନମିଯାଏ । ଯେପରି ଜଣେ ଜ୍ଞାନୀ ଓ ମହାନ ବ୍ୟକ୍ତି କେବେ ଅହଂକାର କରେ ନାହିଁ, ସେପରି ଗଛ ମଧ୍ୟ ନିଜର ସଫଳତାକୁ ନମ୍ରତାର ସହ ପ୍ରକାଶ କରେ । ଏହା ଆମକୁ ଶିଖାଏ ଯେ ଯେତେ ଉଚ୍ଚ ସ୍ଥାନକୁ ପହଁଞ୍ଚିଲେ ମଧ୍ୟ ନମ୍ରତା ଓ ଭଦ୍ରତା କେବେ ଛାଡ଼ିବା ଉଚିତ ନୁହେଁ ।

ଚତୁର୍ଥରେ, ଗଛ ଆମକୁ ପରିବେଶ ସୁରକ୍ଷାର ଶିକ୍ଷା ଦିଏ । ଗଛ ଚାରି ପାଖକୁ ଶୀତଳ ରଖେ ଓ ବାୟୁକୁ ପ୍ରଦୂଷଣ ମୁକ୍ତ କରେ । ଗଛ ବାତାବରଣକୁ ପରିଷ୍କାର ରଖେ, ବର୍ଷା ଆଣିବାରେ ସାହାଯ୍ୟ କରେ ଓ ମାଟିକୁ କ୍ଷୟ ହେବାରୁ ରକ୍ଷା କରେ । ଆଜି ପୃଥିବୀରେ ବୃଦ୍ଧି ପାଉଥିବା ଉଷ୍ମତା, ପ୍ରଦୂଷଣ ଓ ଜଳ ସଙ୍କଟର ମୂଳ କାରଣ ହେଉଛି ଗଛ କଟା । ତେଣୁ ଗଛ ଆମକୁ ଶିଖାଏ ଯେ ପ୍ରକୃତିକୁ ଭଲପାଇବା ଓ ସୁରକ୍ଷା କରିବା ମଣିଷର ପ୍ରଥମ କର୍ତ୍ତବ୍ୟ ।

ପଞ୍ଚମରେ, ଗଛ ଆମକୁ ନିରବତାରେ କାମ କରିବାର ମଧ୍ୟ ଶିକ୍ଷା ଦିଏ । ଗଛ କେବେ ନିଜର ଉପକାର ବିଷୟରେ ଢୋଲ ପିଟେ ନାହିଁ । ସେ ଚୁପଚାପ ନିଜ କାମ କରିଯାଏ । ଏହା ଆମକୁ ଶିଖାଏ ଯେ ସତ୍ କାମ ପ୍ରଚାର ପାଇଁ ନୁହେଁ, ବରଂ ସମାଜର ମଙ୍ଗଳ ପାଇଁ କରିବା ଉଚିତ ।

ଏହା ସହ ଗଛ ଏକତାର ଶିକ୍ଷା ମଧ୍ୟ ଦିଏ । ଜଙ୍ଗଲରେ ଅନେକ ଗଛ ଏକସାଥୀରେ ରହି ପରିବେଶକୁ ସୁନ୍ଦର କରନ୍ତି । ସେମାନେ ପରସ୍ପରକୁ ସହଯୋଗ କରି ପ୍ରକୃତିର ସମତୁଳନ ରକ୍ଷା କରନ୍ତି । ଏହା ଆମକୁ ଜଣାଏ ଯେ ସମାଜରେ ଏକତା ଓ ସହଯୋଗ ଥିଲେ ହିଁ ଉନ୍ନତି ସମ୍ଭବ ।


ବୃକ୍ଷମାନେ ପରସ୍ପର ମଧ୍ୟରେ ବାର୍ତ୍ତା ସଞ୍ଚାର କରନ୍ତି ଓ ବିପଦ ସମୟରେ ଅନ୍ୟକୁ ଆଗୁଆ ସୂଚନା ପ୍ରେରଣ କରନ୍ତି । ଏହା ମଧ୍ୟ ଆମକୁ ଶିକ୍ଷା ଦିଏ ଯେ ଆମେ ସମାଜରେ ପରସ୍ପର ପ୍ରତି ସହଯୋଗୀ ମନୋଭାବ ପ୍ରଦର୍ଶନ କରିବା ଓ ବିପଦରେ ଅନ୍ୟକୁ ସାହାଯ୍ୟ କରିବା ।

କାହିଁ କେଉଁ ଆଦିମ କାଳରୁ ଆଦିବାସୀମାନେ ବୃକ୍ଷ ଦେବତାଙ୍କୁ ପୂଜା କରି ଅସୁଛନ୍ତି ଏବଂ ପ୍ରତି ଗ୍ରାମରେ ପବିତ୍ର ବନ ସ୍ଥାପନ କରି ସେମାନଙ୍କ ମୁଖ୍ୟ ଦେବତାଙ୍କୁ ପୂଜା କରନ୍ତି ।

ପରିଶେଷରେ କୁହାଯାଇପାରେ ଯେ ଗଛ ହେଉଛି ସମସ୍ତ ଜୀବନର ଜୀବନ୍ତ ପାଠଶାଳା । ତାହାର ପ୍ରତ୍ୟେକ ଅଂଶ ଆମକୁ କିଛି ନା କିଛି ଶିଖାଏ । ଗଛର ଏପରି କୌଣସି ଅଂଶ ନାହିଁ ଯାହା କୌଣସି ଉପକାରରେ ଲାଗେ ନାହିଁ । ପୃଥିବୀରେ ୩.୦୪ ଟ୍ରିଲିୟନ ବୃକ୍ଷ ଅଛନ୍ତି । ସମସ୍ତ ବୃକ୍ଷଲତା ଆମକୁ ଏହି ବାର୍ତ୍ତା ଦେଇ ଆସୁଛନ୍ତି, ଯଦି ମଣିଷ ଗଛର ଗୁଣଗୁଡ଼ିକୁ ନିଜ ଜୀବନରେ ଅନୁସରଣ କରେ, ତେବେ ସେ ଜଣେ ଭଲ ମଣିଷ ହୋଇପାରିବ । ତେଣୁ ଆମେ କେବଳ ଗଛରୁ ଶିକ୍ଷା ନେବା ନୁହେଁ, ବରଂ ଅଧିକରୁ ଅଧିକ ଗଛ ଲଗାଇ ପରିବେଶକୁ ସୁରକ୍ଷା କରିବା ଉଚିତ । ଗଛ ବଞ୍ଚିଲେ ପୃଥିବୀ ବଞ୍ଚିବ ଏବଂ ପୃଥିବୀ ବଞ୍ଚିଲେ ମଣିଷ ଜୀବନ ସୁରକ୍ଷିତ ରହିବ । ସତରେ ବୃକ୍ଷ ଏକ ଅଧ୍ୟାପକ । ଆସନ୍ତୁ, ଆମେ ବୃକ୍ଷକୁ ଆମର ମିତ୍ର ହିସାବରେ ବିଚାର କରିବା ଓ ଏହାର ଯତ୍ନ ନେବା । ପ୍ରତିବର୍ଷ କିଛି ସଂଖ୍ୟାରେ ବୃକ୍ଷ ରୋପଣ କରିବା ।

**କଳିଙ୍ଗନଗର ୭/୪୫୨**
**ଭୁବନେଶ୍ୱର-୭୫୧୦୨୯**
**ମୋ-୯୧-୯୪୩୭୦୭୧୧୯୦**

# ଭାରତରେ ସିକଲ୍‌ସେଲ୍ ରୋଗର ପ୍ରତିକାର



**ଡାକ୍ତର ସୋନାଲି ମହାପାତ୍ର**

ସିକଲ୍‌ସେଲ୍ ରୋଗ ଭାରତର ସବୁଠାରୁ ଅଧିକ କମ୍ ମାନ୍ୟତାପ୍ରାପ୍ତ ଜେନେଟିକ୍ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ ଏକ ହୋଇ ରହିଛି, ଯାହା ଆଦିବାସୀ ତଥା ସାମାଜିକ-ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଜନସଂଖ୍ୟାକୁ ଅସମାନ ଭାବରେ ପ୍ରଭାବିତ କରୁଛି । ବିଗତ ବର୍ଷଗୁଡ଼ିକରେ ଏହି ରୋଗ ବିଷୟରେ ସଚେତନତା ବୃଦ୍ଧି ପାଇଥିଲେ ମଧ୍ୟ, ଭାରତ ଏକ ଗଭୀର ଗଠନମୂଳକ ବ୍ୟବଧାନର ସମ୍ମୁଖୀନ ହେବାରେ ଲାଗିଛି । ସଚେତନତା ଏ ପର୍ଯ୍ୟନ୍ତ ବ୍ୟାପକ, ବ୍ୟବସ୍ଥିତ ଯାଞ୍ଚ କିମ୍ବା ପ୍ରାରମ୍ଭିକ ପ୍ରତିରୋଧରେ ପରିଣତ ହୋଇ ପାରିନାହିଁ ।

ଏସସିଡି ହେଉଛି ଏକ ବଂଶାନୁକ୍ରମିକ ରକ୍ତଜାତ ସିକଲ୍ ସେଲ୍ ରୋଗ । ଏହି ରୋଗରେ ପୀଡ଼ିତ ଥିବା ବ୍ୟକ୍ତିମାନେ ସାଧାରଣତଃ ସୁସ୍ଥ ବାହକ ଅଟନ୍ତି ଏବଂ ସେମାନଙ୍କଠାରେ ରୋଗର କୌଣସି ଲକ୍ଷଣ ଦେଖାଯାଇ ନଥାଏ । ତେବେ, ଯାଞ୍ଚ ବିନା, ଅନେକ ଲୋକ ନିଜର ବଂଶାନୁକ୍ରମିକ ସ୍ଥିତି ବିଷୟରେ ସେପର୍ଯ୍ୟନ୍ତ ଅଜ୍ଞ ରହନ୍ତି । ଯେପର୍ଯ୍ୟନ୍ତ ଏହି ରୋଗ ସହିତ ଏକ ଶିଶୁ ଜନ୍ମ ହୋଇ ନଥାଏ କିମ୍ବା ଜୀବନର ପରବର୍ତ୍ତୀ ସମୟରେ ଜଟିଳତା ଦେଖା ଦେଇ ନଥାଏ । ଏଥିରେ ଏକ ପ୍ରତିକ୍ରିୟାଶୀଳ ନିଦାନ ସ୍ୱତନ୍ତ୍ର ଅଂଶ ଦେଖାଇଥାଏ, ଯେଉଁଠାରେ କ୍ଷତି ଘଟିବା ପରେ ହିଁ ଏହି ସ୍ଥିତି ଚିହ୍ନଟ ହୋଇଥାଏ । ଏଭଳି ବିଳମ୍ବିତ ନିଦାନ, ଜଟିଳତାର ଆଶଙ୍କା ସୃଷ୍ଟି କରେ । ଖରାପ ସ୍ୱାସ୍ଥ୍ୟ ପରିଣାମ ଏବଂ ଅକାଳ ମୃତ୍ୟୁ ହେବାର ଆଶଙ୍କାକୁ ଯଥେଷ୍ଟ ବୃଦ୍ଧି କରିଥାଏ, ବିଶେଷ କରି କମ୍ ସମ୍ବଳ ଥିବା ଅଞ୍ଚଳରେ ଯେଉଁଠାରେ ସ୍କ୍ରିନିଂ ବ୍ୟବସ୍ଥା ଦୁର୍ବଳ ଥାଏ ।

ଜାତୀୟ ପ୍ରୟାସ ସତ୍ତ୍ୱେ , ଭାରତରେ ସିକଲ୍ ସେଲ୍ ରୋଗ ସ୍କ୍ରିନିଂର ପରିସର ଅସମାନ ହୋଇ ରହିଛି, ବିଶେଷ କରି ଆଦିବାସୀ ଏବଂ ଦୁର୍ଗମ ଅଞ୍ଚଳରେ ଯେଉଁଠାରେ ଏହି ରୋଗର ବୋଝ ସବୁଠାରୁ ଅଧିକ ଥାଏ, ଏହି ସମୁଦାୟଗୁଡ଼ିକ ପ୍ରାୟତଃ ସ୍ୱାସ୍ଥ୍ୟସେବା ପାଇବାରେ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି, ଯେଉଁଥିରେ ଅପର୍ଯ୍ୟାପ୍ତ ଭିତ୍ତିଭୂମି, ପ୍ରଶିକ୍ଷିତ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ଏବଂ ନିଶ୍ଚିତକରଣ ନିଦାନ ସେବାର ସୀମିତ ଉପଲବ୍ଧତା ସାମିଲ୍ ଥାଏ । ଏହି ଆହ୍ୱାନଗୁଡିକର ସମାଧାନ ପାଇଁ, ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ, ମୋବାଇଲ୍ ନିଦାନ ୟୁନିଟ୍ ଏବଂ ସାଂସ୍କୃତିକ ଉପାୟରେ ଉପଯୁକ୍ତ ସଚେତନତା ପଦକ୍ଷେପ ଦ୍ୱାରା ସମର୍ଥିତ ସମୁଦାୟ-ନେତୃତ୍ୱାଧୀନ ସ୍କ୍ରିନିଂ ମଡେଲଗୁଡ଼ିକ ପ୍ରାରମ୍ଭିକ ଚିହ୍ନଟ ପ୍ରକ୍ରିୟାରେ ସୁଧାର ଆଣିବାରେ ଏବଂ ଅବହେଳିତ ଜନସଂଖ୍ୟା ମଧ୍ୟରେ ସେବା ପ୍ରଦାନର ସମ୍ପ୍ରସାରଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ।

ଯେଉଁ ଅଞ୍ଚଳଗୁଡ଼ିକରେ ସ୍କ୍ରିନିଂ କରାଯାଏ, ସେଠାରେ ମଧ୍ୟ ସଂଗଠିତ ଅନୁବର୍ତ୍ତନ ବ୍ୟବସ୍ଥାର ଅଭାବ ଏହାର ପ୍ରଭାବକୁ ହ୍ରାସ କରିଥାଏ । ବାହକ ଭାବରେ ଚିହ୍ନଟ ହୋଇଥିବା ଅନେକ ବ୍ୟକ୍ତି ପର୍ଯ୍ୟାପ୍ତ ଭାବେ ବଂଶାନୁକ୍ରମିକ ଜେନେଟିକ୍ ପରାମର୍ଶ କିମ୍ବା ଦୀର୍ଘକାଳୀନ ମାର୍ଗଦର୍ଶନ ପାଆନ୍ତି ନାହିଁ । ଫଳସ୍ୱରୂପ, ଦୀର୍ଘକାଳୀନ ଯତ୍ନ ବାଧାପ୍ରାପ୍ତ ହୁଏ ଏବଂ ଯାଞ୍ଚର ପ୍ରତିରୋଧକ ମୂଲ୍ୟ ସମ୍ପୂର୍ଣ୍ଣ ରୂପେ ହାସଲ ହୋଇପାରେ ନାହିଁ ।

ବିଦ୍ୟାଳୟ ଏବଂ କର୍ମକ୍ଷେତ୍ର ଭଳି ସାଂସ୍ଥାନିକ ଚଟାଣଗୁଡ଼ିକରେ ଏସସିଡି ଯାଞ୍ଚକୁ ସ୍ୱାଭାବିକ କରିବାରେ ଏବଂ ବଂଶାନୁକ୍ରମିକ ବିପଦ ବିଷୟରେ ପ୍ରାରମ୍ଭିକ ସଚେତନତାକୁ ପ୍ରୋତ୍ସାହିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ । ବିଦ୍ୟାଳୟ ଏବଂ କିଶୋର-ଆଧାରିତ ଯାଞ୍ଚ କାର୍ଯ୍ୟକ୍ରମଗୁଡ଼ିକ ପ୍ରାରମ୍ଭିକ ପର୍ଯ୍ୟାୟରେ ବାହକମାନଙ୍କୁ ଚିହ୍ନଟ କରିବାରେ ସଫଳତା ପ୍ରଦର୍ଶନ କରିଛି, ଯାହା ବ୍ୟକ୍ତିମାନଙ୍କୁ ସନ୍ତାନ ଜନ୍ମ କରିବା ବୟସରେ ପହଞ୍ଚିବା ପୂର୍ବରୁ ସୂଚନାଯୋଗ୍ୟ ସ୍ୱାସ୍ଥ୍ୟ ନିଷ୍ପତ୍ତି ନେବାରେ ସକ୍ଷମ କରିଥାଏ । ଏହି ପ୍ରୟାସଗୁଡ଼ିକୁ ପ୍ରଭାବଶାଳୀ ଭାବରେ ବୃଦ୍ଧି କରିବା ପାଇଁ, ଏକ ହାଇବ୍ରିଡ୍ ବିତରଣ ମଡେଲ୍ ଆବଶ୍ୟକ ଯାହା ଜନସ୍ୱାସ୍ଥ୍ୟ ବ୍ୟବସ୍ଥାର ଶକ୍ତି ଏବଂ ବେସରକାରୀ କ୍ଷେତ୍ରର ସାମର୍ଥ୍ୟକୁ ଏକତ୍ର କରିଥାଏ । ସରକାରୀ-ବେସରକାରୀ ସହଭାଗିତା ନିଦାନ ଭିତ୍ତିଭୂମିକୁ ବୃଦ୍ଧି କରି ପାରିବ, ଅବହେଳିତ ଅଞ୍ଚଳଗୁଡ଼ିକରେ ସେବା ବିସ୍ତାର କରି ପାରିବ ଏବଂ ବିକେନ୍ଦ୍ରୀକୃତ ପରୀକ୍ଷାକୁ ସମର୍ଥନ କରିପାରିବ, ଏଥିସହିତ ସୁଲଭତା, ବ୍ୟାପକତା ଏବଂ ଜାତୀୟ ସ୍ୱାସ୍ଥ୍ୟ ପ୍ରାଥମିକତା ସହିତ ସମନ୍ୱୟ ସୁନିଶ୍ଚିତ କରିପାରିବ ।

୨୦୪୭ ସୁଦ୍ଧା ଏସସିଡିର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଭାରତର ଜାତୀୟ ମିଶନ ହେଉଛି ବ୍ୟାପକ ଯାଞ୍ଚ, ସଚେତନତା ଏବଂ ସମନ୍ୱିତ ଯତ୍ନ ମାଧ୍ୟମରେ ଏହି ବୋଝର ସମାଧାନ ଦିଗରେ ଏକ ପ୍ରମୁଖ ପଦକ୍ଷେପ । ତେବେ, ବିଶ୍ୱସ୍ତରୀୟ ପ୍ରମାଣ ଦର୍ଶାଏ ଯେ ନିରାକରଣ ପ୍ରୟାସ କେବଳ ସେତେବେଳେ ସଫଳ ହୁଏ ଯେତେବେଳେ ଯାଞ୍ଚ ସହିତ ଦୃଢ଼ ପରାମର୍ଶ ବ୍ୟବସ୍ଥା, ପଞ୍ଜୀକରଣ ଏବଂ ହିମୋଗ୍ଲୋବିନ ବ୍ୟାଧି ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୁପାରିଶ ଅନୁଯାୟୀ ଯତ୍ନର ନିରନ୍ତରତା ଢାଞ୍ଚା ଜଡ଼ିତ ଥାଏ ।

ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମୋବାଇଲ୍ ନିଦାନ ନେଟୱାର୍କର ସମ୍ପ୍ରସାରଣ କରାଯିବା ଏହି ବ୍ୟବଧାନକୁ ଦୂର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେହୁଏ । ଏସସିଡି ପାଇଁ ଏକ ଦୀର୍ଘକାଳୀନ ପ୍ରତିକ୍ରିୟା କେବଳ ମିଶନ-ଚାଳିତ ଅଭିଯାନରୁ ଆଗକୁ ବଢ଼ି ବ୍ୟବସ୍ଥା-ସ୍ତରୀୟ ସମନ୍ୱୟ ଆଡ଼କୁ ଗତି କରିବା ଆବଶ୍ୟକ ।

ବିକେନ୍ଦ୍ରୀକୃତ ନିଦାନ ମଡେଲଗୁଡ଼ିକ ଚିହ୍ନଟ ପ୍ରକ୍ରିୟାରେ ବିଳମ୍ବକୁ ଯଥେଷ୍ଟ ହ୍ରାସ କରୁଥିବା ଏବଂ ଅବହେଳିତ ଅଞ୍ଚଳଗୁଡ଼ିକରେ ସେବା ପ୍ରଦାନରେ ସୁଧାର ଆଣୁଥିବା ଦେଖାଯାଇଛି । ଏହାର ସ୍ଥାୟୀତ୍ୱ ନିର୍ଭର କରିବ ପ୍ରତିରୋଧ, ଶିକ୍ଷା, ପରାମର୍ଶ ଏବଂ ପ୍ରାରମ୍ଭିକ ନିଦାନକୁ ଯଦି ଏକୀକୃତ ବ୍ୟବସ୍ଥାରେ ପରିଣତ କରା ଯାଇ ପାରିବ, ଯାହା ଆଜୀବନ ବଂଶାନୁକ୍ରମିକ ସ୍ୱାସ୍ଥ୍ୟ ସଚେତନତାକୁ ପ୍ରାଥମିକତା ଦେଇଥାଏ ।

**ବିଭାଗୀୟ ମୁଖ୍ୟ, ହେମାଟୋଲୋଜି,**
**ଏମ୍ସ୍, ଭୁବନେଶ୍ୱର**

# ସମ୍ପାଦକଙ୍କୁ ପତ୍ର

## ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା

ମହାଶୟ,

କିଛି ଦିନ ତଳେ ଆପଣଙ୍କର ସମ୍ପାଦକୀୟରେ ଭାରତ ବର୍ଷରେ ଜନସାଧାରଣଙ୍କ ଅବଗତି ନିମନ୍ତେ ବହୁ ସୁନ୍ଦର ତଥ୍ୟ ଉପସ୍ଥାପନ କରାଯାଇଛି ଯାହା ଆମର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ପାଇବା ପାଇଁ ଯୋଗ୍ୟ ।

ନିଜେ ବଡ ହେବାକୁ ହେଲେ ପୂର୍ବରୁ ଥିବା ବଡ଼ମାନଙ୍କୁ ସର୍ବଦା ମନରେ ରଖିବାକୁ ପଡିବ । ଅନ୍ୟକୁ ବଡ଼ କରିବାକୁ ପଡିବ । ଶ୍ରେଷ୍ଠଙ୍କୁ ସମ୍ମାନ ଦେବା ଉଚିତ । ଯାହା ସେ ପରି ପାଳନ କରିବାକୁ ତତ୍ପର ।

ଆମର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ସର୍ବଦା ସମସ୍ତଙ୍କ ବିକାଶ, ସମସ୍ତଙ୍କୁ ସାଙ୍ଗରେ ଧରି, ସମସ୍ତଙ୍କ ଉନ୍ନତି ପାଇଁ ଦେଶବାସୀଙ୍କର ପାଇଁ, ନିଜର ସୁଖ, ସ୍ୱଚ୍ଛନ୍ଦକୁ ପରିହାର କରିଛନ୍ତି. ନିଜର ଦାୟିତ୍ୱକୁ ବୁଝିବା ଶକ୍ତି ତାଙ୍କର ଅଛି । ରାଜନୀତି ହେଉଛି ଶ୍ରେଷ୍ଠ ନୀତି । ତାହା ସେ କରି ଦେଖାଇ ଅଛନ୍ତି ।

ସେ ବହୁତ ପରିଶ୍ରମୀ, ସାହସୀ, ଈଶ୍ୱର ବିଶ୍ୱାସୀ ଅକପଟି, ଦୃଢ଼ମନା,ତ୍ୟାଗୀ, ସଂଯତ । ସେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ, ତାଙ୍କର କର୍ମ, ଆଚରଣ, ବାକ୍ୟ, ବ୍ୟବହାର ତାଙ୍କୁ ସହାୟକ ହୋଇଛି । ସ୍ୱାର୍ଥ ତ୍ୟାଗ ସହିତ ଦେଶର ଉନ୍ନତି ଏବଂ ପ୍ରତିରକ୍ଷା ସଂରକ୍ଷଣ ପାଇଁ ପ୍ରତିବଦ୍ଧତା ଯୋଗୁଁ. ସବୁ ସମ୍ଭବ ହୋଇଛି ।

ଗୁଜୁରାଟ ପ୍ରଦେଶର ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ସେ ତାଙ୍କର ଦଳୀୟ କାର୍ଯ୍ୟରେ ବିଭିନ୍ନ ଜିଲ୍ଲା ଗସ୍ତ ସମୟରେ, ବିଭିନ୍ନ ଅତିଥି ଗୃହରେ ରହଣି ଓ ରେଳଯାତ୍ରାକୁ ପୁରୁଣା କର୍ମଚାରୀମାନେ ମନେ ରଖିଛନ୍ତି ।

ବିଭିନ୍ନ ସମୟରେ ଗୁଜୁରାଟରେ ଆଲୋଚନା ହୁଏ, ମୋର ସେହି ରାଜ୍ୟକୁ ଯିବା ସମୟରେ ଅନୁଭବ ହୋଇଛି । ତାଙ୍କର କଠିନ ସଂଯମତା, ଦେଶବାସୀଙ୍କ ପାଇଁ ନିଷ୍ଠା, ଦେଶପ୍ରେମ, ମାତୃସେବା, ଭାରତକୁ ପୃଥିବୀରେ କିଭଳି, ଆର୍ଥିକ, ସ୍ୱାସ୍ଥ୍ୟସେବା, କୃଷି, ଗମନାଗମନ, ଶିଳ୍ପ, ପର୍ଯ୍ୟଟନ, ଶିକ୍ଷା, ପାନୀୟଜଳ ଯୋଗାଣରେ ବିକାଶ ହେବ, ସମୃଦ୍ଧ ଭାରତ ହେବ ଏହା ଆମେ ବିଗତ ୧୨ ବର୍ଷରେ ଅନୁଭବ କରି ଅଛେ ।

ପୂର୍ବତନ ପ୍ରଧାନମନ୍ତ୍ରୀମାନଙ୍କୁ ପ୍ରଶଂସା, ସାଧୁସନ୍ଥମାନଙ୍କୁ ପ୍ରଣାମ, ଦେବସ୍ଥଳୀମାନଙ୍କର ଉନ୍ନତି, ନଦୀ,ପର୍ବତ, ବୃକ୍ଷର ସୁରକ୍ଷା, ପରିବେଶ ସୁରକ୍ଷା, ଆର୍ଥିକ ଶୃଙ୍ଖଳା, ପରିଚାଳନା, ନାରୀ ଶକ୍ତିକୁ ସମ୍ମାନ, ଯୁବଗୋଷ୍ଠୀକୁ ଉତ୍ସାହିତ କରିବା ଦେଶର ସବୁ ଭାଗରେ ଲୋକେ ଅନୁଭବ କରିଛନ୍ତି ।

ଏହା ତାଙ୍କର ଦୃଢ଼ ଇଚ୍ଛାଶକ୍ତିରେ ସମ୍ଭବ ହୋଇଛି । ଦେଶର ବିଭିନ୍ନ ରାଜ୍ୟର ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ କରିବା, ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ, ମଧ୍ୟ ଭାଗରେ ବିକାଶ ସମ୍ଭବ ହେଉଛି । ସରକାର ଲୋକଙ୍କ ପାଇଁ ବହୁ ନିକଟତର ହୋଇ ପାରିଛ ।

କୋଭିଡ ପରିଚାଳନାରେ ତାଙ୍କର କାର୍ଯ୍ୟକଳାପ ପାଇଁ ଆମେରିକାରେ ମଧ୍ୟ ବହୁ ବ୍ୟକ୍ତି ତାଙ୍କର ପ୍ରଶଂସା କରିବା ସହିତ ୨୦୨୨ ମସିହାରେ ବିଭିନ୍ନ ଦେଶର ନାଗରିକମାନେ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଭାବେ ମୋଦିଙ୍କର ବହୁ ପ୍ରଶଂସା କରିଥିଲେ ।

ମୋର ଆମେରିକାରେ ରହଣି ସମୟରେ ଅନୁଭବ ହୋଇଛି । ଆମେ ଯେତେ ତାଙ୍କର ବ୍ୟକ୍ତିତ୍ୱ, ନିଷ୍ଠା, ନିଷ୍ପତ୍ତିକୁ ବର୍ଣ୍ଣନା କଲେ ମଧ୍ୟ ତାହା କମ ହେବ । ତାଙ୍କର ଦୃଢ଼ ନେତୃତ୍ୱରେ ୨୦୪୭ ବେଳକୁ ଭାରତବର୍ଷ ସମଗ୍ର ପୃଥିବୀରେ ଶ୍ରେଷ୍ଠ ହେଉ । ଦେଶବାସୀ ସବୁବେଳେ ତାଙ୍କ ପଛଆଡ଼େ ରହିଥିବେ ।

କୃପାନିଧି ବିଶ୍ୱାଳ, ଅବସରପ୍ରାପ୍ତ
ସହକାରୀ ଆବାସିକ Commissioner
(ମୁମ୍ବାଇ), ମୋ- ୯୮୧୯୯୬୪୫୧୭

**ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ-ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୦ ହଜାର...

ଭୂ-କମ୍ପର ତୀବ୍ରତା ଯଥା ୭.୧ ଓ ୭.୫ ମ୍ୟାଗନେଟ୍ୟୁଟ ବୋଲି ରିକ୍ଟର ସ୍କେଲରେ ମପା ଯାଇଛି । ଭୂ-କମ୍ପ କ୍ଷୟକ୍ଷତି ପରେ ବିଭିନ୍ନ ରାଷ୍ଟ୍ରର ସହଯୋଗର ହାତ ବଢ଼ାଯାଇଛି ।

ରାସ୍ତା ଗୁଡିକ ଫାଟି ଆଁ କରିଥିବା ବେଳେ ବଡ଼ ବଡ଼ କୋଠ ଘର ଗୁଡିକ ତାସ ଘର ଭଳି ଭାଙ୍ଗି ଯାଇଛି । ରାଜଧାନୀ କାର୍କାସରେ ସବୁଠୁ ଅଧିକ କ୍ଷତିଗସ୍ତ ହୋଇଛି । ସୁନାମୀ ଆଲର୍ଟ ଜାରି କରାଯାଇଛି । ଭୂ-କମ୍ପ ପରେ ବିଭିନ୍ନ ରାଷ୍ଟ୍ର ସହାୟତାର ହାତ ବଢ଼ାଇଛନ୍ତି । ଆମେରିକା, ଆର୍ଜେଣ୍ଟିନା, ବ୍ରାଜିଲ, ମେକ୍ସିକୋ ଆଦି ରାଷ୍ଟ୍ର ଗୁଡିକ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହଯୋଗ କରିବାକୁ ଆଗେଇ ଆସିଛନ୍ତି । ଏହି ଭୂ-କମ୍ପଟି ପ୍ରାୟ ୧୭ ଶହ କିଲୋମିଟର ପର୍ଯ୍ୟନ୍ତ ପ୍ରଭାବ ପକାଇଥିଲା । କାର୍କାସରେ ଥିବା ଅନ୍ତର୍ଜାତୀୟ ବିମାନବନ୍ଦରରେ ବ୍ୟାପକ କ୍ଷତି ହୋଇଛି । ବିଭିନ୍ନ ସ୍କୁଲକୁ ଅନେକ ଦିନ ପାଇଁ ବନ୍ଦ କରିବାକୁ ଘୋଷଣା କରାଯାଇଛି । ଲୋକମାନଙ୍କୁ ସ୍କୁଲ କୋଠାରେ ଆଶ୍ରୟ ଦିଆଯାଇଛି । ଇରାନ ମଧ୍ୟ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହଯୋଗ କରିବାକୁ କହିଛି । ଏହି ଶତାବ୍ଦୀର ବଡ଼ ଭୂକମ୍ପ ବୋଲି କୁହାଯାଉଛି । ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଭଗ୍ନାବଶେଷ ତଳୁ ଲୋକଙ୍କୁ ଉଦ୍ଧାର କରାଯାଉଛି । ଭାରତ ସରକାର ଏହା ଉପରେ ନଜର ରଖିଛନ୍ତି । ଏନଡିଆରଏଫ ଟିମ ପଠାଇବାକୁ ନିଷ୍ପତ୍ତି ନେଇଛି । ଉଦ୍ଧାର କାରୀ ଟିମ ସହ ଭାରତ ଚିକିତ୍ସା ସମଗ୍ରୀ ପଠାଇପାରେ । ଭଗ୍ନବିଶେଷ ତଳେ ଫଶି ରହିଥିବା ଲୋକଙ୍କୁ ଉଦ୍ଧାରରେ ଭାରତ ସହଯୋଗ କରିବ । ମାତ୍ର ୩୯ ସେକେଣ୍ଡ ମଧ୍ୟରେ ସବୁ କିଛି ଧ୍ୱଂଶ ହୋଇଯାଇଛି । ବିଦ୍ୟୁତ ସରବରାହ ମଧ୍ୟ ବାଧାପ୍ରାପ୍ତ ହୋଇଛି । ବିଦ୍ୟୁତଖୁଣ୍ଟ ଓ ମୋବାଇଲ ଟାୱାର ମଧ୍ୟ ଭୁଷୁଡି ପଡିଛି । ଇଣ୍ଟରନେଟ ସଂଯୋଗ ୪୦ % ହ୍ରାସ ପାଇଛି । ଆମେରିକା ମଧ୍ୟ ସମସ୍ତ ସହଯୋଗ କରିବ ବୋଲି ମାର୍କ ରିବିଓ କହିଛନ୍ତି । ଅନ୍ତର୍ଜାତୀୟ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚିଛନ୍ତି ଓ ରିଲିଫ କାର୍ଯ୍ୟ ଜୋରଦାର କରାଯାଇଛି । ଜାତିସଂଘର ସଂଯୋଜକ ଭେନେଜୁଏଲାର ଅଧିକାଂଶ ମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି । ସ୍ୱିଜରଲାଣ୍ଡ ୮୦ରୁ ଅଧିକ ଉଦ୍ଧାରକାରୀ ଦଳ ପଠାଇଛି ।

### ପାସପୋର୍ଟ...

ନାଗରିକଙ୍କ ପ୍ରମାଣ ଦେଉ ନାହିଁ ବୋଲି ଉଲ୍ଲେଖ କରାଯାଇଥିଲା । ସେହିଭଳି ୬୦ ପୃଷ୍ଠାର ପାସପୋର୍ଟ ଦ୍ୱୟ ୨ ହଜାର ଟଙ୍କାରୁ ୩,୫୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା ବେଳେ ତତ୍କାଳ କ୍ଷେତ୍ରରେ ଏହା ୪ ହଜାରରୁ ୬୦୦୦ ଟଙ୍କାକୁ ବୃଦ୍ଧି ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ସଂଶୋଧିତ ଦ୍ୱେୟ ସମ୍ପର୍କରେ ବିଜ୍ଞପ୍ତି ଜାରି କରାଯାଇଛି । ୧୮ ବର୍ଷର ପିଲାମାନଙ୍କୁ ୩୬ ପୃଷ୍ଠାର ପାସପୋର୍ଟ ପ୍ରଦାନ କରାଯିବ । ଜୁଲାଇ ପହିଲାରେ ଯେଉଁମାନେ ପାସପୋର୍ଟ ପାଇଁ ଆବେଦକ କରିବେ ସେମାନଙ୍କ କ୍ଷେତ୍ରରେ ଏହା ଲାଗୁ କରାଯିବ ।

### ଆଶ୍ରମ...

ନିର୍ଦ୍ଦେଶକ, ଶ୍ରେଷ୍ଠ ଅଭିନେତ୍ରୀ ମିଳିତ ଭାବେ ନୈନା ଦାସ ସୁପ୍ରିୟନାୟକଙ୍କୁ ଚୟନ କରାଯାଇଛି । ସେହିଭଳି ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ପାଇଁ ଚୌଧୁରୀ ଜୟପ୍ରକାଶ ଦାସ, ଶ୍ରେଷ୍ଠ ପାଶ୍ୱ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ଶ୍ରେଷ୍ଠ ଖଳଅଭିନେତା ଚୌଧୁରୀ ବିକାଶ ଦାସ, ଶ୍ରେଷ୍ଠ ଖଳ ଅଭିନେତ୍ରୀ ପିଙ୍କି ପ୍ରଦାନ, ଶ୍ରେଷ୍ଠ ହାସ୍ୟ ଅଭିନେତା ସନ୍ତୋଷ କୁମାର କାଣ୍ଡି, ଶ୍ରେଷ୍ଠ ସଂଳପ ଭରଦ୍ୱାଜ ପଣ୍ଡ, ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ଶରତ ନାୟକ, ଶ୍ରେଷ୍ଠ ଗୀତିକାର ଡ. ନିଷିଦ୍ଧ ନାୟକ, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ବିଷ୍ଣୁ ମୋହନ କବି, ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ଭାବେ ଅନ୍ତରା ଚକ୍ରବର୍ତ୍ତୀଙ୍କୁ ମନୋନୀତ କରାଯାଇଛି । ସେହିଭଳି ୨୦୨୪ ଲାଗି ଅଶୋକ ପତିଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ମନୋନୀତ କରାଯାଇଥିବା ବେଳେ ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ ଭାବେ ଦେବଜାନୀ ଦେଗୁଡିଆ, ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ସୁକାନ୍ତ ରଥ, ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ଲିପ୍ସା ମିଶ୍ର, ଶ୍ରେଷ୍ଠ ଖେଳ ଅଭିନେତା ହର ରଥ, ଶ୍ରେଷ୍ଠ ଖଳ ଅଭିନେତ୍ରୀ ଉଷଶ୍ରୀ ମିଶ୍ର, ଶ୍ରେଷ୍ଠ ଅଭିନେତା ଜାବନ ପଣ୍ଡା, ଶ୍ରେଷ୍ଠ ଶିଶୁ ଅଭିନେତା ଲତାସା ଖୁରାନା, ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ଦିବ୍ୟଜିତ ସାହୁ, ଶ୍ରେଷ୍ଠ ଗୀତିକାର ଦୂର୍ଗା ମାଧବ ପଣ୍ଡା, ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ରାଘବ କୁମାର ପରିଜା, ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ଅର୍ପିତା ଚୌଧୁରୀଙ୍କୁ ମନୋନୀତ କରାଯାଇଛି ।

### ବିଜେଡ଼ିରେ...

ସାମିଲ ହୋଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବିଜେଡିରେ ଯୋଗଦେବାପରେ ସୁଜାତା କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପୁଣିଥରେ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସେବା କରିବାର ସୁଯୋଗ ପାଇଛି । ତେବେ ସୁଜାତା ବିଜେଡିରେ ଯୋଗ ଦେବାପରେ ସୋସିଆଲ ମିଡ଼ିଆରେ ତାଙ୍କ ଭିଡ଼ିଓ ବ୍ୟାପକ ଭାଇରାଲ ହେଉଛି । ସୁଜାତାଙ୍କ ଯୋଗଦାନ ଲାଗି ଆୟୋଜିତ ସମାରୋହରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୨୦୨୯ ନିର୍ବାଚନ ତାଙ୍କ ନେତୃତ୍ୱରେ ହିଁ ଲଢ଼ାଯିବ । ନବୀନଙ୍କ ଏହି ଉକ୍ତି ଦଳୀୟ ନେତା ଓ କର୍ମୀଙ୍କୁ ଏକ ବଡ ବାର୍ତ୍ତା ଦେଇଛି ।

ଆଜି ଶଙ୍ଖଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦଳର ସମସ୍ତ ବରିଷ୍ଠ ନେତାଙ୍କୁ ଏଥିଲାଗି ନିମନ୍ତ୍ରଣ କରାଯାଇଥିଲା । କିଛି ସମୟ ପରେ ସୁଜାତା ରାଉତ ଶଙ୍ଖଭବନରେ ପହଞ୍ଚିଥିଲେ । ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶଙ୍ଖଭବନକୁ ପ୍ରବେଶ କରିଥିଲେ । ଏହାପରେ ନୀବନ ପଟ୍ଟନାୟକ ଶଙ୍ଖଭବନକୁ ଆସିଥିଲେ । ଆନୁଷ୍ଠାନିକ ଭାବେ ଯୋଗଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବିଜେଡି ସଭାପତି ଶ୍ରୀ ପଟ୍ଟନାୟକ ତାଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳରେ ସାମିଲ କରିଥିଲେ । ନବୀନ କହିଥିଲେ ଯେ ଶ୍ରୀମତୀ ରାଉତ ଜଣେ ସାଧାରଣ କର୍ମୀ ଭାବେ ଦଳରେ ଯୋଗ ଦେଇଛନ୍ତି । ତାଙ୍କର ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ଦଳର ସଂଗଠନକୁ ମଜଭୁତ କରିବାରେ ସାହାଯ୍ୟ କରିବ । ଆଇଏଏସ୍ ଭାବେ କାର୍ଯ୍ୟରତ ଥିବାବେଳେ ସେ ବିଭିନ୍ନ ପଦପଦବୀରେ ରହି ରାଜ୍ୟ ପାଇଁ ଭଲ କାର୍ଯ୍ୟ କରିଛନ୍ତି । ତାଙ୍କୁ ବିଜେଡିରେ ସ୍ୱାଗତ କରୁଛି । ତାଙ୍କ ଚାକିରି କାଳରେ ଶେଷ ପଦବୀ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଆମ ରାଜ୍ୟର ଅନେକ ମହିଳାଙ୍କ ସ୍ୱାର୍ଥ ସହ ଜଡ଼ିତ ପ୍ରସଙ୍ଗ ପ୍ରତି ସେ ଯତ୍ନବାନ ଥିଲେ । ମୁଁ ନିଶ୍ଚିତ ଯେ ସମୟକ୍ରମେ ସେ ଏବେ ତାଙ୍କ ନୂଆ ଭୂମିକା ତୁଲାଇବେ । ନିଷ୍ଠା ଓ ଅଭିଜ୍ଞତାର ଉପଯୋଗ କରିବେ । ଦଳରେ ଯୋଗଦାନ ପୂର୍ବରୁ ସୁଜାତା ନବୀନଙ୍କର ପାଦ ଛୁଇଁ ପ୍ରଣାମ କରିଥିଲେ । ଏହାପରେ ସେ କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଜଣେ ପ୍ରଶାସନିକ ଅଧିକାରୀଭାବେ ୨୪ ବର୍ଷ କାର୍ଯ୍ୟ କରିଛି । ଆଗାମୀ ଦିନରେ ତାଙ୍କ ନେତୃତ୍ୱରେ ରାଜ୍ୟର ସେବା କରିବା ପାଇଁ ବିଜେଡିରେ ଯୋଗ ଦେଇଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବଦ, ଲକ୍ଷ ଲକ୍ଷ ବିଜେଡି କର୍ମୀଙ୍କ ସହଯୋଗ ନେଇ ନିଷ୍ଠା ଓ ସମର୍ପିତ ଭାବେ ଦଳ ପାଇଁ କାର୍ଯ୍ୟ କରିବି । ଏହି କାର୍ଯ୍ୟକ୍ରମରେ ଦଳର ସାଂସଦ, ବିଧାୟକ ଓ ବହୁ ବରିଷ୍ଠ ନେତୃବର୍ଗ ଉପସ୍ଥିତ ଥିଲେ । ସୁଜାତାଙ୍କ ଯୋଗଦାନ ପରେ ସୋସିଆଲ ମିଡ଼ିଆରେ ଭିଡ଼ିଓ ଓ ସ୍ୱାଗତ ଭାଇରାଲ ହେଉଛି । କେଉଁଠି ତାଙ୍କୁ ମହିଳା ସଶକ୍ତିକରଣ ଅଭିଯାନର ମୁଖ୍ୟ ବିଦ୍ଧାଣୀ ବୋଲି ଚିତ୍ରଣ କରାଯାଇଛି ।

### ଯୁବ...

କରିଥିଲେ ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିବା କୁହାଯାଉଛି । ତେବେ ତାଙ୍କୁ ତୁରନ୍ତ ସ୍ଥାନୀୟ ଲୋକଙ୍କ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏଠାରେ ସୂଚନା ଯୋଗଯ ସେକ୍ ହମିଦ ଘର ରେମୁଣାରେ ହୋଇଥିବା ବେଳେ ଅରଡବଜାରସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଆସିଥିବା ବେଳେ ଏହି ଘଟଣା ଘଟିଥିଲା । ଘଟଣାସ୍ଥଳରେ ସହଦେବଖୁଂଟା ଥାନା ପୁଲିସ ପହଁଚି ପ୍ରାଥମିକ ତଦନ୍ତ କରିଥିବା ବେଳେ ତାଙ୍କର ଶବକୁ ବ୍ୟବଛେଦ କରାଯାଇଛି । ଏବାବଦରେ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର କହିଛନ୍ତି ୨ଜଣ ଦୁର୍ବୃତ୍ତଗୋଟିଏ ବାଇକରେ ଆସି ଏହି କାଣ୍ଡ ଭିଆଇଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଏବାବଦରେ ସହଦେବଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ଏଠାରେ ସୂଚନା ଯୋଗଯ ସମଗ୍ର ସହର ଏବଂ ତାର ଆଖପାଖ ଅଂଚଳରେ କ୍ରମାଗତ ଭାବରେ ଅପରାଧ ବଢିଚାଲିଥିବାରୁ ପୁଲିସ ଅପରାଧିଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି ।

### 'ସାଇକେଲରେ...

ଦୃଶ୍ୟ ଦେଖିବାକୁ ମିଳିଛି ପଦ୍ମପୁର ଉପଖଣ୍ଡ ପାଇକମାଲ ସହରର କଣ୍ଟାପଡ଼ା ଅଞ୍ଚଳରେ ।

ମିଳିଥିବା ସୂଚନା ଅନୁସାରେ, କଣ୍ଟାପଡ଼ାର ବାସିନ୍ଦା ୮୦ ବର୍ଷୀୟା ଜୟନ୍ତୀ ବଛା ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ । ଗୁରୁବାର ସକାଳ ପ୍ରାୟ ୮ଟା ସମୟରେ ତାଙ୍କର ଅସୁସ୍ଥତା କାରଣରୁ ଦେହାନ୍ତ ହୋଇଥିଲା । ବୃଦ୍ଧାଙ୍କ ମୃତ୍ୟୁ ଖବର ପରିବାର, ସାହି ପଡ଼ିଶା ଓ ପରିଚିତ ଲୋକଙ୍କ ମଧ୍ୟରେ ପହଞ୍ଚିଥିଲା । ହେଲେ ଶବ ସତ୍କାର ପାଇଁ କେହି ଆଗକୁ ନ ଆସିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଘରେ ବୃଦ୍ଧାଙ୍କ ମର ଶରୀର ପଡ଼ି ରହିଥିବା ବେଳେ ପରିବାର ଲୋକେ ଦୀର୍ଘ ସମୟ ଧରି ସହାୟତା ଅପେକ୍ଷା କରିଥିଲେ । ହେଲେ କୌଣସି ସହଯୋଗ ନ ମିଳିବାରୁ ଶେଷରେ ଅତ୍ୟନ୍ତ ଦୁଃଖଦ ପରିସ୍ଥିତିରେ ମୃତ ଜୟନ୍ତୀଙ୍କ ବିଧବା ବୋହୂ, ଦିବ୍ୟାଙ୍ଗ ଝିଅ ଓ ନାବାଳକ ନାତି ମିଶି ନିଜେ ଶବକୁ ସାଇକେଲରେ ନେଇ ଶ୍ମଶାନକୁ ଯାଇଥିଲେ । ସେଠାରେ ଶବକୁ ପୋତି ଶେଷ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଘଟଣାର ଚିତ୍ର ସାମ୍ନାକୁ ଆସିବା ପରେ ସମଗ୍ର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି । ଜଣେ ବୃଦ୍ଧା ମହିଳାଙ୍କୁ ଶେଷ ଯାତ୍ରାରେ ମଧ୍ୟ ଏଭଳି ଅବହେଳା କରାଯିବା ଘଟଣାକୁ ନେଇ ସାଧାରଣ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି । ଘଟଣାର ପଛର କାରଣ ଖୋଜାଯିବା ପରେ ଜଣାପଡ଼ିଛି ଯେ, ଜୟନ୍ତୀ ବଛାଙ୍କ ପରିବାର ଅନେକ ସମସ୍ୟା ମଧ୍ୟରେ ଜୀବନ ଯାପନ କରୁଥିଲେ । ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ ଥିଲେ । ଗୋଟିଏ ପୁଅଙ୍କର ପୂର୍ବରୁ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ପୁଅ ନିଜ ପରିବାର ପୋଷଣ ପାଇଁ ଅନ୍ୟ ଗାଁରେ ରହୁଥିବା ଜଣାପଡ଼ିଛି ।

ଅଭିଯୋଗ ହେଉଛି ଯେ, ଜୟନ୍ତୀ ବଛାଙ୍କ ପୁଅ ଅନ୍ୟ ଜାତିରେ ବିବାହ କରିଥିବା କାରଣରୁ କେତେକ ସମ୍ପର୍କୀୟ ଓ ସାହି ପଡ଼ିଶା ଲୋକେ ଏହି ପରିବାର ସହ ସମ୍ପର୍କ ରଖିନଥିଲେ । ଏହି କାରଣରୁ ଶବ ସତ୍କାର ସମୟରେ ମଧ୍ୟ କେହି ସାମିଲ ହୋଇନଥିବା ଅଭିଯୋଗ ହୋଇଛି । ତେବେ ଏହି ଘଟଣା କେବଳ ଏକ ପରିବାରର ଦୁଃଖଦ କାହାଣୀ ନୁହେଁ, ବରଂ ସମାଜରେ ରହିଥିବା ଜାତିଭେଦ, ଛୁଆଁ ଛୁତ ମାନସିକତା ଓ ସାମାଜିକ ଅସମାନତା ଉପରେ ଏକ ବଡ଼ ପ୍ରଶ୍ନବାଚୀ । ଯେଉଁ ସମୟରେ ମଣିଷ ଚନ୍ଦ୍ର ଓ ମଙ୍ଗଳ ଯାତ୍ରା କରୁଛି, ସେହି ସମୟରେ ଜଣେ ମୃତ ବୃଦ୍ଧାଙ୍କୁ ସମ୍ମାନର ସହ ଶେଷ ବିଦାୟ ନ ମିଳିବା ଘଟଣା ଅତ୍ୟନ୍ତ ଚିନ୍ତାଜନକ । ସଚେତନ ମହଲରେ ଦାବି ହୋଇଛି ଯେ, ଏଭଳି ଘଟଣାର ଗଭୀର ତଦନ୍ତ ହେବା ସହ ସମାଜରୁ ଜାତିଭେଦ ଓ ଅନ୍ଧବିଶ୍ୱାସ ଦୂର କରିବା ପାଇଁ ସଚେତନତା ଆବଶ୍ୟକ । ଜୟନ୍ତୀ ବଛାଙ୍କ ଶେଷ ଯାତ୍ରାର ଏହି ଦୃଶ୍ୟ ସମାଜ ପାଇଁ ଏକ ନିରବ ପ୍ରଶ୍ନ ଛାଡ଼ି ଯାଇଛି । ଆଲୋଚନା ହେଉଛି ସତରେ ମଣିଷର ମୂଲ୍ୟ କଣ ଜାତି ଆଧାରରେ ନିର୍ଣ୍ଣୟ ହେବ ।

# ଏଲଇଡି ଷ୍ଟ୍ରିଟ୍‌ଲାଇଟ୍ ଲଗାଇବାରେ ୩ କୋଟି ହଡ଼ପ, ୩ ଠିକାଦାର ଗିରଫ

ଭୁବନେଶ୍ୱର, (ସବ୍ୟୁ) :ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ୍ ଲଗାଇବାରେ ୩କୋଟି ଟଙ୍କା ହଡପ କରିଥିବା ୩ଜଣଙ୍କୁ ଗିରଫ କରିଛି ଭିଜିଲାନ୍ସ । ଗିରଫ ତିନିଜଣ ହେଲେ ମୟୂରଭଞ୍ଜ ଜିଲ୍ଲା ବାରିପଦାର ମେସର୍ସ ଟ୍ରାନ୍ସପାୱାରର ମାଲିକ ଗିରିଜା ଶଙ୍କର ଦାସ, ଯାଜପୁରଟାଉନର ମେସର୍ସ ବିରଜା ଇଲେକଟ୍ରିକାଲ୍ସ ଆଣ୍ଡ କନ୍‌ଷ୍ଟ୍ରକ୍‌ସନର ମାଲିକ ଧରଣୀଧର ସାହୁ ଓ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ମେସର୍ସ ଯୋଗମାୟା ଟେ୍ରଡର୍ସର ମାଲିକ ବିଭୂତି ରଞ୍ଜନ ବିଶ୍ୱାଳ । ଗୁରୁବାର ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଭିଜିଲାନ୍ସ କହିଛି । ବୁଧବାର ଭିଜିଲାନ୍ସ ପକ୍ଷରୁ ୨୪ଟି ଟିମ୍ ଏକକାଳୀନ କେନ୍ଦୁଝର, ନୟାଗଡ ଓ ଯାଜପୁର ଜିଲ୍ଲାର ୫୦ ସ୍ଥାନରେ ଚଢାଉ କରିଥିଲା ।

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁମୋଦନରେ ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ୍ ସ୍ଥାପନରେ ବ୍ୟାପକ ଅନିୟମିତତା ଓ ସରକାରୀ ପାଣ୍ଠିର ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ବଡଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ତିନିଜଣ ଠିକାଦାରଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ଆଇନ ଓ ବିଭିନ୍ନ ସଙ୍ଗୀନ ଦଫାରେ ତିନିଟି ପୃଥକ୍ ମାମଲା ରୁଜୁ କରାଯାଇଛି । ଗିରଫ ତିନି ଠିକାଦାର ତିନୋଟି ଜିଲ୍ଲାରେ ଠିକାକାମ ନେଇ ସରକାରୀ ଅର୍ଥ ହରିଲୁଟ୍ କରିବାରେ ମୁଖ୍ୟ ଅଭିଯୁକ୍ତ ସାଜିଥିବା ଜଣାପଡ଼ିଛି । ଭିଜିଲାନ୍ସ ସୂଚନା ଅନୁସାରେ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନ ପାଣ୍ଠିରୁ ୨୦୨୧ରୁ ୨୦୨୩ ମସିହା ମଧ୍ୟରେ କେନ୍ଦୁଝର, ଯାଜପୁର ଓ ନୟାଗଡ ଜିଲ୍ଲାରୁ ପ୍ରାୟ ହଜାରଟି କ୍ଲଷ୍ଟରରେ ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ୍ ଲଗାଇବା ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଥିଲା । ପ୍ରତ୍ୟେକ କ୍ଲଷ୍ଟରରେ ୧୦ଟି ଲେଖାଏଁ ଲାଇଟ୍ ଲଗାଇବାର ନିୟମ ଥିଲା । ମାତ୍ର ଏହି କାର୍ଯ୍ୟ କରିବାରେ ବ୍ୟାପକ ହେରଫେର କରାଯାଇ ପ୍ରାୟ ୩କୋଟି ଟଙ୍କା ହଡପ କରାଯିବାର ପ୍ରମାଣ ଭିଜିଲାନ୍ସକୁ ମିଳିଛି ।

ପ୍ରତ୍ୟେକ କ୍ଲଷ୍ଟରରେ ହୋଇଥିବା କାମର ଯାଞ୍ଚ ଓ ହରିଲୁଟ୍‌ର ସଠିକ୍ ପ୍ରମାଣ ସଂଗ୍ରହ ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ବୟସକୁ ଅନୁଧ୍ୟାନ କରାଯାଉଛି । ଏହା ସହିତ ଟଙ୍କା ମଞ୍ଜୁରି ପ୍ରକ୍ରିୟା ଓ ଏଥିରେ କେଉଁ ସରକାରୀ ବାବୁ ବା କର୍ମଚାରୀଙ୍କ ସମ୍ପୃକ୍ତ ରହିଛି ତାହା ଖୋଜି ବାହାର କରିବା ପାଇଁ ସମ୍ପୃକ୍ତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଫାଇଲ ଗୁଡିକୁ ଜବତ କରାଯାଇଛି । ଏହି ମାମଲାରେ ତଦନ୍ତ ଜାରି ରହିଛି, ଆହୁରି ଅଧିକ ଅଭିଯୁକ୍ତ ଗିରଫ ହୋଇପାରନ୍ତି ବୋଲି ଭିଜିଲାନ୍ସ କହିଛି । ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନରେ ପ୍ରତି ପଞ୍ଚାୟତର ଗୋଟିଏ ଲେଖାଏଁ ଗାଁରେ "ଟର୍ଣ୍ଣ କି' ଭିତ୍ତିରେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ସହ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ପ୍ରକଳ୍ପ ଆରମ୍ଭ କରାଯାଇଥିଲା । ତେବେ ଏହି ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପ କାର୍ଯ୍ୟକାରୀ ପ୍ରକ୍ରିୟା ଓ ଟେଣ୍ଡର ନିୟମାବଳୀ ବ୍ୟାପକ ଉଲ୍ଲଙ୍ଘନ କରାଯାଇଥିବା ନେଇ ଅଭିଯୋଗ ହେବା ପରେ ଭିଜିଲାନ୍ସ ପକ୍ଷରୁ ବୁଧବାର ତିନୋଟି ଜିଲ୍ଲାରେ ବଡଧରଣର ଚଢାଉ କରାଯାଇଥିଲା । ଗିରଫ ୩ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଓଡ଼ିଶା ସୂଚନା ସେବାର ୩ ବରିଷ୍ଠ ଅଧିକାରୀଙ୍କୁ ପଦୋନ୍ନତି

ଭୁବନେଶ୍ୱର (ସବ୍ୟୁ) : ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ପଦୋନ୍ନତି ପ୍ରକ୍ରିୟାରେ ଓଡ଼ିଶା ସୂଚନା ସେବାକ୍ୟାଡରର ୩ ଜଣ ବରିଷ୍ଠ ଉପ-ନିର୍ଦ୍ଦେଶକଙ୍କୁ ଯୁଗ୍ମ-ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ମିଳିଛି । ମାନ୍ୟବର ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି । ଜୟଦେବ ଭବନସ୍ଥିତ ରାଜ୍ୟ ସୂଚନା କେନ୍ଦ୍ରର ଉପ-ନିର୍ଦ୍ଦେଶିକା ପଦବୀରେ ଥିବା ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ରଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ଭାବେ ପଦନ୍ନୋତି ଦିଆଯାଇଛି ଏବଂ ସେ ଜୟଦେବ ଭବନ ରାଜ୍ୟ ସୂଚନା କେନ୍ଦ୍ରର ଉପ-ନିର୍ଦ୍ଦେଶିକା ଦାୟିତ୍ୱ ମଧ୍ୟ ଅତିରିକ୍ତ ଭାବେ ତୁଲାଇବେ । ସେହିପରି ବିଭାଗର ସମ୍ବଲପୁରସ୍ଥିତ ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ (ଉତ୍ତରାଞ୍ଚଳ ଡିଭିଜନ)ର ଉପ-ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ ଶ୍ରୀମତୀ କଲ୍ୟାଣୀ ଦାଶଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ପଦବୀକୁ ପଦୋନ୍ନତି ଦିଆଯାଇଛି । ସେ ମଧ୍ୟ ଉତ୍ତରାଞ୍ଚଳ ଉପ ନିର୍ଦ୍ଦେଶିକା ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ । ରାଜ୍ୟ ମୁଖ୍ୟ ଦପ୍ତରର ଉପ-ନିର୍ଦ୍ଦେଶକ (କ୍ଷେତ୍ର-୧) ଭାବେ କାର୍ଯ୍ୟରତ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ( କ୍ଷେତ୍ର) ଭାବେ ପଦନ୍ନୋତି ପ୍ରଦାନ କରାଯାଇଛି ।

ଓଡ଼ିଶା ସୂଚନା ସେବା ସଂଘର ସଦସ୍ୟ ସଦସ୍ୟାମାନେ ପଦନ୍ନୋତି ପାଇଥିବା ସମସ୍ତ ତିନିଜଣ ଯୁଗ୍ମ-ନିର୍ଦ୍ଦେଶିକାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ଏହା ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ, ଉପ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ସହକର୍ମୀମାନେ ନୂତନ ଯୁଗ୍ମ-ନିର୍ଦ୍ଦେଶିକାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ସଫଳତା କାମନା କରିଛନ୍ତି । ସେମାନଙ୍କର ଏହି ପଦୋନ୍ନତି ବିଭାଗର କାର୍ଯ୍ୟଧାରାକୁ ଆହୁରି ସୁଦୃଢ଼ ଓ ଗତିଶୀଳ କରିବ ବୋଲି ସଂଘ ଆଶା ପ୍ରକାଶ କରିଛି ।


**AFFIDAVIT**

By virtue of an Affidavit sworn before the Executive Magistrate, Tangi on Dtd.24.06.2026. I Tofan Behera S/O Kunja Behera, Village - Arjunapur Po - Patiamal PS- Chandpur, Dist - Nayagarh, Pin -752023 . Passport No. R4810174, declare that Tophan Behera and Tofan Behera both names are related to one man and same person . I shall be known as Tofan Behera for all future purposes

**ସର୍ବସାଧାରଣ ସୂଚନା**

ମୌଜା-ଡାବରକୋଣା, ତହସିଲ-ପଦ୍ମପୁର, ଜିଲ୍ଲା-ରାୟଗଡା ଅନ୍ତର୍ଗତ ଖାତା ନଂ-୨୫/୫୦, ପ୍ଲଟ ନଂ-୬୧/୧୬୦, ରକବା-୦.୧୧ ଡିସିମିଲ ଜମିର ମୂଳବିକ୍ରୟ ଦିଲଲ ନଂ-୫୦୩/୧୯୮୭ ଓ ସମ୍ପର୍କିତ ଆର୍.ଓ.ଆର୍. ତାରିଖ ୧୧.୦୫.୨୦୨୬ରେ ଡାବରକୋଣାରୁ ଗୁଣୁପୁର ଯିବା ସମୟରେ ହଜିଯାଇଛି । ବହୁ ଖୋଜାଖୋଜି ସତ୍ତ୍ୱେ ଦଲିଲଗୁଡ଼ିକ ମିଳିନାହିଁ ଏବଂ ଏ ସମ୍ପର୍କରେ ସମ୍ପୃକ୍ତ ଥାନାରେ ଅବଗତ କରାଯାଇଛି । ଉକ୍ତ ଦଲିଲ କିମ୍ବା ସମ୍ପତ୍ତି ଉପରେ କାହାର କୌଣସି ଦାବି, ଆପତ୍ତି, ବନ୍ଧକ କିମ୍ବା ସ୍ୱାର୍ଥ ଥାଇଥିଲେ, ଏହି ପ୍ରକାଶନ ତାରିଖରୁ ୧୫ ଦିନ ମଧ୍ୟରେ ଲିଖିତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କୁ ଜଣାଇବେ । ଅନ୍ୟଥା କୌଣସି ଦାବି ନଥିବା ବିବେଚନା କରାଯିବ ।

ନିମ୍ନ ସ୍ୱାକ୍ଷରକାରୀ :
ଶ୍ରୀ ପିଣ୍ଟୁ ସାହୁ, ପିତା- ଶ୍ରୀ ଭାସ୍କର ସାହୁ
ଗ୍ରାମ-ଡାବରକୋଣା, ପୋ-ନୂଆଗଡ଼,
ଜିଲ୍ଲା-ରାୟଗଡା,
ମୋ : ୯୪୩୭୪୦୫୫୦୦

**AFFIDAVIT**

By virtue of an Affidavit sworn Before the Notary Public, Balasore, I Omkarnath Mohapatra, S/o.: Lokanath Mohapatra, Resident of At: Balia, Artung, Dist: Balasore, Odisha, declare by this **Affidavit No.: 2056, Dated: 12.06.2026** that now onwards I have changed my fathers name from Lakanath Mohapatra to Lokanath Mohapatra. Henceforth, He will be known as **Lokanath Mohapatra** for all purposes. Lakanath Mohapatra & Lokanath Mohapatra is one and same person.

**AFFIDAVIT**

I, **Sayeda Ummul Hasanat**, wife of Shaikh Abuzar of Baunsgali, Po-Buxi Bazar, P/s-Dargha Bazar, Dist-Cuttack, Odisha declare by this Affidavit No.14181. Dtd-18/06/26 that now onwards I shall be known as **Sayeda Ummul Hasnat** for all future purpose.

**AFFIDAVIT**

By virtue of an Affidavit swor before the Executive Magistrate / Notary public, Muribahal. I, Hasina Deep, Aged (25), W/o-Akash Deep, Resident of At- A.N Guhalane,Sambalpur, Po/Ps/Dist- Sambalpur, Odisha. Declare by this affidavit No. 54, Dated. 25.05.2026, I have changed my name from **Hasina Mahananda** to **Hasina Deep.** Hanceforth, I shall be known as **Hasina Deep** for all purpose.

Sd/- Hasina Deep

**ZILLA SWASTHYA SAMITI, GANJAM**

**Advt. No :8344/2026 Date : 24.06.2026**

**TENDER FOR HIRING OF VEHICLES FOR**

10001/310/2627 **OFFICE OF THE CDM & PHO. GANJAM**

Sealed tenders are invited from reputed (Tour operators/Travel Agency/Society/Firm) for hiring of vehicles (both passenger/luggage carrier) to be engaged in DPMU, NHM Ganjam & O/o the CDM&PHO, Ganjam on a monthly/daily basis. Interested parties can log on to district web site https://ganiam.odisha.gov.in for details of term & condition and to sent their tender proposal to the CDM & PHO, Ganjam, Near City Hospital, Berhampur Pin No- 760001 through speed post/Regd post only on or before 14.07.2026 by 5.00 PM which will be opened on 15.07.2026 at 11.30 A.M in the presence of the bidders / authorized representatives at the office of undersigned. The undersigned reserves the right to cancel / reject any or all the tender without assigning any reasons thereof.

Sd/-
OIPR : 10001/10041/1/26-27/0004 CDMO-cum-DMD, Ganjam

8001/173/2627

**OFFICE OF THE DIVISIONAL FOREST OFFICER: REDHAKHOL FOREST DIVISION**

Telephone No:- 06644-299949,
Email ID:- dfo.redhakhol@odisha.gov.in
Notice No- F & E/RKL/ 012 (OFFLINE)/2026-27, Dated- 29.05.2026

**2nd Corrigendum Notice**

In partial modification of the Tender Call Inviting Notice No. F & E/RK.L/ 012 (OFFLINE)/2026-27, dated 29.05.2026 for "For Procurement of Enterprises Drone System" in Redhakhol Forest Division" during the year 2026-27, issued by the Divisional Forest Officer, Redhakhol, the last dates of the tender are hereby extended in the interest of wider participation. The tender document along with detailed terms and conditions shall be available for download from **www.redhakholforest.com, https://sambalpur.odisha.gov.in or www.odishaforest.in** from 06:00 PM (18:00 Hours) on 24.06.2026 to 05:00 PM (17:00 Hours) on 01.07.2026.

All prospective bidders are advised to submit their bids in accordance with the extended schedule of dates given below :

| | Existing Date | Revised Date |
|---|---|---|
| Bid Availability Date | 17.06.2026(02:00 PM) to 25.06.2026(5:00 PM) | 24.06.2026(06:00 PM) to 01.07.2026 (5:00 PM) |
| Last Date for Submission of Bids | 25.06.2026(5:00 PM) | 01.07.2026 (5:00 PM) |
| Date of Opening of Tenders | 29.06.2026(11:30 AM) | 02.07.2026(11:30 AM) |

Sd/- Divisional Forest Officer,
Redhakhol Forest Division.
OIPR : 8001/8146/1/26-27/0028

25001/518/2627 e-mail : eerw_sunabeda@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNABEDA**
**e-Procurement Notice for Road Works**
**Identificaiton No. Online Tender/03/RWD-SBD/2026-27**

Letter No. 2125 Date : 22.6.26

01. Name of the work : Road works Semiliguda, Nandapur, Lamtaput, Laxmipur Block
02. Total Number of works : 11 nos works
03. Estimated Cost : 12.00 to 47.00 Lakhs
04. Class of Contractor : "B", "C" & "D" Class
05. Period of Completion : 02 Months.
06. Other Details :

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Sunabeda | Online Tender/ 03/RWD-SBD/ 2026/27 | 29.06.2026 at 11.00 a.m. | 13.07.2026 upto 05.00 p.m. |

Further details can be seen from the website **www.tendersorissa.gov.in**

Sd/- Superintending Engineer
Rural Works Division :
Sunabeda
OIPR : 25001/25121/1/26-27/0002

**ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**(ରାସ୍ତା ଓ ଗୃହ) ବିଭାଗ ନଂ ୧, ଭୁବନେଶ୍ୱର**
**OFFICE OF THE SUPERINTENDING ENGINEER**
**BHUBANESWAR (R & B) DIVISION NO. I, BHUBANESWAR**
34001/392/2627 Email: - eebbsr1@yahoo.co.in

**INVITATION FOR BIDS (IFB)**

No-4758 Date- 22.06.2026

Bid Identification No- C.C. (R&B) - 01 e - Procurement Notice No. 08 of 2026-27

| | | |
|---|---|---|
| 1 | Name of the Work | E.I Work |
| 2 | Total No of Work | 1 No Work |
| 3 | Estimated Cost | i) Rs.1931139.00 (Excluding GST) |
| 4 | Class of Contractor | Manufacturer/Authorised Dealer having MOU with MV /HT Electrical Contractor or MV/HT Electrical Contractor having Authorisation (MAKE-OTIS/Schindler/Johnson/TKE) |
| 5 | Period of Completion | 4 (Four) Calender Months |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From 17.00 Hours of 30.06.2026 to 17.00 Hours of 09.07.2026 |
| 8 | Last Date & Time for Receipt of bids in the portal | 09.07.2026 up to 17.00 hrs |
| 9 | Name & Address of the Officer inviting Bid | Superintending Engineer, Bhubaneswar (R&B) Division No.I, Bhubaneswar |

Further details can be seen from the e-procurment portal https://tendersorissa.gov.in
N.B: Subsequent Corrigendum/addendum if required shall be available in the website as indicated above.

Sd/- Er. Prabhudatta Pradhan
Superintending Engineer
OIPR : 34001/34076/1/26-27/0002 Bhubaneswar (R&B) Division No.I, BBSR

7001/47/2627

**OFFICE OF THE DISTRICT MANAGER**
**Odisha State Civil Supplies Corporation Ltd., (OSCSC)**
**ANUGOLA District**
**Phone No- 06764-230282**
**District Website:- https://angul.odisha.gov.in**
**Tender No 1449 to 1461 Dt. 23.06.2026**

District Manager, Odisha State Civil Supplies Corporation Ltd, Anugola invites tender through **ONLINE MODE ONLY** for the works mentioned below.

| | | |
|---|---|---|
| 1 | Name of the Work | Selection and appointment of of Transport Contractor for transportation of (i) Paddy from Paddy Purchase Centers (PPCs) / Mandis to Rice Mill points (within or outside Anugola district) & (ii) Custom Milled Rice (CMR) from Rice Mill points to Rice Receiving Centers (RRCs)/ Depots (within or outside of Anugola District for the KMS: 2025-26 |
| 2 | Availability of Bid documents in the portal | Dt 25.06.2026 |
| 3 | Last date / Time for receipt of Bids in the portal | Dt. 06.07.2026 upto 5.30 PM |
| 4 | Date / Time of opening of Technical Bid | Dt.- 07.07.2026,3.30 PM |

Tender Documents & other details can be seen from the e- procurement portal https://tendersodisha.gov.in along with the district website https://angul.odisha.gov.in. Amendment / Corrigendum / cancellation / retenders etc. if any shall be published only in above websites.

Sd/- District Manager
OIPR : 7001/7064/1/26-27/0001 O.S.C.S.C. Ltd., Anugola

7001/46/2627

**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD.**
**KHORDHA**
**District Website: www.khordha.odisha.gov.in**
**Tender No. 2647 to 2650/ Dt.23.06.2026**

District Manager, Odisha State Civil Supplies Corporation Ltd., Khordha (District) invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of Transport Contractor for transportation of CMR from Mill to Depot of the Khordha district for the KMS 2025-26 |
| 2 | Availability of bid document in the portal | From 25.06.2026 |
| 3 | Last Date / Time for receipt of bids in the portal | Dt 15.07.2026 up to 5.30 PM. |
| 4 | Date/Time of Opening of Technical Bid | Dt 17.07.2026 at 12.00 Noon |
| 5 | Name and address of the Officer Inviting Tender | CSO-cum-District Manager, O.S.C.S.C Ltd., Khordha (District) |

Tender Documents & other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in** along with district website. Amendments /corrigendum/cancellation/ retenders etc., if anyshall be published only in above websites.

Sd/- CSO-cum-District Manager
OIPR : 7001/7050/1/26-27/0002 O.S.C.S.C Ltd., Khordha



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## 'ସମୟ' କ୍ଷୁଦ୍ର ଚଳଚ୍ଚିତ୍ର ଉନ୍ମୋଚିତ

# ସଡ଼କ ସୁରକ୍ଷା ସଚେତନତାର ବାର୍ତ୍ତା ଦେଲା ଏମ୍‌ଜିଏମ୍ ଟ୍ରଷ୍ଟ

ଭୁବନେଶ୍ୱର, (ସବ୍ୟୁ) : ମାଷ୍ଟର ଗିରିଜା ମେମୋରିଆଲ (ଏମଜିଏମ) ରୋଡ ସେଫ୍ଟି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ନିର୍ମିତ ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର 'ସମୟର ଉନ୍ମୋଚନ ସ୍ଥାନୀୟ ରୋଟାରୀ ଭବନଠାରେ ସମ୍ପନ୍ନ ହୋଇଯାଇଛି । ସମାଜରେ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି କରିବା ଏବଂ ଜୀବନର ମୂଲ୍ୟବୋଧକୁ ଉପଲବ୍ଧି କରାଇବା ଉଦ୍ଦେଶ୍ୟରେ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି । ଟ୍ରଷ୍ଟି ସାଗର ଦାଶ ସଭାର ଶୁଭାରମ୍ଭ କରି ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ 'ସମୟ କେବଳ ଏକ ଚଳଚ୍ଚିତ୍ର ନୁହେଁ, ବରଂ ସଡ଼କ ସୁରକ୍ଷା ପ୍ରତି ସମାଜକୁ ସଚେତନ କରିବା ଦିଗରେ ଏକ ସାମାଜିକ ବାର୍ତ୍ତା ବୋଲି କହିଥିଲେ । ଲୋକପ୍ରିୟ ନିର୍ଦ୍ଦେଶକ ଆର୍ଯ୍ୟନ ରାୟଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି କ୍ଷୁଦ୍ର ଚଳଚ୍ଚିତ୍ର ଦୁର୍ଘଟଣା ରୋକିବା ନିମନ୍ତେ ଯୁବ ସମାଜକୁ ପ୍ରେରଣା ଯୋଗାଇବ ବୋଲି ଉପସ୍ଥିତ ଦର୍ଶକ ମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଏମଜିଏମ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଅମୀୟବାଳା ପରିଡ଼ା, ଟ୍ରଷ୍ଟର ଚେୟାରମ୍ୟାନ ଗୌରକିଶୋର ପରିଡ଼ା, ବରିଷ୍ଠ ସାମ୍ବାଦିକ ରାମଜୀବନ ଗୋଛାୟତ, ସମାଜସେବୀ ଶୁଭଶ୍ରୀ ଦାସ, ରୋଟାରିଆନ ସବିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ମ୍ୟାନେଜିଂ ଟ୍ରଷ୍ଟିତଥା ଚଳଚ୍ଚିତ୍ରର ପ୍ରଯୋଜିକା ଶ୍ରୀମତୀ ଅମୀୟବାଳା ପରିଡ଼ା କହିଥିଲେ ଯେ ସ୍ୱର୍ଗତ ମାଷ୍ଟର ଗିରିଜାଙ୍କ ସ୍ମୃତିରେ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି । ଏହା ମାଧ୍ୟମରେ ସଡ଼କ ଦୁର୍ଘଟଣା ସମ୍ପର୍କରେ ଏକ ସଶକ୍ତ ସାମାଜିକ ବାର୍ତ୍ତା ପ୍ରଦାନ କରିବାର ପ୍ରୟାସ କରାଯାଇଛି । ଶେଷରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା 'ସମୟ କ୍ଷୁଦ୍ର ଚଳଚ୍ଚିତ୍ରର ଔପଚାରିକ ଉନ୍ମୋଚନ କରାଯାଇଥିଲା ।



ଏହି ଚଳଚ୍ଚିତ୍ର ଦର୍ଶକଙ୍କ ମନରେ ସଡ଼କ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ସହିତ ଜୀବନର ମହତ୍ତ୍ୱକୁ ଅନୁଭବ କରାଇବ ବୋଲି ଆଶା ପ୍ରକାଶ ପାଇଥିଲା । ଚଳଚ୍ଚିତ୍ରର ନିର୍ମାଣ ଓ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସତ୍ୟଜିତ୍, ସମ୍ବିତ୍, ରାଜ୍, ଓମ୍ ଓ ଶୁଭମ୍ ପ୍ରମୁଖ ଭୂମିକା ନିଭାଇଥିଲେ । ସେମାନଙ୍କର ସହଯୋଗ ଓ ନିଷ୍ଠା ପାଇଁ ଉପସ୍ଥିତ ଅତିଥିମାନେ ପ୍ରଶଂସା କରିଥିଲେ ।

## ନୂଆବଜାର ବେଆଇନ ଫୁଡ୍ ମାର୍କେଟକୁ ବିରୋଧ

କଟକ, (ସ୍ୱପ୍ର) : ସିଏମସିର ୫୪ ନମ୍ବର ଓ୍ୱାର୍ଡର ନୂଆବଜାର ହନୁମାନ ମନ୍ଦିର ପ୍ରାଙ୍ଗଣକୁ ଲାଗି ଏକ ଫୁଡ୍ ମାର୍କେଟ ବେଆଇନଭାବେ ନିର୍ମାଣ ହୋଇଥିବା ନେଇ ନିଗମ କମିସନରଙ୍କ ନିକଟରେ ଅଭିଯୋଗ ହୋଇଛି । ଓଏମପିରୁ ପାରାଦୀପ ଓ ଜଗତସିଂହପୁରକୁ ଯାଇଥିବା ଜାତୀୟ ରାଜପଥକୁ ଲାଗି ରହିଛି ଏହି ମାର୍କେଟ । ଉକ୍ତ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡି ଯାତାୟାତ କରିଥାନ୍ତି । ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟବସାୟ ପ୍ରତିଷ୍ଠାନ ଓ ଘର ଥିବା ବେଳେ ପ୍ରତିଦିନ ଦୁର୍ଘଟଣା ଘଟୁଛି । ରାସ୍ତାଟି ପ୍ରଶସ୍ତ ନଥିବାରୁ ଏହାର ବିକଳ୍ପ ଭାବେ ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱର୍ ରାସ୍ତାକୁ ଚଉଡା କରାଯାଉଛି । ହେଲେ ଏହି ରାସ୍ତା ପାର୍ଶ୍ୱରେ ସରକାରୀ




ଜମିରେ ସୂଚନା ଫଳକ ନଲଗାଇ ବେଆଇନ ଭାବେ ଲକ୍ଷାଧିକ ଟଙ୍କାରେ ଫୁଡ୍ ମାର୍କେଟ ତିଆରି ହୋଇଛି । ଏପରିକି ରାସ୍ତା କଡରେ ପାଚେରି ଉଠାଇ ପେଭର ବ୍ଲକ୍ ପକାଇ ରାସ୍ତାକୁ ଅଧିକ ସଙ୍କୁଚିତ କରାଯାଇଛି । ଅନ୍ୟପଟେ କିଛି ମୁଷ୍ଟିମେୟ ଲୋକ ଏହି ଫୁଡ୍ ମାର୍କେଟକୁ ନିଜ କବଜାରେ ରଖି ଟଙ୍କା ଆଦାୟ କରୁଥିବା ସ୍ଥାନୀୟ ବାସିନ୍ଦା ଗଣେଶ କୁମାର ସାହୁ କମିସନରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଜାତୀୟ ରାଜପଥକୁ ଲାଗି ନିର୍ମାଣ ହୋଇଥିବା ଏହି ମାର୍କେଟ ପାଇଁ ଏଠାରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବା ଶ୍ରୀ ସାହୁ ଅଭିଯୋଗ କରିବା ସହ ବେଆଇନ ଭାବେ ନିର୍ମାଣ ହୋଇଥିବା ଫୁଡ୍ ମାର୍କେଟକୁ ତୁରନ୍ତ ଉଚ୍ଛେଦ କରିବାକୁ କମିସନରଙ୍କ ନିକଟରେ ଦାବି କରିଛନ୍ତି । ଏ ସଂପର୍କରେ ଶ୍ରୀ ସାହୁ କଟକ ଡିସିପିଙ୍କୁ ମଧ୍ୟ ଅବଗତ କରିଛନ୍ତି ।

## ହିଣ୍ଡାଲ୍‌କୋ ହୀରାକୁଦ ଦ୍ୱାରା ଫୁଟବଲ ଖେଳାଳି ପ୍ରତିଭା ଅନ୍ୱେଷଣ କ୍ୟାମ୍ପ

ଭୁବନେଶ୍ୱର, (ସବ୍ୟୁ) : ହିଣ୍ଡାଲକୋ ହୀରାକୁଦ ଓ ସୁଦେବା ଫୁଟବଲ କ୍ଲବ, ଦିଲ୍ଲୀ ଦ୍ୱାରା ହୀରାକୁଦ ଓ ସମ୍ବଲପୁର ଅଂଚଳର ଫୁଟବଲ ଖେଳାଳି ମାନଙ୍କୁ ସହ ପଶ୍ଚିମାଞ୍ଚଳ ଫୁଟବଲ ଖେଳାଳି ନେଇ ଏକ ଫୁଟବଲ ଖେଳାଳି ପ୍ରତିଭା ଅନ୍ୱେଷଣ କ୍ୟାମ୍ପ ସୁବାଷ ମୈଦାନରେ ଅନୁଷ୍ଠିତ ହେଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମଣିପୁରରୁ ଉତ୍ତମ ସିଂ, ସୁଦେବା ଫୁଟବଲ କ୍ଲବର ଦିଲ୍ଲୀର ବରିଷ୍ଠ ଫୁଟବଲ ପ୍ରଶିକ୍ଷକ ଉପସ୍ଥିତ ରହି ଖେଳାଳି ମାନଙ୍କର ଖେଳ ଦକ୍ଷତାକୁ ପରଖିବା ସହ ଉତ୍ତମ ଫୁଟବଲ ଖେଳ କୌଶଳର ପଦ୍ଧତି ପ୍ରଦାନ କରିଥିଲେ ! ଏଥିରେ ସମ୍ବଲପୁର କ୍ରୀଡା ସଂଘର ସମ୍ପାଦକ ସୁନୀଲ ସାହୁ, ହୀରାକୁଦ କ୍ରୀଡା ସଂଘର ସମ୍ପାଦକ ପ୍ରତାପ ତାଣ୍ଡି , ସଭାପତି ଗଣେଶ ପଲାଇ, କାର୍ଯ୍ୟକାରୀ ସଭାପତି ସଚ୍ଚିକାନ୍ତ ମିଶ୍ର ଉପସ୍ଥିତ ରହି ହିଣ୍ଡାଲକୋ ଅଞ୍ଚଳରେ ଖେଳର ଉନ୍ନତି ପାଇଁ କରୁଥିବା ପ୍ରୟାସକୁ ସାଧୁବାଦ ଜଣାଇଥିଲେ । ସୁଦେବା ଫୁଟବଲ କ୍ଲବ, ଦିଲ୍ଲୀର ଆସିଥିବା ଫୁଟବଲ ପ୍ରଶିକ୍ଷକ ଉତ୍ତମ ସିଂ ଏହି ଅବସରରେ ଉପସ୍ଥିତ ଖେଳାଳି ମାନଙ୍କୁ ଉପଦେଶ ଦେଇ ଭଲ ଖେଳାଳି ହେବାପାଇଁ ଉପଯୁକ୍ତ ପ୍ରକ୍ରିୟା ଅବଗତ କରାଇଥିଲେ । ଭଲ ଖେଳୁଥିବା ଖେଳାଳିଙ୍କୁ ଚୟନ କରି ସେମାନଙ୍କ ନାମକୁ ସୁଦେବା ଫୁଟବଲ କ୍ଲବ, ଦିଲ୍ଲୀକୁ ସୁପାରିଶ କରିଛନ୍ତି । ସେଠୀ ଯୋଗ୍ୟ ବିବେଚିତ ହେଲେ ଖେଳେଳିମାନେ ସୁଦେବା ଫୁଟବଲ କ୍ଲବ, ଦିଲ୍ଲୀରେ ରହି ଖେଳ ଅଭ୍ୟାସ କରି ଭାରତୀୟ ଦଳରେ ଭାଗନେବାର ସୁଯୋଗ ପାଇ ପାରିବେ । ଏହି ଫୁଟବଲ ଖେଳାଳି ପ୍ରତିଭା ଅନ୍ୱେଷଣ କ୍ୟାମ୍ପ ୧୭୫ ଜଣ ଖେଳାଳି ନାମ ପଞ୍ଜୀକୃତ କରିଥିଲେ । ତିନୋଟି ଶ୍ରେଣୀରେ ଯଥା ୧୩ ରୁ ୧୫ ବର୍ଷ, ୧୬ ରୁ ୧୮ ବର୍ଷ ଓ ୧୯ ରୁ ୨୧ ବର୍ଷର ଖେଳାଳିଙ୍କୁ ନେଇ ଚୟନ ପ୍ରକ୍ରିୟା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସି ଏସ୍ ଆର୍ ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର, ବିଭାଗୀୟ ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ, ସି.ଏସ. ଆର ବିଭାଗର କର୍ମକର୍ତ୍ତା ଶ୍ରୀମତୀ ଜୟଶ୍ରୀ ରାଓ, , ମିଳନ କୁମାର ସାହୁ, ହୀରାକୁଦ କ୍ରୀଡା ସଂଘର ପ୍ରହ୍ଲାଦ ତାଣ୍ଡି ଓ ସୁଦେଶ କୁମାର ନାଗ୍ ପରିଚାଳନା କରିଥିଲେ ।




## ହସ ଓ ସକାରାତ୍ମକତାର ପାଠଶାଳା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ : ଇନ୍ଦ୍ରେଶ ଉପାଧ୍ୟାୟ

କଟକ, (ସ୍ୱପ୍ର) : ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ହେଉଛି ଏପରି ଏକ ଶିକ୍ଷାନୁଷ୍ଠାନ, ଯେଉଁଠି ବିଦ୍ୟାର୍ଥୀଙ୍କୁ ତ୍ୱଚାର ଯନି ନେବାକୁ କୌଣସି କସମେଟିକ୍ସ ବ୍ୟବହାର କରିବାକୁ ପଡୁନାହିଁ । କାରଣ ସେମାନଙ୍କୁ ଖୁସି ରହିବା ଏବଂ ହସିବାର କଳା ଶିକ୍ଷା ଦିଆଯାଉଛି । ବିଶ୍ୱବିଦ୍ୟାଳୟର ସକାରାତ୍ମକ ଆଭା ସେମାନଙ୍କ ମୁହଁର ଚମକକୁ ଦ୍ୱିଗୁଣିତ କରୁଛି । ଯଦି ମୁଁ ଭବିଷ୍ୟତରେ କେବେ ବୃନ୍ଦାବନରେ କିଛି ବି ଶିକ୍ଷାନୁଷ୍ଠାନ ନିର୍ମାଣ କରେ, ତେବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟଠାରୁ ପ୍ରେରଣାପ୍ରାପ୍ତ ବୋଲି କହିବାକୁ ଆଦୌ କୁଣ୍ଠା ପ୍ରକାଶ କରିବି ନାହିଁ । ଗୁରୁବାର ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ଆସିଥିବା କଥାବାଚକ ଇନ୍ଦ୍ରେଶ ଉପାଧ୍ୟାୟ କିଛି ଏହିଭଳି କହି ବିଶ୍ୱବିଦ୍ୟାଳୟ ପ୍ରଶଂସାରେ ଶତମୁଖ ହୋଇ ଉଠିଥିଲେ । କଟକରେ ପ୍ରାୟ ଏକ ସପ୍ତାହ ଧରି କଥା କାର୍ଯ୍ୟକ୍ରମ କରୁଥିବା ଇନ୍ଦ୍ରେଶ ଉପାଧ୍ୟାୟ ଜୀ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଆସିଥିବା ଅବସରରେ ଗୋ-ପୂଜନ କରିଥିଲେ । ତାଙ୍କୁ ବିଶ୍ୱବିଦ୍ୟାଳୟ ପରିସରକୁ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ପାଛୋଟି ନେଇଥିଲେ । ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆଡମିନ୍ ଅଧିକାରୀ ସୌରଭ ବାଓ୍ୱେଜା ସମ୍ୟକ୍ ସୂଚନା ଦେବା ସହ ଇନ୍ଦ୍ରେଶ ଜୀ'ଙ୍କୁ ଦଶାବତାରମ୍ ନୃତ୍ୟ ମାଧ୍ୟମରେ ବିଶ୍ୱବିଦ୍ୟାଳୟ କଳା, ସଂସ୍କୃତିଓ ଭାରତୀୟ ଶିକ୍ଷା ବିଭାଗର ବିଦ୍ୟାର୍ଥୀମାନେ ସ୍ୱାଗତ କରିଥିଲେ । ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ବାହାରିବା ପରେ ହିଁ ଜୀବନର ପ୍ରକୃତ ପରୀକ୍ଷା ଆସିବ, ତେଣୁ ତାକୁ ସାହସର ସହ ସମ୍ମୁଖୀନ ହେବାକୁ ଇନ୍ଦ୍ରେଶ ଜୀ ଉପସ୍ଥିତ ବିଦ୍ୟାର୍ଥୀମାନଙ୍କୁ ନିଜ ଅଭିଭାଷଣ ଜରିଆରେ ଉପଦେଶ ଦେଇଥିଲେ । ଏଥିସହ ତାଙ୍କର ଚର୍ଚ୍ଚିତ ଭଜନ ଜଗନ୍ନାଥ... ଚକା ନୈନ୍ ଗାଇ ଉପସ୍ଥିତ ପ୍ରାୟ ପନ୍ଦର ଶହ ଶ୍ରୋତାଙ୍କୁ ଉତ୍ସାହିତ କରିଥିଲେ । କୁଳାଧକ୍ଷା ପ୍ରଫେସର କୁଲକର୍ଣ୍ଣୀ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ତାଙ୍କୁ ବିଶ୍ୱବିଦ୍ୟାଳୟ ପରିସର ଏବଂ ଆଇକନିକ୍ ଟାୱାର ବୁଲାଇ ଦେଖାଇଥିଲେ । କୋଣାର୍କ ମନ୍ଦିର ତୁଲ୍ୟ ଏଭଳି ଏକ ଭବ୍ୟ ନିର୍ମାଣ ଦେଖି ଇନ୍ଦ୍ରେଶ ଜୀ ଅଭିଭୂତ ହୋଇଯାଇଥିଲେ ।



## ଟାଇମ୍‌ସ ହାୟର ଏଜୁକେସନ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଂ ୨୦୨୬

# କିସ୍‌ର ପ୍ରଭାବୀ ପ୍ରଦର୍ଶନ

ଭୁବନେଶ୍ୱର, (ସବ୍ୟୁ) : ଟାଇମ୍‌ସ ହାୟର ଏଜୁକେସନ୍ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଂ ୨୦୨୬ରେ ଭାରତର ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିସ୍ ପ୍ରଭାବୀ ପ୍ରଦର୍ଶନ କରିଛି । କିସ୍ ବିଶ୍ୱବିଦ୍ୟାଳୟ ଚଳିତବର୍ଷ ପ୍ରଥମ ଥର ପାଇଁ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଂରେ ଅଂଶଗ୍ରହଣ କରି ୪୦୧ - ୬୦୦ ଗ୍ଲୋବାଲ୍ ବ୍ୟାଣ୍ଡରେ ସ୍ଥାନ ପାଇ ରାଜ୍ୟର ଗୌରବ ଆଣିଛି । ଏହା ସହ ଭାରତରେ ସାମଗ୍ରିକ ଭାବରେ ୭ମ ସ୍ଥାନ ହାସଲ କରିଛି । ପ୍ରଥମ ଥର ପାଇଁ ଏହି ପ୍ରତିଷ୍ଠିତ ଗ୍ଲୋବାଲ୍ ରାଙ୍କିଂରେ ଅଂଶଗ୍ରହଣ କରି କିସ୍ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ରେ ସ୍ୱୀକୃତି ପାଇଛି । ଏହି ତାଲିକାର ଗୁଣାତ୍ମକ ଶିକ୍ଷା ବର୍ଗରେ କିସ୍ ବିଶ୍ୱ ରାଙ୍କର ୯୦ ସ୍ଥାନରେ ରହିଥିବା ବେଳେ ଲିଙ୍ଗ ସମାନତାରେ ୬୦ ସ୍ଥାନ ହାସଲ କରିଛି । ସେହିପରି ଦାରିଦ୍ର୍ୟ ଦୂରୀକରଣରେ ୧୦୧ - ୨୦୦ ଗ୍ଲୋବାଲ୍ ବ୍ୟାଣ୍ଡରେ ସ୍ଥାନ ପାଇଥିବା ବେଳେ ଅସମାନତା ହ୍ରାସ ପାଇଁ ୪୦୧ - ୬୦୦ ବ୍ୟାଣ୍ଡରେ ମଧ୍ୟ ସ୍ଥାନ ପାଇଛି । ଜନଜାତି ଓ ଅବହେଳିତ ଛାତ୍ରଛାତ୍ରୀଙ୍କୁ ବିନାଦେୟରେ ସାମଗ୍ରିକ ଶିକ୍ଷା ପ୍ରଦାନ କରି ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ କିସ୍‌ର ଦୀର୍ଘକାଳୀନ ପ୍ରତିବଦ୍ଧତା ପାଇଁ ଏହି ରାଙ୍କିଂ ପ୍ରଦାନ କରାଯାଇଛି । ଟାଇମ୍‌ସ ହାଇୟର ଏଜୁକେସନ୍ ବିଶ୍ୱବିଦ୍ୟାଳୟଗୁଡ଼ିକର ଗ୍ଲୋବାଲ୍ ରାଙ୍କିଂ କରିବା ବ୍ୟତୀତ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଆଧାରରେ କେଉଁ ସବୁ ବିଶ୍ୱବିଦ୍ୟାଳୟ କେତେ ପରିମାଣରେ ସାମାଜିକ ପ୍ରଭାବ ସୃଷ୍ଟି କରିଛନ୍ତି ତା ଉପରେ ମଧ୍ୟ ରାଙ୍କିଂ କରିଥାଏ । ସେହି ଆଧାରରେ କିସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ କିସ୍ ଭଲ ରାଙ୍କ ପ୍ରଦର୍ଶନ କରିଛି । ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି କିସ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଇମ୍ପାକ୍ଟ ରାଙ୍କିଂରେ ଚମତ୍କାର ପ୍ରଦର୍ଶନ କରିଛି । ଏହି ମାନ୍ୟତା ଅନ୍ତର୍ଭୁକ୍ତି ଶିକ୍ଷା, ସାମାଜିକ ପରିବର୍ତ୍ତନ ଏବଂ ସ୍ଥାୟୀ ବିକାଶ ପ୍ରତି କିସ୍ ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି ।



## ମୋବାଇଲ ଜବତ ଜଣେ ଗିରଫ

ବାରଙ୍ଗ (ସବ୍ୟୁ) ଗୋଡିସାହି ଫାଣ୍ଡି ଅନ୍ତର୍ଗତ ନରାଜରୁ ଅରିଲୋ ଯିବା ରାସ୍ତାରେ ଚୋରି ହୋଇଥିବା ମୋବାଇଲ ଫୋନକୁ ପୋଲିସ ଜବତ କରି ଜଣକୁ ଗିରଫ କରିଛି । ପ୍ରକାଶ ଯେ, ଗତ ଏପ୍ରିଲ ୬ ତାରିଖ ଦିନ ସିଡିଏ ସେକଟର ୭ ଅଂଚଳର ଲେଫ୍ଟନାଣ୍ଟ ମହାଦେବ ମାଛୁଆ(୭୨) ନାମକ ଯୁବକ ନିଜର ବାଇକରେ ନରାଜରୁ ଅରିଲୋ ଯିବା ସମୟରେ ୨ଜଣ ଦୁର୍ବୃତ୍ତ ସେମାନଙ୍କୁ ରୋକି ଛୁରୀ ଦେଖାଇ ତାଙ୍କ ଠାରୁ ମୋବାଇଲ ଛଡ଼ାଇ ନେଇଥିବା ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି କରିଥିଲା । ପୁଲିସ ବାଙ୍କୀ ଥାନା ଅନ୍ତର୍ଗତ ରାଜୀବ ନଗର ଅଞ୍ଚଳର ଗଣେଶ ନାୟକଙ୍କୁ ଗିରଫ କରିଛି । ଏବଂ ତାଙ୍କ ନିକଟରୁ ଚୋରି ହୋଇଥିବା ମୋବାଇଲ ଜବତ କରିଛି ପୁଲିସ ।

## ଝାରସୁଗୁଡ଼ା ଜିଲ୍ଲାର ୪୧୪ ପରିବାରଙ୍କ ଘର ଛାତ ଉପରେ

# ସୋଲାର ପ୍ୟାନେଲ୍ ସ୍ଥାପନ ଲାଗି ଟିପିଡବ୍ଲୁଓଡିଏଲ୍ ଏବଂ ବେଦାନ୍ତ ଆଲୁମିନିୟମ ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର, (ସବ୍ୟୁ) : ପଶ୍ଚିମଓଡ଼ିଶାରେ ସବୁଜ ଶକ୍ତି ଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ) ପକ୍ଷରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାର ୟୁଟିଲିଟି-ଲେଡ୍ ଆଗ୍ରିଗେସନ୍ (ୟୁଏଲଏ) ମଡେଲ୍ ଅଧୀନରେ ରୁଫଟପ୍ ସୋଲାର୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଝାରସୁଗୁଡ଼ା ସ୍ଥିତ ବେଦାନ୍ତ ଆଲୁମିନିୟମ ସହିତ ଏକ ବୁଝାମଣାପତ୍ର




(ଏମଓୟୁ) ସ୍ୱାକ୍ଷର କରାଯାଇଅଛି । ବେଦାନ୍ତ ଆଲୁମିନିୟମର ସିଏସଆର୍ ପାଣ୍ଠି ସହାୟତାରେ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ଅବସ୍ଥିତ ଗ୍ରାମଗୁଡ଼ିକର ୪୧୪ ପରିବାରଙ୍କ ଘରର ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନ କରାଯାଇବାକୁ ସ୍ଥିର କରାଯାଇଅଛି । ଗତ ବୁଧବାର ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଟିପିଡବ୍ଲୁଓଡିଏଲ୍‌ର ଆର୍ଥିକ ଏବଂ ଏବଂ ନିୟାମକ ବ୍ୟାପାର ବିଭାଗର ମୁଖ୍ୟ ମୋହିତ ଜୈନଏବଂ ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସି. ଚନ୍ଦ୍ରୁ ଙ୍କ ମଧ୍ୟରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା । ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଉଭୟ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ନୂତନ ସୂର୍ଯ୍ୟୋଧାମ ପ୍ରୟାସ ଅଧୀନରେ ମଡେଲ ଗ୍ରାମ ବିକାଶ ପାଇଁ

# ବୁଝାମଣାପତ୍ର ସ୍ୱାକ୍ଷର କଲା ବେଦାନ୍ତ ଆଲୁମିନିୟମ

ଝାରସୁଗୁଡା, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ସହିତ ଘନିଷ୍ଠ ଭାବରେ ସମନ୍ୱୟ କରି ସୂର୍ଯ୍ୟୋଧାମ ପ୍ରୟାସର ଶୁଭାରମ୍ଭ କରିଛି, ଯାହା ଜିଲ୍ଲାର ସାତଟି ଗ୍ରାମକୁ ଆତ୍ମନିର୍ଭରଶୀଳ, ସମ୍ପ୍ରଦାୟ-କେନ୍ଦ୍ରିକ ଇକୋସିଷ୍ଟମରେ ପରିଣତ କରିବା ପାଇଁ ଏକ ବ୍ୟାପକ ଗ୍ରାମୀଣ ବିକାଶ ପଦକ୍ଷେପ ଅଟେ । ଏହି ପଦକ୍ଷେପ ଭିତିଭୂମି ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଜୀବିକା ଏବଂ ସ୍ଥାନୀୟ ଶାସନ କ୍ଷେତ୍ରରେ କେନ୍ଦ୍ରିତ ହସ୍ତକ୍ଷେପ ମାଧ୍ୟମରେ ୮,୦୦୦ରୁ ଅଧିକ ସମ୍ପ୍ରଦାୟ ସଦସ୍ୟଙ୍କୁ ଲାଭ ପହଞ୍ଚାଇବ ବୋଲି ଆଶା କରାଯାଉଛି । ସୂର୍ଯ୍ୟୋଧାମ ମଡେଲ ଗ୍ରାମ ପଦକ୍ଷେପର ଏକ ଅଂଶ ଭାବରେ, ଚିହ୍ନଟ ହୋଇଥିବା ଗ୍ରାମଗୁଡ଼ିକରେ ରାସ୍ତା, ଡ୍ରେନେଜ୍ ବ୍ୟବସ୍ଥା, ରାସ୍ତା ଆଲୋକୀକରଣ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନୱାଡି, ସ୍କୁଲ, ଜଳାଶୟ ଏବଂ ଜଳସେଚନ ଭିତିଭୂମିରେ ଉନ୍ନତି ସମେତ ବିଭିନ୍ନ ପ୍ରକାରର ଭିତିଭୂମି ମାନଙ୍କରେ ହସ୍ତକ୍ଷେପ କରାଯିବ । ଏହି ପ୍ରୟାସ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଜୀବିକା ନିର୍ବାହର ସୁଯୋଗ ବୃଦ୍ଧି କରିବା ଉପରେ ଧ୍ୟାନ ଦେବ ଏବଂ ସ୍ଥାନୀୟ ଶାସନ ଏବଂ ବିକାଶ ଯୋଜନାରେ ଅଧିକ ସମ୍ପ୍ରଦାୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଯୁବ କ୍ଲବ, ଗ୍ରାମ ବିକାଶ କମିଟି, ପଂଚାୟତ ଉପ-ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଭଳି ତୃଣମୂଳ ସ୍ତରର ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବ । ଏହି ସହଯୋଗୀ ଦୃଷ୍ଟିକୋଣକୁ ଆକାର ଦେବା ପାଇଁ, ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ଜିଲ୍ଲା ପ୍ରଶାସନର ଉପସ୍ଥିତିରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି ଯାହା ସ୍ଥାୟୀ ଗ୍ରାମୀଣ ବିକାଶ ପ୍ରତି ସେମାନଙ୍କର ନିରନ୍ତର ସହଯୋଗକୁ ସୁଦୃଢ଼ କରିବ । ଏହି ଅବସରରେ, ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ସିଇଓ ସି.ଚନ୍ଦ୍ରୁ କହିଛନ୍ତି, "ସୂର୍ଯ୍ୟୋଧାମ୍ ମାଧ୍ୟମରେ, ଆମେ ଗ୍ରାମୀଣ ଭିତିଭୂମିକୁ ସୁଦୃଢ଼ କରି, ଜୀବିକା ନିର୍ବାହର ପଥଗୁଡ଼ିକୁ ବିସ୍ତାର କରିବା ଏବଂ ସମ୍ପ୍ରଦାୟ-ନେତୃତ୍ୱାଧୀନ ବିକାଶକୁ ସକ୍ଷମ କରି ଆମର କାର୍ଯ୍ୟର ନିକଟବର୍ତ୍ତୀ ଅଂଚଳରେ ଅଧିକ ଦୃଢ଼, ସ୍ଥିର ସମ୍ପ୍ରଦାୟଗୁଡ଼ିକରେ ନିବେଶ କରୁଛୁ । ଏହି ପ୍ରୟାସ ମାଧ୍ୟମରେ, ଆମେ ପ୍ରଗତିର ସମ୍ପ୍ରଦାୟ ମାଲିକାନା ନିର୍ମାଣ କରିବା ଏବଂ ଗ୍ରାମ ବିକାଶର ନୂତନ ମଡେଲ୍ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯାହା ଝାରସୁଗୁଡ଼ା ଜିଲ୍ଲା ପାଇଁ ସ୍ଥାୟୀ ମୂଲ୍ୟ ପ୍ରଦାନ କରିବା ସହ ଏହା ଦୀର୍ଘକାଳୀନ ଅଭିବୃଦ୍ଧିକୁ ମଧ୍ୟ ସମର୍ଥନ କରିବ ।" କୁନାଲ ମୋତିରାମ ଚଭନ, ଆଇଏଏସ୍, ଜିଲ୍ଲା କଲେକ୍ଟର ଏବଂ ମାଜିଷ୍ଟ୍ରେଟ୍, ଝାରସୁଗୁଡା କହିଛନ୍ତି, "ଝାରସୁଗୁଡା ଜିଲ୍ଲା ପ୍ରଶାସନ ସହିତ ଘନିଷ୍ଠ ସମନ୍ୱୟରେ କାର୍ଯ୍ୟକାରୀ ହେଉଥିବା ବେଦାନ୍ତର ସୂର୍ଯ୍ୟୋଧାମ ପଦକ୍ଷେପ ଗ୍ରାମୀଣ ଭିତିଭୂମିକୁ ସୁଦୃଢ଼ କରିବା ସହ ଅତ୍ୟାବଶ୍ୟକ ସେବାଗୁଡ଼ିକର ଉପଲବ୍ଧତାକୁ ଉନ୍ନତ କରିବା ଏବଂ ଗ୍ରାମାଂଚଳରେ ଜୀବନର ଗୁଣବତା ବୃଦ୍ଧି କରିବା ପାଇଁ ଆମର ଚାଲିଥିବା ପ୍ରୟାସକୁ ପୂରଣ କରିବ ।



## ସାଲନ୍ଦୀ ମୁଖ୍ୟ କେନାଲ ପାଇଁ ଜମି ଅଗ୍ରହଣ ମାମଲା ନିମ୍ନ ଅଦାଲତଙ୍କ ଆଦେଶ ରଦ୍ଦ

### 'ସର୍ଭେ କମିସନର ନିଯୁକ୍ତି ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, (ସବ୍ୟୁ): ବାଲେଶ୍ୱର ଜିଲ୍ଲାରେ ସାଲନ୍ଦୀ ଲେଫ୍ଟ ମୁଖ୍ୟ କେନାଲ ଖନନ ପାଇଁ ଜମି ଅଧିଗ୍ରହଣ ସଂକ୍ରାନ୍ତ ମାମଲାରେ ହାଇକୋର୍ଟ ନିମ୍ନ ଅଦାଲତଙ୍କୁ 'ସର୍ଭେ ଜାଣିଥିବା କମିସନରଙ୍କୁ ନିଯୁକ୍ତି ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଚାରି ସପ୍ତାହ ମଧ୍ୟରେ ନିମ୍ନ ଅଦାଲତ ଏହି କମିସନର ନିଯୁକ୍ତ କରିବେ । ଆବେଦନକାରୀ ସତ୍ୟବତୀ ପ୍ରଧାନ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏହି ଆଦେଶ ଦେବାସହ ନିମ୍ନ ଅଦାଲତଙ୍କ ଆଦେଶକୁ ରଦ୍ଦ କରି ଦେଇଛନ୍ତି । ଆବେଦନକାରୀମାନେ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ସାଲନ୍ଦୀ ମୁଖ୍ୟ କେନାଲ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଜମି ମାପଚୁପ୍ କରିଥିଲେ । ଏହି ମାପଚୁପ୍ ଭୁଲ୍ ଭାବେ କରାଯାଇଥିବା ନେଇ ଆବେଦନକାରୀମାନେ ଅଭିଯୋଗ କରିଥିଲେ । ଏହାଦ୍ୱାରା ଏକ ନିର୍ଭୁଲ ମ୍ୟାପ୍ ମଧ୍ୟ ପ୍ରସ୍ତୁତ କରାଯାଇ ପାରିଲା ନାହିଁ । ଏଥିରେ ଅସନ୍ତୁଷ୍ଟ ହୋଇ ଆବେଦନକାରୀ ବାଲେଶ୍ୱର ଜିଲ୍ଲା ନୀଳଗିରି ସିଭିଲ୍ ଜଜ୍( ସିନିୟର ଡିଭିଜନ୍)ରେ ଏକ ମାମଲା ରୁଜୁ କରିଥିଲେ । ଏହି ଜମିକୁ 'ବିଦ ସିଡୁଲ୍ ଲ୍ୟାଣ୍ଡ ଘୋଷଣା କରଯିବା ସହ ସଠିକ୍ ଜମି ସୀମା ନିର୍ଦ୍ଧାରଣ କରିବା ଏବଂ ମ୍ୟାପ୍ ପ୍ରସ୍ତୁତ ପାଇଁ ଜଣେ କମିସନରଙ୍କୁ ନିଯୁକ୍ତି ଦେବାକୁ ପ୍ରାର୍ଥନା କରିଥିଲେ । କିନ୍ତୁ ଏହି ପ୍ରାର୍ଥନା ଖାରଜ ହୋଇଯାଇଥିଲା । ଫଳରେ ଆବଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି)ଅବସରରେ ନିମ୍ନ ଅଦାଲତଙ୍କ ଆଦେଶକୁ ରଦ୍ଦ କରି ଦେଇଛନ୍ତି । ଯେହେତୁ ଆବେଦନକାରୀମାନେ ସର୍ଭେକୁ ନେଇ ସନ୍ତୁଷ୍ଟ ନୁହଁନ୍ତି ଏ କ୍ଷେତ୍ରରେ ସେମାନଙ୍କ ପ୍ରାର୍ଥନା ଗ୍ରହଣୀୟ । ତେଣୁ ନିମ୍ନ ଅଦାଲତ ଚାରି ସପ୍ତାହ ମଧ୍ୟରେ ଜଣେ 'ସର୍ଭେ ଜାଣିଥିବା କମିସନରଙ୍କୁ ନିଯୁକ୍ତି ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ଓଡିଶାର ସ୍ୱଚ୍ଛ ଶକ୍ତି ଓ ଇଣ୍ଡଷ୍ଟ୍ରିଆଲ ଡିକାର୍ବନାଇଜେସନ

# ଯାତ୍ରା ପାଇଁ ରୋଡମ୍ୟାପ ପ୍ରସ୍ତୁତ -ସିଆଇଆଇ ଏନର୍ଜି କନ୍‌କ୍ଲେଭ

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ ଓଡିଶା ସରକାରଙ୍କ ଶକ୍ତି ବିଭାଗ ସହ ସହଭାଗିତାରେ ଭୁବନେଶ୍ୱରଠାରେ "ପୂର୍ବ ଭାରତର ସବୁଜ ରୁପାନ୍ତରଣକୁ ଶକ୍ତି ପ୍ରଦାନ କରିବା- ନୀତି, ଉଦ୍ଭାବନ ଓ ଶିଳ୍ପ ଡିକାର୍ବନୀକରଣ" ବିଷୟବସ୍ତୁ ଉପରେ ସିଆଇଆଇ ଏନର୍ଜି କନ୍‌କ୍ଲେଭ ୨୦୨୬ର ଆୟୋଜନ କରାଯାଇଛି । ଏହି ସମ୍ମିଳନୀ ନୀତି ନିର୍ମାତା, ଶିଳ୍ପର ଲିଡର, ଶକ୍ତି ବିଶେଷଜ୍ଞ, ଟେକ୍ନୋଲୋଜି ପ୍ରଦାତା ଓ ସ୍ଥାୟିତ୍ୱ କ୍ଷେତ୍ରର ପେସାଦାରମାନଙ୍କୁ ଏକ ନିମ୍ନ-କାର୍ବନ ଓ ସ୍ଥାୟୀ ଭବିଷ୍ୟତ ଦିଗରେ ଓଡିଶାର ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ପାଇଁ ରଣନୀତି ଉପରେ ଆଲୋଚନା କରିବା ପାଇଁ ଏକାଠି କରିଥିଲା । ଉଦ୍‌ଘାଟନୀ ଅଭିଭାଷଣରେ ଓଡିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏକ ଅଗ୍ରଣୀ ସ୍ୱଚ୍ଛଶକ୍ତି ନିବେଶ କେନ୍ଦ୍ରରେ ପରିଣତ ହେବା ପାଇଁ ଓଡିଶାର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ସେ ସୋଲାର, ପବନ, ପମ୍ପଡ ଷ୍ଟୋରେଜ ଓ ହାଇବ୍ରିଡ ଶକ୍ତି ପ୍ରକଳ୍ପଗୁଡିକ ମାଧ୍ୟମରେ ୨୦୩୦ ସୁଦ୍ଧା ୧୧ ଜିଡବ୍ଲ୍ୟୁର ନବୀକରଣଯୋଗ୍ୟ ଶକ୍ତି କ୍ଷମତା ହାସଲ କରିବାର ରାଜ୍ୟର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ସେ ସୂଚନା ଦେଇଛନ୍ତି ଯେ, ଓଡିଶା ୬.୭ ଜିଡବ୍ଲ୍ୟୁ ନବୀକରଣଯୋଗ୍ୟ ଶକ୍ତି ପ୍ରକଳ୍ପ ପାଇଁ ୬୭,୦୦୦ କୋଟି ଟଙ୍କା ମୂଲ୍ୟର ନିବେଶ ପ୍ରତିଶ୍ରୁତି ପାଇଥିବା ବେଳେ ରାଜ୍ୟର ଉପକୂଳ ଅଂଚଳରେ ଗ୍ରୀନ ହାଇଡ୍ରୋଜେନ ଓ ଗ୍ରୀନ ଆମୋନିଆ ପ୍ରକଳ୍ପଗୁଡିକ ସବୁଜ ଶିଳ୍ପର ଅଭିବୃଦ୍ଧିକୁ ସମର୍ଥନ କରୁଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ, ପ୍ରାୟ ୨ ଲକ୍ଷ କୋଟି ଟଙ୍କା ମୂଲ୍ୟର ସ୍ୱଚ୍ଛ ଶକ୍ତି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି ଏବଂ ଟ୍ରାନ୍ସମିଶନ ଭିତିଭୂମି କ୍ଷେତ୍ରରେ ୩୦,୦୦୦ କୋଟି ଟଙ୍କାର ଅତିରିକ୍ତ ନିବେଶ ଆଶା କରାଯାଉଛି, ଯାହା ସ୍ଥାୟୀ ଓ ସମାବେଶୀ ଅଭିବୃଦ୍ଧି ପାଇଁ ଓଡିଶାର ଭିଜନ ୨୦୪୭କୁ ସମର୍ଥନ କରୁଛି । ସ୍ୱତନ୍ତ୍ର ଅଭିଭାଷଣ ପ୍ରଦାନ କରି ଓଡିଶା ସରକାରଙ୍କ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ବିଶାଲ କୁମାର ଦେବ ନବୀକରଣଯୋଗ୍ୟ ଶକ୍ତି, ଶକ୍ତି ଦକ୍ଷତା, ଗ୍ରୀନ ହାଇଡ୍ରୋଜେନ ଓ ସ୍ଥାୟୀ ଶିଳ୍ପ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରୟାସଗୁଡିକୁ ହାଇଲାଇଟ କରିଥିଲେ । ସେ ଓଡିଶାର ଟ୍ରାନ୍ସମିଶନ ଓ ବିତରଣ ଭିତିଭୂମିକୁ ମଜବୁତ କରିବା ପାଇଁ ୪୫୦୦ କୋଟି ଟଙ୍କା ଘୋଷଣା କରିଛନ୍ତି ଏବଂ ଏକ ସ୍ଥିର ଶକ୍ତି ଇକୋସିଷ୍ଟମ ନିର୍ମାଣ କରିବା ପାଇଁ ଡେଭ୍‌ଲପର, ଟେକ୍ନୋଲୋଜି ପ୍ରଦାତା, ଆର୍ଥିକ ଅନୁଷ୍ଠାନ ଓ ସ୍ଥାନୀୟ ସମୁଦାୟଗୁଡିକ ମଧ୍ୟରେ ସହଭାଗିତାର ମହତ୍ୱକୁ ଗୁରୁତ୍ୱାରୋପ କରିଛନ୍ତି । ଏଥିସହିତ ସେ ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ ୨୦୨୬ ଭୁବନେଶ୍ୱରରେ ଆୟୋଜିତ ହେବ ବୋଲି ଘୋଷଣା କରିଛନ୍ତି ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଏଥିରେ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରିଛନ୍ତି । ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ସିଆଇଆଇ ଓଡିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଏବଂ ଜେଏସଡବ୍ଲ୍ୟୁ ଷ୍ଟିଲ ଲିମିଟେଡର ଅଧ୍ୟକ୍ଷ ଅନୀଲ କୁମାର ସିଂହ ସ୍ୱଚ୍ଛ ଶକ୍ତି ନିବେଶ ଓ ସ୍ଥାୟୀ ଶିଳ୍ପ ବିକାଶ ପାଇଁ ଏକ କେନ୍ଦ୍ର ଭାବେ ଓଡିଶାର ବର୍ଦ୍ଧିତ ମହତ୍ୱକୁ ହାଇଲାଇଟ କରିଛନ୍ତି । ସିଆଇଆଇ ଇଷ୍ଟର୍ଣ୍ଣ ରିଜିଅନ ଏନର୍ଜି ସବ୍‌କମିଟିର ଅଧ୍ୟକ୍ଷ ଦେବେଶ ଗୋୟଲ, ବିଶ୍ୱ ଶକ୍ତି କ୍ଷେତ୍ର, ଶକ୍ତି ସୁରକ୍ଷା, ସୁଲଭତା, ସ୍ଥାୟିତ୍ୱ ଓ ସ୍ଥିରତା ଦ୍ୱାରା ପରିଚାଳିତ ଦ୍ରୁତ ରୂପାନ୍ତରଣର ସମ୍ମୁଖୀନ ହେଉଛି ବୋଲି ଉଲ୍ଲେଖ କରି ସମ୍ମିଳନୀ ପାଇଁ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ଏନଟିପିସି ଲିମିଟେଡର ଆଂଚଳିକ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଚାନ୍ଦ ପୂର୍ବ ଭାରତକୁ ଏକ ବହୁମୁଖୀ ଶକ୍ତି ପରିବର୍ତ୍ତନ ରଣନୀତି ମାଧ୍ୟମରେ ସ୍ଥାୟିତ୍ୱ ସହ ଶିଳ୍ପ ଅଭିବୃଦ୍ଧିକୁ ସନ୍ତୁଳିତ ରଖିବାର ଆବଶ୍ୟକତା ଉପରେ ମହତ୍ୱ ଦେଇଥିଲେ । ସାତ୍ୱିକ ସୋଲାର ଇଣ୍ଡଷ୍ଟ୍ରୀଜ ପ୍ରାଇଭେଟ ଲିମିଟେଡର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ପ୍ରଶାନ୍ତ ମାଥୁର ଭାରତର ଶକ୍ତି ସୁରକ୍ଷାକୁ ମଜବୁତ କରିବା ଏବଂ ଦେଶର ନବୀକରଣଯୋଗ୍ୟ ଶକ୍ତି ଲକ୍ଷ୍ୟକୁ ସମର୍ଥନ କରିବା କ୍ଷେତ୍ରରେ ଘରୋଇ ସୋଲାର ଉତ୍ପାଦନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଉଦ୍‌ଯାପନୀ ଅଭିଭାଷଣରେ ମଣିକାନ୍ତ ନାୟକ ପୂର୍ବ ଭାରତର ସବୁଜ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ପାଇଁ ସରକାର, ଶିଳ୍ପ, ଆର୍ଥିକ ଅନୁଷ୍ଠାନ ଓ ଟେକ୍ନୋଲୋଜି ପ୍ରଦାତାଙ୍କ ମଧ୍ୟରେ ସହଭାଗୀ କାର୍ଯ୍ୟର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ ।




## ସୁମିତ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ୧୯୯.୭୫ କୋଟି ଟଙ୍କାର ରାଇଟ୍‌ସ୍ ଇସ୍ୟୁ

ଭୁବନେଶ୍ୱର, (ସବ୍ୟୁ) : ପେଟ୍ ଚିପ୍ସ, ପାର୍ସିଆଲି ଓରିଏଣ୍ଟେଡ୍ ୟାର୍ଣ୍ଣ (ପିଓୱାଇ), ଫୁଲି ଡ୍ରନ୍ ୟାର୍ଣ୍ଣ (ଏଫଡିୱାଇ) ଏବଂ ପଲିଷ୍ଟର ଟେକ୍ସଚରାଇଜଡ ୟାର୍ଣ୍ଣ ଉତ୍ପାଦନରେ ନିୟୋଜିତ ଅନ୍ୟତମ ଅଗ୍ରଣୀ ସମନ୍ୱିତ ପଲିଷ୍ଟର ଉତ୍ପାଦନକାରୀ ସୁମିତ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ନିଜର ଆର୍ଥିକ ନମନୀୟତାରେ ବୃଦ୍ଧି ଘଟାଇବା ଏବଂ କମ୍ପାନୀର ରଣକୋ÷ଶଳାତ୍ମକ ବ୍ୟବସାୟିକ ଅଗ୍ରାଧିକାରତାଗୁଡିକୁ ସମର୍ଥନ କରିବା ଲକ୍ଷ୍ୟରେ ଏହାର ଯୋଗ୍ୟ ଅଂଶଧାରକମାନଙ୍କ ନିମନ୍ତେ ଏକ ରାଇଟ୍‌ସ୍ ଇସ୍ୟୁ ଘୋଷଣା କରିଛି । ସୁମିତ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ବୋର୍ଡ ଅଫ ଡାଇରେକ୍ଟରସ୍ ୧୬,୮୪ କୋଟି ଟଙ୍କାର ଫୁଲି ପେଡ୍- ଅପ୍ ଇକ୍ୱିଟି ସେୟାର ଇସ୍ୟୁ ଜରିଆରେ ମୋଟ ୧୯୯.୭୫ କୋଟି ଟଙ୍କାର ରାଇଟ୍‌ସ୍ ଇସ୍ୟୁ ନିମନ୍ତେ ସର୍ତ୍ତାବଳୀକୁ ଅନୁମୋଦନ କରିଛନ୍ତି । କମ୍ପାନୀ ରାଇଟ୍‌ସ୍ ଇସ୍ୟୁରୁ ସଂଗୃହୀତ ଅର୍ଥ ମଧ୍ୟରୁ ୪୯,୦୦ କୋଟି ଟଙ୍କା ସୁରଟ, ଗୁଜରାଟରେ ନାକୋଡା ଲିମିଟେଡ ନିକଟରୁ ଅଧିଗୃହୀତ ଆଉ ଏକ ବାର୍ଷିକ ୧୪୦,୦୦୦ ଟନ୍ କ୍ଷମତା ବିଶିଷ୍ଟ ପଲିଷ୍ଟର ଚିପ୍‌ସ୍ (ସିପି) କାରଖାନା ଅଧିଗ୍ରହଣ ଏବଂ ତାହାକୁ କାର୍ଯ୍ୟକ୍ଷମ କରିବା ସକାଶେ ବିନିଯୋଗ ପ୍ରସ୍ତାବ ରଖିଛି । ଏହି ପ୍ରକଳ୍ପରେ ମୋଟ ୯୦.୦୦ କୋଟି ଟଙ୍କାର ମୂଳଧନ ନିବେଶ ସହିତ ଅବଶିଷ୍ଟ ୪୧.୦୦ କୋଟି ଟଙ୍କା ଆଭ୍ୟନ୍ତରୀଣ ସଂଗ୍ରହ ସୂତ୍ରରୁ ଯୋଗାଇ ଦିଆଯିବ ।





ଡବଲ ଭୂ-କମ୍ପ ଝଟକାରେ ଭେନେଜୁଏଲା ରାଜଧାନୀ କାରକାସରେ ତାସର ଘର ପରି ଭିଷୁଡ଼ି ପଡିଛି ବଡ଼ ବଡ଼ ଅଟ୍ଟାଳିକା।

# ଭୂକମ୍ପ ଚେତାବନୀ ଦେଇଥିଲା ଗୁଗଲ୍

**କାରାକାସ୍:** ଭେନେଜୁଏଲାରେ ଆସିଥିବା ଶତାବ୍ଦୀର ସବୁଠାରୁ ଭୟଙ୍କର ଯୁଗ୍ମ ଭୂକମ୍ପ (ତୀବ୍ରତା ୭.୧ ଓ ୭.୫) ଅନେକ ଅଟ୍ଟାଳିକାକୁ ମାଟିରେ ମିଶାଇ ଦେଇଛି। ମାତ୍ର ଏହି ମହାବିପର୍ଯ୍ୟୟ ମଧ୍ୟରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି, ଯାହାକୁ ନେଇ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ବ୍ୟାପକ ଚର୍ଚ୍ଚା ଚାଲିଛି। କେତେକ ବ୍ୟବହାରକାରୀ ସ୍କ୍ରିନସଟ୍ ସେୟାର କରି ଦର୍ଶାଇଛନ୍ତି ଯେ, ଭୂକମ୍ପର ପ୍ରକୃତ ଝଟକା ଅନୁଭୂତ ହେବାର କିଛି ସେକେଣ୍ଡ ପୂର୍ବରୁ ହିଁ ଗୁଗଲ୍ ସେମାନଙ୍କ ଆଣ୍ଡ୍ରଏଡ୍ ମୋବାଇଲକୁ ସତର୍କ ସୂଚନା ବା 'ଆଲର୍ଟ' ପଠାଇ ସାରିଥିଲା। ଜଣେ ୟୁଜରଙ୍କ ପାଖକୁ ଆସିଥିବା ନୋଟିଫିକେସନରେ ପ୍ରାୟ ୩୪୧ କିଲୋମିଟର (୨୧୨.୩ ମାଇଲ୍) ଦୂରରେ ୬.୨ ତୀବ୍ରତାର ଭୂକମ୍ପ ଚିହ୍ନଟ ହୋଇଥିବା ଲେଖାଥିଲା। ସୂଚନାଯୋଗ୍ୟ, ଆଧୁନିକ ସ୍ମାର୍ଟଫୋନରେ 'ଆକ୍ସେଲେରୋମିଟର' ନାମକ ଏକ ସେନ୍ସର




ଥାଏ, ଯାହା ସାଧାରଣତଃ ମୋବାଇଲ୍ ସ୍କ୍ରିନ୍କୁ ସ୍ୱୟଂଚାଳିତ ଭାବେ ଘୂରାଇବାରେ ସାହାଯ୍ୟ କରେ। ମାତ୍ର ଏହାର ଅନ୍ୟ ଏକ ବଡ଼ କାମ ହେଉଛି, ଏହା ଯେକୌଣସି ସୂକ୍ଷ୍ମ କମ୍ପନକୁ ମଧ୍ୟ ଚିହ୍ନଟ କରିପାରେ। ଯେତେବେଳେ କୌଣସି ଅଞ୍ଚଳରେ ଭୂକମ୍ପଜନିତ କମ୍ପନ ସୃଷ୍ଟି ହୁଏ, ସେତେବେଳେ ସ୍ମାର୍ଟଫୋନ୍ ତାହାକୁ ତୁରନ୍ତ ରେକର୍ଡ କରି ଗୁଗଲର 'ଆଣ୍ଡ୍ରଏଡ୍ ଭୂକମ୍ପ ଆଲର୍ଟ ସିଷ୍ଟମ୍'ର ସର୍ଭରକୁ ଏକ ସିଗନାଲ୍ ଏବଂ ଆନୁମାନିକ ଲୋକେସନ୍ ପଠାଇଥାଏ। ଗୁଗୁଲର ସର୍ଭର ସେହି ନିର୍ଦ୍ଦିଷ୍ଟ ଅଞ୍ଚଳର ଅନ୍ୟାନ୍ୟ ଶତାଧିକ ଫୋନ୍ରୁ ମିଳିଥିବା ସୂଚନାକୁ ଏକତ୍ର ଯାଞ୍ଚ କରେ। ଯଦି ଅଧିକାଂଶ ଫୋନ୍ରେ ଏକାଭଳି କମ୍ପନ ଚିହ୍ନଟ ହୁଏ, ତେବେ ଗୁଗଲ୍ ନିଶ୍ଚିତ ହୁଏ ଯେ ଭୂକମ୍ପ ଆସୁଛି। ବିଶ୍ୱବ୍ୟାପୀ ପ୍ରାୟ ୨୦୦ କୋଟିରୁ ଅଧିକ ଆଣ୍ଡ୍ରଏଡ୍ ଫୋନ୍ ଏହି ନେଟୱର୍କ ସହ ଜଡ଼ିତ ଥିବାରୁ ଏହା ପୃଥିବୀର ସବୁଠାରୁ ବଡ଼ ଭୂକମ୍ପ ଚିହ୍ନଟ ବ୍ୟବସ୍ଥା ପାଲଟିଛି।

## ୟୁରୋପରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ, ୭୦ରୁ ଅଧିକ ମୃତ

**ନୂଆଦିଲ୍ଲୀ:** ୟୁରୋପ ଏବେ ଏକ ଐତିହାସିକ ଗ୍ରୀଷ୍ମଲହରିର ସମ୍ମୁଖୀନ ହେଉଛି। ଭୀଷଣ ଗ୍ରୀଷ୍ମପ୍ରବାହରେ ୟୁରୋପରେ ୭୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଫ୍ରାନ୍ସ ଓ ବ୍ରିଟେନ ସହିତ ଅନେକ ଦେଶରେ ତାପମାତ୍ରା ରେକର୍ଡ ସ୍ତରରେ ପହଞ୍ଚିଥିବା ବେଳେ ଏହାର ପ୍ରଭାବ ଜନଜୀବନ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଶକ୍ତି କ୍ଷେତ୍ର ଉପରେ ପଡ଼ିଛି। ବୈଜ୍ଞାନିକମାନେ କହୁଛନ୍ତି, ଜଳବାୟୁ ପରିବର୍ତ୍ତନ ଏହି ଗ୍ରୀଷ୍ମଲହରିକୁ ଅଧିକ ତୀବ୍ର ଓ ଅଧିକ ବାରମ୍ବାର କରୁଛି।

ଫ୍ରାନ୍ସରେ ତାପମାତ୍ରା ୪୪.୩ ଡିଗ୍ରି ସେଲସିୟସ୍ରେ ପହଞ୍ଚି ଦେଶର ଇତିହାସର ସର୍ବାଧିକ ସ୍ତରକୁ ଛୁଇଁଛି। ପ୍ୟାରିସରେ ମଧ୍ୟ ୪୦.୯ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଛି। ଦେଶର ଅନେକ ସହରରେ 'ରେଡ୍ ଆଲର୍ଟ' ଜାରି ହୋଇଛି। ଅନେକ ବିଦ୍ୟାଳୟ ବନ୍ଦ କରାଯାଇଥିବା ବେଳେ କିଛି ପରୀକ୍ଷାର ସମୟସୂଚୀ ବଦଳାଯାଇଛି। ବୃଦ୍ଧ ଓ ଅସୁସ୍ଥ ଲୋକଙ୍କ ସୁରକ୍ଷା ପାଇଁ ଜରୁରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ସକ୍ରିୟ କରାଯାଇଛି। ବ୍ରିଟେନରେ ମଧ୍ୟ



ଜୁନ୍ ମାସର ସର୍ବାଧିକ ତାପମାତ୍ରା ରେକର୍ଡ ହୋଇଛି। ଇଂଲଣ୍ଡର ଗୋସପୋର୍ଟରେ ୩୬.୧ ଡିଗ୍ରି ସେଲସିୟସ୍ ତାପମାତ୍ରା ମପାଯାଇଛି। ୱେଲ୍ସର କାର୍ଡିଫରେ ରାତିର ନ୍ୟୁନତମ ତାପମାତ୍ରା ୨୩.୫ ଡିଗ୍ରି ସେଲସିୟସ୍ ରେକର୍ଡ ହୋଇଛି। ଅତ୍ୟଧିକ ଗରମ କାରଣରୁ କେତେକ ସ୍କୁଲ ବନ୍ଦ ହୋଇଥିବା ବେଳେ ରେଳସେବା ବ୍ୟାହତ ହୋଇଛି।

ଏହି ଗ୍ରୀଷ୍ମପ୍ରବାହ କେବଳ ଫ୍ରାନ୍ସ ଓ ବ୍ରିଟେନରେ ସୀମିତ ନାହିଁ। ସ୍ପେନ, ଇଟାଲୀ, ଜର୍ମାନୀ, ବେଲଜିୟମ, ସ୍ୱିଜରଲ୍ୟାଣ୍ଡ ଓ ଅନ୍ୟାନ୍ୟ ଦେଶ ମଧ୍ୟ ଅସାଧାରଣ ଉଷ୍ଣତାର ସମ୍ମୁଖୀନ ହେଉଛନ୍ତି।

## ୩ ଦିନ ଅଚଳ ରହିବ ଇପିଏଫ୍ଓ ପୋର୍ଟାଲ

**ନୂଆଦିଲ୍ଲୀ:** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ)ର ପୋର୍ଟାଲ ଚଳିତ ମାସ ୨୬ରୁ ୨୮ ପର୍ଯ୍ୟନ୍ତ ତିନି ଦିନ ପାଇଁ ଅଚଳ ରହିବ। ଏହି ସମୟରେ ପୋର୍ଟାଲରେ ନୂଆ ଦାବି ଉପସ୍ଥାପନ କରାଯାଇପାରିବ ନାହିଁ। ସଂଗଠନ ପକ୍ଷରୁ ପୋର୍ଟାଲରେ ପପ୍-ଅପ୍ ମେସେଜ୍ ଜରିଆରେ ଏହି ସୂଚନା ଦିଆଯାଇଛି। ସେବା ପ୍ରଦାନରେ ଉନ୍ନତି ଆଣିବା, ପ୍ରକ୍ରିୟାକରଣ ଦକ୍ଷତା ବଢ଼ାଇବା ଓ ସଦସ୍ୟମାନଙ୍କୁ ଉନ୍ନତ ଅନୁଭୂତି ପ୍ରଦାନ କରିବା ପାଇଁ ଇପିଏଫ୍ଓ ଏହାର ଡାଟାବେସ୍କୁ ସଂଗଠିତ କରୁଥିବା ବେଳେ ଦାବି ପ୍ରକ୍ରିୟାକରଣ ବ୍ୟବସ୍ଥାର ସଫ୍ଟୱେରକୁ ଅପ୍ଗ୍ରେଡ୍ କରୁଛି।ସେଥିପାଇଁ ଆଲୋଚ୍ୟ ତିନି ଦିନରେ ପୋର୍ଟାଲ୍ ଜରିଆରେ ଦାବି ଦାଖଲ ଓ ପ୍ରକ୍ରିୟାକରଣ ହୋଇପାରିବ ନାହିଁ। ପୂର୍ବରୁ ଦାଖଲ ହୋଇଥିବା ଦାବିର ପ୍ରକ୍ରିୟାକରଣ ପୋର୍ଟାଲ ସ୍ୱାଭାବିକ ହେବା ପରେ ଆରମ୍ଭ ହେବ। ଏଥିପାଇଁ ହେବାକୁ ଥିବା ଅସୁବିଧା ପାଇଁ ଇପିଏଫ୍ଓ ଆଗୁଆ କ୍ଷମା ପ୍ରାର୍ଥନା କରିଛି। ଇପିଏଫ୍ଓ ଏହାର ସଦସ୍ୟମାନଙ୍କୁ ୟୁପିଆଇ ଓ ଏଟିଏମ୍ ଜରିଆରେ ପାଣ୍ଠି ଉଠାଣ ସୁବିଧା ପ୍ରଦାନ କରିବା ଉପରେ କାମ କରୁଛି। ଏଟିଏମ୍ରୁ ପାଣ୍ଠି ଉଠାଣର ପରୀକ୍ଷଣ ମଧ୍ୟ ହୋଇସାରିଛି। ଯେକୌଣସି ସମୟରେ ତାହାର ଶୁଭାରମ୍ଭ କରାଯିବ। ଇପିଏଫ୍ଓ ୩.୦ ଅଧୀନ ସେବାରେ ଉନ୍ନତି ଆଣିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। କେତେକ ସ୍ୱତନ୍ତ୍ର ମାମଲାରେ ୧୦୦ ପ୍ରତିଶତ ଇପିଏଫ୍ ପାଣ୍ଠି ଉଠାଣ ପାଇଁ ମଧ୍ୟ ଅନୁମତି ଦିଆଯିବ। ଚାକିରି ହରାଇବା ପରେ ସଦସ୍ୟମାନେ ୭୫ ପ୍ରତିଶତ ପର୍ଯ୍ୟନ୍ତ ପାଣ୍ଠି ଉଠାଇପାରିବେ।

# ହର୍ମୁଜ୍ ଅତିକ୍ରମ କଲେ ୩୦ ମାଲବାହୀ ଜାହାଜ


**ନୂଆଦିଲ୍ଲୀ:** ମଧ୍ୟପ୍ରାଚ୍ୟରୁ ଭାରତ ପାଇଁ ବଡ଼ ଆଶ୍ୱସ୍ତି ଖବର ଆସିଛି। ଭାରତ ଆସୁଥିବା ୩୦ ଜାହାଜ ଏପର୍ଯ୍ୟନ୍ତ ସୁରକ୍ଷିତ ଭାବରେ ହର୍ମୁଜ୍ ପ୍ରଣାଳୀ ପାର କରିସାରିଛନ୍ତି, ଯେତେବେଳେ ୨୬ ଜାହାଜ ଏବେ ବି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ଦେଇ ଯିବା ପାଇଁ ସେମାନଙ୍କର ପାଳିକୁ ଅପେକ୍ଷା କରିଛନ୍ତି ବୋଲି ଜାହାଜ ଚଳାଚଳ ମନ୍ତ୍ରଣାଳୟର ସୂତ୍ର ନିଶ୍ଚିତ କରିଛି। ଅଧିକାରୀଙ୍କ ଅନୁଯାୟୀ, ହର୍ମୁଜ୍ ପାର କରିଥିବା ୩୦ଟି ଜାହାଜ ମଧ୍ୟରୁ ପ୍ରାୟ ଅଧାରେ ଏଲପିଜି ଏବଂ ଏଲଏନଜି ବହନ କରିଥିବାବେଳେ ଆଠଟି ଜାହାଜ ବଲ୍କ କାର୍ଗୋ ଏବଂ ସାତଟି ଅଶୋଧିତ ତେଲ ଟ୍ୟାଙ୍କର ବହନ କରିଥିବା କୁହାଯାଉଛି।ଅଧିକାରୀମାନେ କହିଛନ୍ତି ଯେ, ମାର୍ଚ୍ଚ ୧ ରୁ ଜୁନ୍ ୧୭ ମଧ୍ୟରେ ୧୯ଟି ଜାହାଜ ଏହି ସମୁଦ୍ର ପଥରେ ଅତିକ୍ରମ କରିଛନ୍ତି।




ଇରାନ ଏବଂ ଆମେରିକା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହେବା ପରଠାରୁ ୧୧ଟି ଜାହାଜ ସୁରକ୍ଷିତ ଭାବରେ ଏହି ପଥକୁ ପାର ହୋଇଛନ୍ତି। ଏହି ୩୦ ଜାହାଜ ଭାରତୀୟ ବନ୍ଦର ଅଭିମୁଖେ ଯାଉଛନ୍ତି। ସେଥିମଧ୍ୟରୁ ୧୭ଟି ବିଦେଶୀ ପତାକା ଥିବା ଜାହାଜ ରହିଛି। ବିଦେଶୀ ପତାକାଥିବା ଜାହାଜ ମଧ୍ୟରୁ ସର୍ବାଧିକ ପାଞ୍ଚଟି ଜାହାଜରେ ମାର୍ଶାଲ ଦ୍ୱୀପପୁଞ୍ଜ ପତାକା ରହିଛି।ତେବେ ୨୬ଟି ଜାହାଜ ପର୍ସିଆନ୍ ଗଲ୍ଫରେ, ହର୍ମୁଜ୍ ପ୍ରଣାଳୀର ପଶ୍ଚିମରେ ରହିଛନ୍ତି।ସେମାନଙ୍କ ମଧ୍ୟରେ ଭାରତ ଅଭିମୁଖେ ଯାଉଥିବା ଭାରତୀୟ ପତାକା ଏବଂ ବିଦେଶୀ ପତାକା ଥିବା ଜାହାଜ ରହିଛନ୍ତି। ୨୬ ଜାହାଜ ମଧ୍ୟରୁ ତିନୋଟିରେ ଶକ୍ତି ଉତ୍ପାଦ, ୧୦ଟିରେ ସାର ଏବଂ ବାକି ୧୩ଟିରେ ଅନ୍ୟାନ୍ୟ ପ୍ରକାରର ମାଲ ପରିବହନ କରାଯାଉଛି।

## ବ୍ୟବସାୟିକ ଏଲପିଜି ଉପରୁ କଟକଣା ଉଠିଲା

ନୂଆଦିଲ୍ଲୀ: କେନ୍ଦ୍ର ସରକାର ଏଲପିଜି ଯୋଗାଣ କ୍ଷେତ୍ରରେ କଟକଣା ଉଠାଇଛନ୍ତି। ସରକାରଙ୍କ ପକ୍ଷରୁ ବ୍ୟବସାୟିକ ଏଲପିଜି ସିଲିଣ୍ଡର ଯୋଗାଣ ଉପରେ ଲାଗିଥିବା କଟକଣାକୁ ଉଠାଇ ଦିଆଯାଇଛି। ଇରାନ ଯୁଦ୍ଧ ସମୟରେ



ସୃଷ୍ଟି ହୋଇଥିବା ପରିସ୍ଥିତି ଯୋଗୁଁ ଏହି କଟକଣା ଲାଗୁ କରାଯାଇଥିଲା। ଏବେ ସେଠାରେ ଉତ୍ତେଜନା ହ୍ରାସ ପାଇବା ପରେ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ସ୍ୱାଭାବିକ ହୋଇଛି। ଏଲପିଜି ଯୋଗାଣକୁ ସଂକଟର ପୂର୍ବସ୍ତରକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନିଆଯାଇଛି । ପେଟ୍ରୋଲିୟମ ମନ୍ତ୍ରଣାଳୟ ସଚିବ ଡ. ନିରଜ ମିତ୍ର ଏସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ରାମ ମନ୍ଦିର ଉଡ଼ାଇ ଦେବାକୁ ଷଡ଼ଯନ୍ତ୍ର

**ଲକ୍ଷ୍ନୌ, :** ଅଯୋଧ୍ୟାରେ ରାମ ମନ୍ଦିରକୁ ବିସ୍ଫୋରଣରେ ଉଡ଼ାଇ ଦେବାକୁ ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିଲା। ଏନ୍ଆଇଏ ଏବଂ ଏଟିଏସ୍ ଦ୍ୱାରା ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫସା କରାଯାଇଛି ଏବଂ ଉତ୍ତରପ୍ରଦେଶର ଜଣେ ସନ୍ଦିଗ୍ଧ ଆତଙ୍କବାଦୀକୁ ଏହି ମାମଲାରେ କର୍ଣ୍ଣାଟକର ଦବଙ୍ଗେରେରୁ ଗିରଫ କରାଯାଇଛି। ଅଯୋଧ୍ୟା ରାମ ମନ୍ଦିରକୁ ଟାର୍ଗେଟ୍ କରିବାପାଇଁ ଷଡ଼ଯନ୍ତ୍ର ହୋଇଥିଲା ବୋଲି ଉକ୍ତ ସନ୍ଦିଗ୍ଧ ଆତଙ୍କବାଦୀ ସ୍ୱୀକାର କରିଛି। ଅଭିଯୁକ୍ତର ମୋବାଇଲ ଫୋନ୍ରୁ ପାକିସ୍ତାନୀ ନମ୍ବର, କିଛି ସନ୍ଦେହଜନକ ହ୍ୱାଟ୍ସଆପ୍ ଗ୍ରୁପ୍ ଏବଂ କିଛି ଅସ୍ତ୍ରଶସ୍ତ୍ର ସହ ଉଠାଯାଇଥିବା ଫଟୋ ମିଳିଛି। ଅଭିଯୁକ୍ତକୁ ଗିରଫ କରାଯାଇଛି ଏବଂ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି।

## କେତନ ଅଗ୍ରୱାଲ ହତ୍ୟାକାଣ୍ଡ: ବାଗଦତ୍ତା ଓ ପ୍ରେମିକଙ୍କୁ ପଚରାଉଚରା

**ପୁଣେ:** ମହାରାଷ୍ଟ୍ରର ପୁଣେ ଜିଲ୍ଲାରେ ଘଟିଥିବା କେତନ ଅଗ୍ରୱାଲ ହତ୍ୟାକାଣ୍ଡର ତଦନ୍ତ ଆଗକୁ ବଢ଼ୁଛି। ପୁଲିସ ଏହି ମାମଲାରେ କେତନଙ୍କ ବାଗ୍ଦତ୍ତା ସିୟା ଗୋୟଲ ଓ ତାଙ୍କ କଥିତ ପ୍ରେମିକ ଚେତନ ଚୌଧୁରୀଙ୍କୁ ସାମ୍ନାସାମ୍ନି ବସାଇ ପଚରାଉଚରା କରିଛି। ଦୁହିଁଙ୍କ ବୟାନରେ ଥିବା ଅସଙ୍ଗତି ଓ ଘଟଣାକ୍ରମକୁ ସ୍ପଷ୍ଟ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ପୁଲିସ କହିଛି। ପ୍ରାଥମିକ ତଦନ୍ତ ଅନୁସାରେ, କେତନ ଅଗ୍ରୱାଲ ଓ ସିୟା ଗୋୟଲଙ୍କ ବିବାହ ନିଶ୍ଚିତ ହୋଇଥିଲା। ଉଭୟଙ୍କର ନିର୍ବନ୍ଧ ବି ସରିଥିଲା। କିନ୍ତୁ ପୂର୍ବରୁ ସିୟାଙ୍କ ସହ ଚେତନ ଚୌଧୁରୀଙ୍କ ଘନିଷ୍ଠ ପ୍ରେମ ସମ୍ପର୍କ ଥିଲା। ଏହି ପ୍ରେମ ସମ୍ପର୍କ ହତ୍ୟାର ପ୍ରମୁଖ କାରଣ ବୋଲି ପୁଲିସ ସନ୍ଦେହ କରୁଛି। ତଦନ୍ତକାରୀ ଅଧିକାରୀମାନେ ଉଭୟଙ୍କ ମୋବାଇଲ ଫୋନ୍, କଲ୍ ରେକର୍ଡ ଓ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ ଯାଞ୍ଚ କରୁଛନ୍ତି। ଘଟଣାଟି ପୁଣେ ନିକଟସ୍ଥ ଲୋହଗଡ଼ ଦୁର୍ଗ ଅଞ୍ଚଳରେ ଘଟିଥିଲା। ସେଠାରେ କେତନଙ୍କ ମୃତଦେହ ସନ୍ଦେହଜନକ ପରିସ୍ଥିତିରେ ମିଳିଥିଲା। ପ୍ରଥମେ ଏହା ଏକ ଦୁର୍ଘଟଣା ଭଳି ଲାଗୁଥିଲେ ମଧ୍ୟ, ପରବର୍ତ୍ତୀ ତଦନ୍ତରେ ହତ୍ୟାର ସନ୍ଦେହ ଦୃଢ଼ ହୋଇଥିଲା। ପୁଲିସ ଘଟଣାସ୍ଥଳରୁ ମିଳିଥିବା ପ୍ରମାଣ ଓ ସାକ୍ଷ୍ୟ ଆଧାରରେ ତଦନ୍ତକୁ ଆଗକୁ ବଢ଼ାଇଛି। ଅଧିକାରୀମାନଙ୍କ କହିବା ଅନୁସାରେ, ସାମ୍ନାସାମ୍ନି ପଚରାଉଚରା ବେଳେ ସିୟା ଓ ଚେତନଙ୍କ ବୟାନରେ କେତେକ ଗୁରୁତ୍ୱପୂର୍ଣ୍ଣ ତଫାତ ଦେଖାଯାଇଛି। ଫରେନ୍ସିକ ରିପୋର୍ଟ, ଡିଜିଟାଲ ପ୍ରମାଣ ଓ ପଚରାଉଚରାରୁ ମିଳୁଥିବା

## ପୋଲିସ ଷ୍ଟେସନରେ ଭଙ୍ଗାରୁଜା: ୪୦ ଯବାନଙ୍କ ନାଁରେ ଏତଲା

**ଶ୍ରୀନଗର:** ଜଣେ କମାଣ୍ଡିଂ ଅଫିସର ଓ ଜଣେ ମେଜରଙ୍କ ସମେତ ୪୦ ଜଣ ସେନା ଯବାନଙ୍କ ଅଡୁଆ ବଢ଼ିଛି। ସେମାନଙ୍କ ନାଁରେ ରୁଜୁ ହୋଇଛି ଏଫଆଇଆର। ସେନା ଯବାନମାନେ ଜମ୍ମୁ-କଶ୍ମୀରର କିସ୍ତୱାର ଜିଲ୍ଲାରେ ଥିବା ଗୋଟିଏ ପୁଲିସ୍ ଷ୍ଟେଟନରେ ଧସେଇ ପଶି ଭଙ୍ଗାରୁଜା କରିବା କରିଥିଲେ। ଏଥିସହ ସେଠାରେ ଥିବା ପୁଲିସ୍ କର୍ମଚାରୀଙ୍କୁ ମାଡ଼ ମଧ୍ୟ ମାରିଥିଲେ। ଏବେ ସେମାନଙ୍କ ନାଁରେ ପୁଲିସ୍ କେସ୍ ହୋଇଛି। ଏଫଆଇଆରରେ ପୁଲିସ୍ ୧୭ ରାଷ୍ଟ୍ରୀୟ ରାଇଫଲର କମାଣ୍ଡିଂ ଅଫସମର କର୍ଣ୍ଣେଲ ଏନ ଅରୁଣ ଗାନ୍ଧି, ମେଜର ବିକାଶ ଶର୍ମା, ନାଏବ ସୁବେଦାର ଶଙ୍କର ଗୁରଖେ ଓ ୩୦ରୁ ୪୦ ଅଜଣା ସେନା କର୍ମଚାରୀଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇଛି। ଏମାନେ ଆଠୋଲି ପୁଲିସ୍ ଷ୍ଟେସନରେ ପଶିବା ସହ ସରକାରୀ କର୍ମଚାରୀ ଓ ପୁଲିସ କର୍ମଚାରୀଙ୍କୁ ପ୍ରବଳ ମାଡ଼ ମାରିଥିଲେ।ହତ୍ୟା ଉଦ୍ୟମ ଓ ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରିବା ଭଳି ଦଫାରେ ଅଭିଯୁକ୍ତମାନଙ୍କ ନାଁରେ ମାମଲା ହୋଇଛି। ଏବେ ତଦନ୍ତରେ ପୁଲିସକୁ ସବୁ ପ୍ରକାରର ସହଯୋଗ କରାଯିବ ବୋଲି ସେନା ପକ୍ଷରୁ ସୂଚନା ଦିଆଯାଇଛି। ସେନାର ଜଣେ ମୁଖପାତ୍ର କହିଛନ୍ତି, "ପୂରା ଘଟଣା କିସ୍ତୱାର ସ୍ଥିତ ଆଠୋଲି ପୁଲିସ ଷ୍ଟେସନରେ ରୁଜୁ ଏଫଆଇଆର ସହ ଜଡ଼ିତ। ଏବେ ମମଲାର ଯାଞ୍ଚ ଉପଯୁକ୍ତ ପ୍ରାଧିକୃତ ବ୍ୟବସ୍ଥା ଦ୍ୱାରା କରାଯାଉଛି। ଭାରତୀୟ ସେନା ଆଇନଗତ ପ୍ରକ୍ରିୟାରେ ପୂର୍ଣ୍ଣ ସମର୍ଥନ କରିବ।

## ଡିଜିଟାଲ୍ ଗିରଫଦାରୀ ଧମକ

# ୧୬ ରାଜ୍ୟରେ ସିବିଆଇର ଚଢ଼ାଉ, ୨ ଗିରଫ

**ନୂଆଦିଲ୍ଲୀ:** ଦେଶରେ ଚାଲିଥିବା ଏକ ବଡ଼ ଧରଣର ସଂଗଠିତ ସାଇବର ଅପରାଧ ନେଟୱାର୍କର ପର୍ଦ୍ଦାଫାସ କରିଛି ସିବିଆଇ (କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ)। "ଡିଜିଟାଲ୍ ଗିରଫଦାରୀ"ର ମିଥ୍ୟା ଧମକ ଦେଇ ସାଧାରଣ ଲୋକଙ୍କୁ ଲୁଟୁଥିବା ଏହି ଗ୍ୟାଙ୍ଗକୁ ଧରିବା ପାଇଁ ସିବିଆଇ ଦେଶର ୧୬ଟି ରାଜ୍ୟର ୮୦ରୁ ଅଧିକ ସ୍ଥାନରେ ଏକକାଳୀନ ବ୍ୟାପକ ଚଢ଼ାଉ କରିଛି। ଗୁରୁବାର ଦିନ ସିବିଆଇ ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ, ଏହି ଜାଲ୍ ନେଟୱାର୍କ ଭାରତର ସୁପ୍ରିମକୋର୍ଟର ଏକ ସମ୍ପୂର୍ଣ୍ଣ ନକଲି ବା ଅବିକଳ ଦେଖାଯାଉଥିବା ୱେବସାଇଟ୍ ପ୍ରସ୍ତୁତ କରି ପ୍ରାୟ ୨୦୦ରୁ ଅଧିକ ଲୋକଙ୍କୁ ଲୁଟିଛନ୍ତି। ସୁପ୍ରିମକୋର୍ଟ ରେଜିଷ୍ଟ୍ରିରୁ ମିଳିଥିବା ଏକ ସରକାରୀ ଅଭିଯୋଗକୁ ଆଧାର କରି ସିବିଆଇ ଏହି ମାମଲାରେ ଏଫଆଇଆର ରୁଜୁ କରିବା ସହ ଅନୁସନ୍ଧାନ ପ୍ରକ୍ରିୟା ଆରମ୍ଭ କରିଥିଲା। ଏହି ସାଇବର ଅପରାଧୀମାନେ ସୁପ୍ରିମକୋର୍ଟର ଅଫିସିଆଲ୍ ୱେବସାଇଟ୍ ଭଳି ଡୋମେନ୍ ବ୍ୟବହାର କରି ପୀଡ଼ିତମାନଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଗିରଫଦାରୀର ଭୟ ଦେଖାଉଥିଲେ। ସେମାନଙ୍କର ଏହି ପ୍ରତାରଣାକୁ ସତ ପ୍ରମାଣିତ କରିବା ପାଇଁ ଅଭିଯୁକ୍ତମାନେ ସେହି ନକଲି ୱେବସାଇଟରେ କୋର୍ଟଙ୍କ ଜାଲ୍ ଆଦେଶନାମା ଏବଂ ବିଭିନ୍ନ କେନ୍ଦ୍ରୀୟ ତଦନ୍ତ ସଂସ୍ଥାର ନକଲି ଚିଠି ପତ୍ର ମଧ୍ୟ ଅପଲୋଡ୍ କରୁଥିଲେ। ଏହି ଆନ୍ତଃରାଜ୍ୟ ନେଟୱାର୍କର ମୂଳପୋଛ କରିବା ଲାଗି ସିବିଆଇ ପକ୍ଷରୁ "ଅପରେସନ୍ ଚକ୍ର-ଭିଆଇ" ଅଧୀନରେ ୬୦ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଓଡ଼ିଶା, ପଞ୍ଜାବ, ଗୁଜରାଟ, ଦିଲ୍ଲୀ, ମହାରାଷ୍ଟ୍ର, ହରିୟାଣା, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ, ଆସାମ, ପଶ୍ଚିମବଙ୍ଗ, ମଣିପୁର ଏବଂ କର୍ଣ୍ଣାଟକରେ ଏକ ସମୟରେ ଚଢ଼ାଉ କରାଯାଇଥିଲା। ଏହି ବେଆଇନ ଅଭିଯାନ ସମୟରେ ଚେନ୍ନାଇର ବି. ନରେଶ ଓ କୋଲକାତାର ସଞ୍ଜିବ ସାହାଙ୍କୁ ସିବିଆଇ ଗିରଫ କରିଛି। ଏହି ଦୁଇ ଅଭିଯୁକ୍ତ ବିଭିନ୍ନ ନକଲି "ସେଲ୍ କମ୍ପାନୀ" ତିଆରି କରିବା ସହ ଅନ୍ୟମାନଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ଠକେଇର ପ୍ରାୟ ୨ କୋଟିରୁ ଅଧିକ ଟଙ୍କାର କଳାଧନକୁ ଧଳା କରୁଥିଲେ।

# ମହା ବିକାଶ ଅଘାଡ଼ିରେ ଫାଟ: ବୈଠକକୁ ଆସିଲେନି ୨୩ ବିଧାୟକ

**ମୁମ୍ବାଇ:** ମହାରାଷ୍ଟ୍ରର ବିରୋଧୀ ମେଣ୍ଟ ମହା ବିକାଶ ଅଘାଡ଼ିରେ ୬୦ ଜଣ ବିଧାୟକ ଥିଲେ ହେଁ ଜରୁରୀ ବୈଠକକୁ ୨୩ ଜଣ କରିଛନ୍ତି ବୟକଟ।ଏପରି କି ମେଣ୍ଟରେ ଥିବା ଏନସିପି ବସ୍ ଶରଦ ପାୱାର ଓ ବରିଷ୍ଠ ନେତା ଜୟନ୍ତ ପାଟିଲ ମଧ୍ୟ ବ୍ୟକ୍ତିଗତ କାରଣରୁ ବୈଠକରେ ଯୋଗ ଦେଇ ନାହାନ୍ତି। କେବଳ ଏହି ଦୁଇ ହେଭିୱେଟ ନୁହନ୍ତି, କଂଗ୍ରେସ ନେତା ନାନା ପାଟୋଲେ ଓ ବିଜୟ ୱାଡେଟିୱାରଙ୍କ ଅନୁପସ୍ଥିତ ମଧ୍ୟ ଦେଖିବାକୁ ମିଳିଛି। ତେବେ ବୈଠକରେ କଂଗ୍ରେସର ମହାରାଷ୍ଟ୍ର ମୁଖ୍ୟ ହର୍ଷବର୍ଦ୍ଧନ ସପକଲ ଓ ଠାକେର ସେନାର ସଙ୍କଟମୋଚକ ସଞ୍ଜୟ ରାଉତ କିନ୍ତୁ ବୈଠକରେ ଉପସ୍ଥିତ ରହିଥିଲେ। ଗତ ସପ୍ତାହରେ ଠାକରେ ସେନାର ୬ ଜଣ ସାଂସଦ ବିଦ୍ରୋହ ଘୋଷଣା କରି ଏକନାଥ ସିନ୍ଦେଙ୍କ ସହ ହାତ ମିଳାଇ ଥିଲେ। ଏବେ ଏମଭିଏରେ ଏପରି ଘଟଣା ବିରୋଧୀ ମେଣ୍ଟର




ଚିନ୍ତା ବଢ଼ାଇ ଦେଇଛି। ଏହାକୁ ନେଇ ଉଦ୍ଧବ ଠାକରେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। କ'ଣ ଆମେ ସତରେ ଏକାଠି ଅଛୁ ବୋଲି ସେ ପ୍ରଶ୍ନ କରିଛନ୍ତି। ୪ ବର୍ଷ ମଧ୍ୟରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଠାକେରଙ୍କ ଦଳ ଦୁଇ ଥର ଭାଙ୍ଗି ସାରିଲାଣି। ଏଥିପାଇଁ ସେ ନିଜ ନେତା ଓ ସହଯୋଗୀମାନଙ୍କୁ ଯେଉଁ ସଦସ୍ୟମାନେ ରହିଛନ୍ତି, ସେମାନଙ୍କ ଉପରେ ଫୋକସ କରିବାକୁ ନିବେଦନ କରିଛନ୍ତି। ଯେଉଁମାନେ ଚାଲି ଯାଇଛନ୍ତି, ସେମାନଙ୍କୁ ଛାଡ଼ି ଦିଆଯାଉ ବୋଲି ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ଏହାପରେ ସେ କହିଛନ୍ତି ଯେ "ଏମଭିଏ ହିସାବରେ ଆମେ ଗୋଟିଏ ପ୍ରମୁଖ ଗୋଷ୍ଠୀ। ଆମକୁ ଏକାଠି କାମ କରିବାକୁ ପଡ଼ିବ। ମିଳିତ ଭାବେ ମିଟିଂ ଓ ଶୋଭାଯାତ୍ରା କରିବାକୁ ହେବ। ଆମେ କହୁଛେ ଯେ ଆମେ ଏକାଠି ଅଛୁ। କିନ୍ତୁ ସତରେ ଆମେ ଏକାଠି ଅଛୁ? ଗୃହରେ ଆମେ ମହା ବିକାଶ ଅଘାଡ଼ି ଭାବେ ଏକାଠି କାମ କରୁଛୁ? କ'ଣ ଆମେ ଏକାଠି ପ୍ରସଙ୍ଗ ଉଠାଉଛୁ?" ବୈଠକରେ ୬ ବିଦ୍ରୋହୀ ସାଂସଦଙ୍କ ସମ୍ପର୍କରେ କିଛି ବି ଆଲୋଚନା ହୋଇନାହିଁ। ଉଦ୍ଧବ ଠାକରେଙ୍କ ପୁଅ ଆଦିତ୍ୟ ଗୁରୁବାର କହିଛନ୍ତି, "ବୁଧବାର ବୈଠକରେ କିଛି ବିଧାୟକ ଅନୁପସ୍ଥିତ ଥିଲେ। କିନ୍ତୁ ସେମାନେ ଏହାର କାରଣ ଜଣାଇଛନ୍ତି। ପାୱାର ସାହେବ ବ୍ୟସ୍ତ ଅଛନ୍ତି। ମୁଁ ସର୍ବସମ୍ମୁଖରେ ଆମ ରଣନୀତିର ଖୁଲାସା କରିବି ନାହିଁ।"

ଫିଫା ବିଶ୍ୱକପ

# ବ୍ରାଜିଲର ଦମଦାର ବିଜୟୀ

ନ୍ୟୁୟର୍କ,୨୫।୬(ଏଜେନ୍ସି): ଫିଫା ବିଶ୍ୱକପ-୨୦୨୬ର ଅନ୍ତିମ ମ୍ୟାଚରେ ବ୍ରାଜିଲ ନିଜର ଦବଦବା ଜାରି ରଖିଛି । ହାର୍ଡରକ ଷ୍ଟାଡିୟମରେ ସ୍କଟଲାଣ୍ଡକୁ ଏକତରଫା ଭାବେ ୩-୦ ଗୋଲରେ ପରାସ୍ତ କରି ବ୍ରାଜିଲ ଗ୍ରୁପ ବିଜେତା ଭାବେ ନକଆଉଟରେ ପ୍ରବେଶ କରିଛି । ଏହି ମ୍ୟାଚରେ ଭିନିସିୟସ ଜୁନିୟର ଦୁଇଟି ଗୋଲ୍ କରିଥିବା ବେଳେ ନେମାର ବିଶ୍ୱ ମଞ୍ଚକୁ ଫେରିଛନ୍ତି ।

ପ୍ରଥମ ଗୋଲ ମାତ୍ର ୭ ମିନିଟରେ ହୋଇଥିଲା । ଭିନିସିୟସ ଜୁନିୟର ଅତି ଚମତ୍କାର ଭାବେ ବଲକୁ ନେଟ ଭିତରକୁ ପଠାଇ ବ୍ରାଜିଲକୁ ୧-୦ରେ ଆଗୁଆ କରିଥିଲେ । ଦ୍ୱିତୀୟ ଗୋଲ ପ୍ରଥମାଦ୍ଧର୍ ବ୍ରେକର ଇଞ୍ଜୁରୀ ସମୟରେ ହୋଇଥିଲା । ବ୍ରୁନୋ ଗୁଇମାରେସଙ୍କ ଏକ ନିଖୁଣ କ୍ରସକୁ ହେଡର ମାଧ୍ୟମରେ ଭିନିସିୟସ ଗୋଲରେ ପରିଣତ କରିଥିଲେ । ଏହି ଦୁଇଟି ଗୋଲ ସହିତ ଭେନିସିୟସ ଗତ ୨୪ ବର୍ଷ ମଧ୍ୟରେ ପ୍ରଥମ ବ୍ରାଜିଲିୟ ଖେଳାଳି ଭାବେ ବିଶ୍ୱକପର ୩ଟି ଯାକ ଗ୍ରୁପ ମ୍ୟାଚରେ ଗୋଲ କରିବାର ରେକର୍ଡ କରିଛନ୍ତି । ସେ ରୋନାଲ୍ଡୋ, ରିଭାଲ୍ଡୋ ଏବଂ ରୋମାରିଓଙ୍କ ଭଳି କିମ୍ବଦନ୍ତୀ ଖେଳାଳି ତାଲିକାରେ ସାମିଲ ହୋଇଛନ୍ତି ।

ମ୍ୟାଚର ୭୬ତମ ମିନିଟରେ ମାଥିଆସଙ୍କ ବଦଳରେ ନେମାର ପଡିଆକୁ ଓହ୍ଲାଇଥିଲେ ୨୦୨୨ କାତାର ବିଶ୍ୱକପ କ୍ୱାର୍ଟରଫାଇନାଲ ପରେ ନେମାର ବିଶ୍ୱକପ ଖେଳିଛନ୍ତି । ୨୦୨୩ ଅକ୍ଟୋବରରେ ଆହତ ହେବା ପରେ ସେ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ଫୁଟବଲକୁ ଫେରିଛନ୍ତି । ମାଥିଆସ ଦଳ ପକ୍ଷରୁ ତୃତୀୟ ଗୋଲ କରି ବ୍ରାଜିଲ ବିଜୟ ସୁନିଶ୍ଚିତ କରିଥିଲେ । ବ୍ରାଜିଲ ବର୍ତ୍ତମାନ ପୂର୍ଣ୍ଣ ଲୟରେ ଅଛି । ସମସ୍ତ ଗ୍ରୁପ ପର୍ଯ୍ୟାୟରେ ଦଳ ଗୋଲ କରିଥିବା ବେଳେ ନକଆଉଟ ପର୍ଯ୍ୟାୟରେ ବ୍ରାଜିଲର ଖେଳ ଦେଖିବା ବେଶ ରୋମାଞ୍ଚକର ହେବ ।




## ମେସି ଖେଳିବେ କି ୨୦୩୦ ଫିଫା ବିଶ୍ୱକପ ?

ନୂଆଦିଲ୍ଲୀ,୨୫।୬(ଏଜେନ୍ସି): ଆର୍ଜେଣ୍ଟିନାର ଫୁଟବଲ କିମ୍ବଦନ୍ତୀ ଲିଓନେଲ ମେସିଙ୍କୁ ୩୯ ଛୁଇଁଲାଣି । ତଥାପି ପୂର୍ବଭଳି ମେସିଙ୍କ ଜୋସ ଜାରି ରହିଛି । ଏତେ ବର୍ଷ ପରେ ବି ସେ ଥକି ନାହାନ୍ତି । ଯୁବ ଖେଳାଳି ତାଙ୍କ ଆଗରେ ଫିକା ପଡିଯାଉଛନ୍ତି । ଗତଥର ଫିଫା ବିଶ୍ୱକପରେ ସେ ଦଳକୁ ଚାମ୍ପିଅନ କରିଥିଲେ । ଏଥର ମଧ୍ୟ ଆର୍ଜେଣ୍ଟିନା ଚାମ୍ପିଅନ ଦଳ ଭଳି ଖେଳୁଛି । ଏହା ମେସିଙ୍କ ଶେଷ ବିଶ୍ୱକପ ବୋଲି କୁହାଯାଉଛି । ତେବେ ସେ ୨୦୩୦ ବିଶ୍ୱକପ ଖେଳିପାରିବେ ବୋଲି ପ୍ରଶଂସକ କହିଛନ୍ତି । ଅନ୍ୟ ଦିଗରେ ନିଜର ଅବସର ବାବଦରେ ମେସି ଅନେକ କଥା କହିଛନ୍ତି । ସେ ବର୍ତ୍ତମାନ ଖେଳ ଓ ଟୁର୍ଣ୍ଣାମେଣ୍ଟ ଉପରେ ଫୋକସ କରୁଛନ୍ତି । ଯେତେ ଦିନ ଯାଏ ନିଜେ ଫିଟ ଥିବେ ସେବେ ଯାଏ ଖେଳିବେ । ଏହା ସହ ଦଳ ଓ ଅନ୍ୟ ଖେଳାଳିଙ୍କୁ ଷ୍ଟାଡିୟମରେ ସାହାର୍ଯ୍ୟ କରିପାରିବେ । ୨୦୩୦ ବିଶ୍ୱକପକୁ ସେ କହିଛନ୍ତି ମୁଁ ନିଜେ ଜାଣି ନାହିଁ ଆଗକୁ କଣ ହେବ । ୨୦୩୦ ବହୁ ଦୂରରେ ଅଛି । ମୁଁ ବର୍ତ୍ତମାନରେ ବଞ୍ଚିବାକୁ ଭଲ ପାଏ । ତେଣୁ ବର୍ତ୍ତମାନର ଖେଳ ଉପରେ ଅଧିକ ଫୋକସ କରୁଛି ।

ଚଳିତ ବିଶ୍ୱକପରେ ଆର୍ଜେଣ୍ଟିନା ଅଧିନାୟକ ମେସି ରେକର୍ଡ ଭାଙ୍ଗିଛନ୍ତି । ଜର୍ମାନୀର ମିରୋସ୍ଲାଭ କ୍ଲୋଜଙ୍କ ନାଁରେ ୧୨ ବର୍ଷ ଧରି ରହିଥିବା ସର୍ବାଧିକ ବିଶ୍ୱକପ ଗୋଲ ରେକର୍ଡ ମେସି ଭାଙ୍ଗିଛନ୍ତି । ଅ[illegible]ପକ୍ଷ ମ୍ୟାଚରେ ମେସି ଦୁଇଟି ଗୋଲ କରିଛନ୍ତି । ତେଣୁ ଆର୍ଜେଣ୍ଟିନା ୨-୦ରେ ବିଜୟୀ ହୋଇ ନକଆଉଟରେ ପ୍ରବେଶ କରିଛି । ବିଶ୍ୱକପରେ ମେସିଙ୍କ ଗୋଲସଂଖ୍ୟା ୧୮ ରେ ପହଞ୍ଚିଛି । ବିଶ୍ୱକପ ପୂର୍ବରୁ ମେସି ୧୩ଟି ଗୋଲ କରିଥିଲେ । ଆଲଜେରିଆ ବିପକ୍ଷ ପ୍ରଥମ ମ୍ୟାଚରେ ସେ ହ୍ୟା[illegible]କ ଏବଂ ଅ[illegible]ପକ୍ଷରେ ଆଉ ଦୁଇଟି ଗୋଲ କରି ନୂଆ ରେକର୍ଡ କରିଥିଲେ ।



## ଫାଉଲ ମାରି ଗୋଡ ଭାଙ୍ଗିଥିଲେ, ଏବେ ୫ ମ୍ୟାଚରୁ ବାସନ୍ଦ



ନୂଆଦିଲ୍ଲୀ,୨୫।୬(ଏଜେନ୍ସି): ଫିଫା । ବିଶ୍ୱକପର ଏକ ମ୍ୟାଚରେ କାତାର ଆସୀମ ମାଦିବୋ ଫାଉଲମାରି କାନାଡାର ମିଡ଼ଫିଲ୍ଡର ଇସ୍ମାଇଲ କୋନୋଙ୍କ ଗୋଡ ଭାଙ୍ଗି ଦେଇଥିଲେ । ଘଟଣା ପରେ କୋନୋଙ୍କ ସର୍ଜରୀ ହୋଇଛି । ସେ ଚଳିତ ବିଶ୍ୱକପରୁ ମଧ୍ୟ ବାଦ ପଡିଛନ୍ତି । ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଫିଫା । ବିପଦଜନକ ଫାଉଲ ମାରିଥିବା ମାଦିବୋଙ୍କୁ ଫିଫା ଆଗାମୀ ୫ଟି ମ୍ୟାଚରୁ ବାସନ୍ଦ କରିଛି । କାନାଡାର ଭାଙ୍କୋଭର ଗତ ସପ୍ତାହରେ ଖେଳାଯାଇଥିବା ମ୍ୟାଚରୁ କାନାଡା ୬-୦ ଗୋଲରେ କାତାରକୁ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଥିଲା । ଏହି ବିଜୟ କାନାଡା ଖେଳାଳି କାନୋଙ୍କ ଭୟଙ୍କର ଆହତ ସମସ୍ୟା ପାଇଁ କିଛି ମାତ୍ରାରେ ଫିକ୍କା ପଡିଯାଇଥିଲା । ଏହି ମ୍ୟାଚରେ ହିଁ ଫାଉଲ ଯୋଗୁଁ କାନେଙ୍କ ଗୋଡ ଏକାଧିକ ଖଣ୍ଡ ହୋଇଥିଲା । ଏହି ବିପଦଜନକ ଟାକେଲ ପାଇଁ ରେଫରୀ ମାଦିବୋଙ୍କୁ ରେଡକାର୍ଡ ଦେଖାଇ ପଡିଆକୁ ବାହାର କରିଦେଇଥିଲେ । ମ୍ୟାଚ ଶେଷ ହେବାପରେ କାତାର ଖେଳାଳି ବ୍ୟକ୍ତିଗତ ଭାବେ କାନେଙ୍କୁ ଭେଟି ଦୁଃଖପ୍ରକାଶ କରିଥିଲେ । ଏହି ଘଟଣାର ସମୀକ୍ଷା ପରେ ଫିଫାର ଶୃଙ୍ଖଳା କମିଟି ବୁଧବାର ମାଦିବୋଙ୍କୁ ଫାଉଲ ପାଇଁ ୫ଟି ମ୍ୟାଚରୁ ବାସନ୍ଦ କରିଛି । କାତାର ପକ୍ଷରୁ ଏହି ନିଷ୍ପତ୍ତି କରିବାର ସୁଯୋଗ ଥିଲେ ମଧ୍ୟ ଦଳ କୌଣସି ପ୍ରତିକ୍ରିୟା ଦେଇନାହିଁ । ଅନ୍ୟପକ୍ଷରେ ୫ ମ୍ୟାଚର ବାସନ୍ଦ ଯଦିଓ କଠୋର, କିନ୍ତୁ ଏହା ବିଶ୍ୱକପ ଇତିହାସରେ ସବୁଠାରୁ ବଡ଼ ଦଣ୍ଡ ନୁହେଁ । ୨୦୧୪ ବ୍ରାଜିଲରେ ଆୟୋଜିତ ବିଶ୍ୱକପର ଗୋଟିଏ ମ୍ୟାଚରେ ଉରୁଗୁଏର ଲୁଇସ ସୁଆରେଜ ଇଟାଲୀ ଡିଫେଣ୍ଡର ଜର୍ଜିଓ କିଏଲିନିଙ୍କୁ କାମୁଡି ଦେବାରୁ ୯ଟି ମ୍ୟାଚରୁ ବାସନ୍ଦ ହୋଇଥିଲେ । ଏଥିପାଇଁ ତାଙ୍କୁ ୪ ମାସ ଯାଏଁ ସମସ୍ତ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ କୁହାଯାଇଥିଲା । ସେହିପରି ୧୯୯୪ ବିଶ୍ୱକପର ଇଟାଲୀର ଡିଫେଣ୍ଡର ମାଉରୋ ଟାସୋଟି, ସ୍ପେନର ଏନ୍ରିକେଙ୍କ ନାକକୁ କହୁଣୀମାରୀ ଭାଙ୍ଗି ଦେବାରୁ ତାଙ୍କୁ ୮ଟି ମ୍ୟାଚରୁ ବାସନ୍ଦ କରାଯାଇଥିଲା ।

## ଦ.ଆଫ୍ରିକାକୁ ଐତିହାସିକ ସଫଳତା



ନୂଆଦିଲ୍ଲୀ,୨୫।୬(ଏଜେନ୍ସି): ଫିଫା ବିଶ୍ୱକପରେ ଦ.ଆଫ୍ରିକା ନୂଆକୀର୍ତ୍ତିମାନର ସ୍ଥାପନ କରୁଛି । ଆଦୌ ବିଶ୍ୱକପର ନକଆଉଟରେ ପ୍ରବେଶ କରିନଥିବା ଦ.ଆଫ୍ରିକା ଏଥର ସ୍ୱପ୍ନ ସାକ୍ଷାର କରିଛି । ଦଳ ରାଉଣ୍ଡ-୩୨ରେ ପ୍ରବେଶ କରିବାକୁ ଯୋଗ୍ୟତା ଅର୍ଜନ କରିଛି । ଗ୍ରୁପ ପର୍ଯ୍ୟାୟର ଶେଷ ମ୍ୟାଚରେ ଦ.ଆଫ୍ରିକା ୧-୦ ଗୋଲରେ ଦ.କୋରିଆକୁ ହରାଇଥିଲା । ଏହି ଅପ୍ରତ୍ୟାସିତ ବିଜୟ ପରେ ଦ.ଆଫ୍ରିକା ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହି ଶ୍ରେଷ୍ଠ ୩୨ ଯୋଗ୍ୟତା ଅର୍ଜନ କରିଛି । ମେକ୍ସିକୋ ବିପକ୍ଷ ପ୍ରଥମ ମ୍ୟାଚର ୧୦ ଦିନ ପୂର୍ବରୁ ୧୦ ଆଫ୍ରିକା ଟୁର୍ଣ୍ଣାମେଣ୍ଟର ଅଂଶଗ୍ରହଣ କରିବ କି ନାହିଁ ଜାଣିନଥିଲା । ପ୍ରଶାସନିକ ବିଫଳତା ଓ ଭିସାରେ ବିଳମ୍ବ ଯୋଗୁଁ ଦଳରେ ଅନିଶ୍ଚିତତା ସୃଷ୍ଟି ହୋଇଥିଲା । ଉତ୍ତର ଆମେରିକାରେ ପହଞ୍ଚିବା ପରେ ଖେଳାଳିମାନେ ଠିକ ଭାବେ ଅଭ୍ୟାସ ମଧ୍ୟ କରିନଥିଲେ । ସବୁ ଘାତ ପ୍ରତିଘାତ ସତ୍ତ୍ୱେ ଦ.ଆଫ୍ରିକା ବିଶ୍ୱକପ ଆସିଥିଲା । ହେଲେ ଦଳ ଠିକ୍ ଭାବେ ପ୍ରସ୍ତୁତ ହୋଇନଥିବା ମେକ୍ସିକୋ ବିପକ୍ଷ ମ୍ୟାଚରୁ ସ୍ପଷ୍ଟ ରହିଥିଲା । ପ୍ରଥମ ମ୍ୟାଚରେ ଦଳର ୨ ଜଣ ଖେଳାଳିଙ୍କୁ ରେଡକାର୍ଡ ମିଳିଥିଲା । ପ୍ରଥମେ ସିଥୋଲେଙ୍କୁ ଫାଉଲ ପାଇଁ ରେଡକାର୍ଡ ମିଳିଥିଲା । ପରେ ଜ୍ୱାନେ ଜଣେ ମେକ୍ସିକୋ ଖେଳାଳିଙ୍କ ମୁହଁକୁ ଆଘାତ ଦେଇଥିବାରୁ ତାଙ୍କୁ ମଧ୍ୟ ରେଡକାର୍ଡ ଦିଆଯାଇଥିଲା । ଏହି ଘଟଣାକୁ ଗୁରୁତର ଭାବେ ଅପରାଧ କରି ଜ୍ୱାନୋଙ୍କୁ ୩ଟି ମ୍ୟାଚ ପାଇଁ ବାସନ୍ଦ କରିଥିଲା । ଦ.ଆଫ୍ରିକା ଗତ ୩ଟି ଯାକ ବିଶ୍ୱକପରେ ଯୋଗ୍ୟତା ହାସଲ କରିବାକୁ ସୁଯୋଗ ପାଇନଥିଲା । ୧୬ ବର୍ଷ ପରେ ଦଳ ବିଶ୍ୱକପ ଖେଳୁଥିବା ବେଳେ ପ୍ରଶିକ୍ଷକ ହୁଗୋ ବ୍ରୁସ ନିଜ ଦଳକୁ ଐତିହାସିକ ସଫଳତା ଆଣି ଦେଇଛନ୍ତି ।



## ପତ୍ନୀ, ବାନ୍ଧବୀଙ୍କ ସହ ହୋଟେଲରେ ଖେଳାଳି

ନୂଆଦିଲ୍ଲୀ,୨୫।୬(ଏଜେନ୍ସି): ଫିଫା ବିଶ୍ୱକପରେ ଦଳ କିପରି ଭଲ ପ୍ରଦର୍ଶନ କରିବ ସେଥିପାଇଁ ଫେଡେରେସନ ଗୁଡିକ କଠୋର ନିୟମ ଲାଗୁ କରିଥାନ୍ତି । ଯାହା ଫଳରେ ଖେଳାଳି କେବଳ ମ୍ୟାଚ ଉପରେ ଫୋକସ କରିବେ । ଏଥିପାଇଁ କେତେକ ଦଳ ପତ୍ନୀ, ପରିବାର ସଦସ୍ୟ ଓ ବାନ୍ଧବୀଙ୍କ ସହ ଏକତ୍ର ରହିବା ଉପରେ କଟକଣା ଲାଗୁ କରିଛନ୍ତି । ତେବେ କୁରାକାଓ ଦଳ ଏସବୁ ଠାରୁ ଭିନ୍ନ । ଖେଳାଳିମାନେ ଚାପର ବଶିଭୂତ ନହୋଇ କିପରି ଭଲ ପ୍ରଦର୍ଶନ କରିବେ ସେଥିପ୍ରତି ଯତ୍ନବାନ ହୋଇଛି ଦଳ । ଖେଳାଳିମାନେ ସେମାନଙ୍କ ପତ୍ନୀ, ବାନ୍ଧବୀ ଓ ପ୍ରିୟବ୍ୟକ୍ତିଙ୍କ ସହ ହୋଟେଲରେ ରହିବା ପାଇଁ ଅନୁମତି ପାଇଛନ୍ତି । ଫିଫା ବିଶ୍ୱକପରେ ସବୁଠାରୁ ଛୋଟ ଦେଶ ଭାବେ ଏହି ଦଳ ଅଂଶଗ୍ରହଣ କରିଛି । ଏହାର ଜନସଂଖ୍ୟା ୧ ଲକ୍ଷ ୫୦ରୁ ଉର୍ଦ୍ଧ୍ୱ । ଗ୍ରୁପ ପର୍ଯ୍ୟାୟରେ ଦଳ ୧ ପଏଣ୍ଟ ହାସଲ କରି ନିମ୍ନ ସ୍ଥାନରେ ରହିଛି । ଜର୍ମାନୀ ନିକଟରୁ ୭-୧ ଗୋଲରେ ହାରିବା ପରେ କୁରାକାଓ ଦଳ ୧-୧ ଗୋଲରେ ଇକ୍ୱେଡର ସହ ମ୍ୟାଚ ଡ୍ର' ରଖିଥିଲା । ଶେଷ ମ୍ୟାଚରେ ଆଇଭରି କୋଷ୍ଟକୁ ଭେଟିବ କୁରାକାଓ ।

---

ପ୍ରଥମ ଅନଅଫିସିଆଲ ଟେଷ୍ଟ

## ସୁଦର୍ଶନଙ୍କ ଶତକ, ଧ୍ରୁବ- ରସିଦଙ୍କ ଅର୍ଦ୍ଧଶତକ: ଭାରତ ଏ' ୩୩୩/୪

ଗାଲେ,୨୫।୬(ଏଜେନ୍ସି): ଶ୍ରୀଲଙ୍କା ଏ' ବିପକ୍ଷ ପ୍ରଥମ ଅନଅଫିସିଆଲ ଟେଷ୍ଟର ପ୍ରଥମ ଦିନ ଭାରତ ଏ' ଜମାଣିଆ ପ୍ରଦର୍ଶନ ଦେଖାଇଛି । ଓପନର ସାଇ ସୁଦର୍ଶନଙ୍କ ଶତକ ସାଙ୍ଗକୁ ଅଧିନାୟକ ଧ୍ରୁବ ଜୁରେଲ ଓ ସେଖ ରସିଦଙ୍କ ଅର୍ଦ୍ଧଶତକ ଇନିଂସ ଚର୍ଚ୍ଚାରେ ରହିଛି । ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଧା ଭାରତ ଏ' ୮୬ ଓଭରରେ ୪ ୱିକେଟ୍ ହରାଇ ୩୩୩ ରନ କରିଛି । ଧ୍ରୁବ ଜୁରେଲ ୬୮ ଓ ସେଖ ରସିଦ ୫୩ ରନ କରି ଅପରାଜିତ ଅଛନ୍ତି । ଶ୍ରୀଲଙ୍କା ଏ'ର ଦିଲୁମ ସୁଦେରା ସର୍ବାଧିକ ୨ ୱିକେଟ୍ ସଫଳତା ପାଇଛନ୍ତି ।

ଟସ ଜିତି ଭାରତ ଏ' ଅଧିନାୟକ ଧ୍ରୁବ ଜୁରେଲ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ସାଇ ସୁଦର୍ଶନଙ୍କ ସହ ଆୟୁଷ ପାଣ୍ଡେ ଇନିଂସ ଓପନ କରିଥିଲେ । ପ୍ରଥମ ୱିକେଟ୍ ପାଇଁ ୮୨ ରନର ପାର୍ଟନରସିପ ହୋଇଥିଲା । ଆୟୁଷ ଅବଶ୍ୟ ଦୀର୍ଘ ସମୟ ପଡିଆରେ ରହି ୬୪ ବଲର ସମ୍ମୁଖୀନ ହୋଇଥିଲେ ମଧ୍ୟ ବଡ଼ ସ୍କୋର କରିବାକୁ ସକ୍ଷମ ହୋଇନଥିଲେ । ସେ ୩ଟି ଚୌକା ସହ ୨୫ ରନ କରିଥିଲେ । କିନ୍ତୁ ସାଇ ସୁଦର୍ଶନଙ୍କ ବ୍ୟାଟରୁ ଶତକୀୟ ଇନିଂସ ଦେଖିବାକୁ ମିଳିଥିଲା । ସେ ୧୭୫ ବଲରୁ ୧୯ ଚୌକା ସହାୟତାରେ ୧୩୨ ରନ୍ କରିଥିଲେ । ଦେବଦୂତ ପଡିକାଲ ୧୨, ଋତୁରାଜ ଗାଏକ୍ୱାର୍ଡ ୫୩ ବଲରୁ ୨୨ ରନ କରି ଆଉଟ୍ ହୋଇଥିଲେ । ମଧ୍ୟମକ୍ରମରେ ଧ୍ରୁବ ଜୁରେଲ ଓ ସେଖ ରସିଦ ସ୍ଥିତି ସମ୍ଭାଳି ଥିଲେ । ଜୁରେଲ ୧୩୮ ବଲରୁ ୬୮ ରନ ଏବଂ ରସିଦ ୯୨ ବଲରୁ ୫୩ ରନ କରି ଅପରାଜିତ ଅଛନ୍ତି ।

---

ଏସିଆନ୍ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ

## ଇତିହାସ ରଚିଲେ ହର୍ଷିତ, ଅକ୍ଷତ

ନୂଆଦିଲ୍ଲୀ,୨୫।୬(ଏଜେନ୍ସି): ଏସିଆନ୍ ଜୁନିୟର ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପରେ ଭାରତର ହର୍ଷିତ ଦାମୋଦରନ ଓ ଅକ୍ଷତ ବଜାଜ ପଦକ ଜିତି ଇତିହାସ ରଚିଛନ୍ତି । ହର୍ଷିତ ସ୍ୱର୍ଣ୍ଣ ଓ ଅକ୍ଷତ ରୌପ୍ୟ ଜିତିଛନ୍ତି । ପ୍ରଥମଥର ପାଇଁ ଭାରତ ଏହି ଚାମ୍ପିଅନସିପରେ ଭାରତ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଛି । ସ୍ୱର୍ଣ୍ଣ ପଦକ ପାଇଁ ଭାରତର ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା । ଶେଷରେ ହର୍ଷିତ ବାଜି ମାରିଥିଲେ । ସେ ୧୩.୬୪୯ ସ୍କୋର କରିଥିବା ବେଳେ ଅକ୍ଷତ ୧୩.୪୩୩ ସ୍କୋର ସହ ଦ୍ୱିତୀୟରେ ରହିଥିଲେ । କୋଚ ରାକେଶ ପାତ୍ର ଭାରତୀୟଙ୍କ ପ୍ରଦର୍ଶନକୁ ନେଇ ସନ୍ତୋଷବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଏହା ପୂର୍ବରୁ ଭୁବନେଶ୍ୱରରେ ଆୟୋଜିତ ଜାତୀୟ ଶିବିରରେ ଦୁହେଁ କଡ଼ା ଅଭ୍ୟାସ କରିଥିଲେ । ଭାରତୀୟ ଜିମ୍ନାଷ୍ଟିକ୍ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡାରେ ନିଶ୍ଚିତ ଭାବେ ପଦକ ଜିତିବେ ବୋଲି କୋଚ ରାକେଶ ପାତ୍ର ଆଶାବ୍ୟକ୍ତ କରିଛନ୍ତି ।





ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.




ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିଅନସିପ୍ କଳିଙ୍ଗ ଷ୍ଟାଡିୟମରେ ଜାରି ରହିଛି । ଗୁରୁବାର ପଦକ ପ୍ରଦାନ ଉତ୍ସବରେ ରାଜ୍ୟର ପରିଚିତ ଅଲିମ୍ପିଆନ୍ ଡ. ଅନୁରାଧା ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ । ତାଙ୍କ ସହ ଉପସ୍ଥିତ ଥିଲେ ଅନ୍ୟତମ ଅଲିମ୍ପିଆନ ପରମଜିତ ସିଂ । ଦୁହେଁ କୃତି ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରି ଉତ୍ସାହ ବଢ଼ାଇଛନ୍ତି ।

## ସଞ୍ଜୁ ନା ଅଭିଶେକ ?

ନୂଆଦିଲ୍ଲୀ,୨୫।୬(ଏଜେନ୍ସି): ଭାରତ ଏବଂ ଆୟର୍ଲାଣ୍ଡ ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳା ଶୁକ୍ରବାର ଠାରୁ ଆରମ୍ଭ ହେବ । ଏହା ପୂର୍ବରୁ ୧୫ ବର୍ଷୀୟ ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କ ସମ୍ଭାବ୍ୟ ଅନ୍ତର୍ଜାତୀୟ ପଦାର୍ପଣକୁ ନେଇ ସବୁଠୁ ବଡ ଚର୍ଚ୍ଚା ଚାଲିଛି । ଆଇପିଏଲ ଏବଂ ଇଣ୍ଡିଆ ଏ' ପାଇଁ ଚମତ୍କାର ପ୍ରଦର୍ଶନ ପାଇଁ ତାଙ୍କର ଖେଳିବା ପ୍ରାୟ ନିଶ୍ଚିତ ମନେ କରାଯାଉଛି । ଏଥିପାଇଁ ଚୂଡାନ୍ତ ଏକାଦଶରୁ ସଞ୍ଜୁ ସାମସନ, ଅଭିଶେକ ଶର୍ମା କିମ୍ବା ଇଶାନ କିଷାନଙ୍କ ମଧ୍ୟରୁ ଜଣକୁ ବାହାରେ ବସିବାକୁ ପଡିପାରେ । ଶ୍ରେୟାସଙ୍କ ନେତୃତ୍ୱରେ ଭାରତ ଟି-୨୦ ଯାତ୍ରା ଆରମ୍ଭ କରିବାକୁ ଯାଉଛି । ଟି-୨୦ ବିଶ୍ୱକପ ପରେ ଭାରତୀୟ ଦଳରେ ଅନେକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳୁଛି । ବିସିସିଆଇ ମଧ୍ୟ ବୈଭବଙ୍କ ଇଣ୍ଡିଆ ଜର୍ସି ପିନ୍ଧି ଥିବାର ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ସେୟାର କରିଛି ।

ଟିମ ମ୍ୟାନେଜମେଣ୍ଟ ପାଇଁ ସବୁଠୁ ବଡ଼ ଦ୍ୱନ୍ଦ୍ୱ ହେଉଛି ବୈଭବଙ୍କୁ ଚୂଡାନ୍ତ ଏକାଦଶରେ ଖେଳାଇବା । ଯଦି ତାଙ୍କୁ ଓପନର ଭାବେ ସୁଯୋଗ ମିଳେ ତେବେ ବର୍ତ୍ତମାନର ଓପନିଂ କମ୍ବିନେସନ ବଦଳିବାକୁ ପଡିବ । ସଞ୍ଜୁ ସାମସନଙ୍କ ନିକଟ ଅତୀତରେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ଟି-୨୦ ବିଶ୍ୱକପରେ ପ୍ଲେୟାର ଅଫ ଦ ଟୁର୍ଣ୍ଣାମେଣ୍ଟ ହୋଇଥିଲେ । ଅଭିଶେକ ଶର୍ମା ଡେବ୍ୟୁ କରିବା ପରଠାରୁ ଟି-୨୦ ଅନ୍ତର୍ଜାତୀୟରେ ଦ୍ୱିତୀୟ ସର୍ବାଧିକ ରନକାରୀ ବ୍ୟାଟର ହୋଇଛନ୍ତି । ଦଳରେ ଇଶାନ ମଧ୍ୟ ଅଛନ୍ତି । ମିଡିଲ ଅର୍ଡରରେ ସେୟାର ଆୟାର ଖେଳିବା ନିଶ୍ଚିତ । ଏଭଳି ପରିସ୍ଥିତିରେ ଯଦି ବୈଭବ ଓପନିଂ କରନ୍ତି, ତେବେ ଅଭିଶେକ, ସଞ୍ଜୁ କିମ୍ବା ଇଶାନଙ୍କ ମଧ୍ୟରୁ ଜଣକୁ ବାହାରେ ବସିବାକୁ ପଡିପାରେ ।


ସମୟ | ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id-com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି